୬ ଆଇପିଏଲ୍ ନିୟମରେ ପରିବର୍ତ୍ତନ କରିବାକୁ ତେନ୍ଦୁଲକରଙ୍କ ବଡ଼ ପ୍ରସ୍ତାବ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଋଣଂ କୃତ୍ୱା ଘୃତଂ ପିବେତ୍ | 8 Pages, ₹2.00 | ମୂଲ୍ୟ : ୨.୦୦ ଟଙ୍କା

• ବର୍ଷ–୩୩ • ସଂଖ୍ୟା–୧୨୧ • ୧ ଜୁନ ୨୦୨୬ ସୋମବାର • ଭୁବନେଶ୍ୱର • Vol -33 • Issue-121 • 1st June 2026, Monday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ୧୩୪ତମ 'ମନ୍ କି ବାତ୍'

# ଓଡ଼ିଶାର ବେଲପଣା ଓ ଆମ୍ବକୁ ପ୍ରଶଂସା କଲେ ମୋଦୀ



**ନୂଆଦିଲ୍ଲୀ, ୩୧ ।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ୍' ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଏହି ସମ୍ବୋଧନରେ ଓଡ଼ିଶାର ବେଲପଣାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଦେଶର ବିଭିନ୍ନ ପାରମ୍ପାରିକ ପାନୀୟର ଚର୍ଚ୍ଚା ବେଳେ ଓଡ଼ିଶାର ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବକୁ ବେସ୍ ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ । ଦେଶର ଆର୍ଥିକ ସ୍ଥିତିକୁ ମଜଭୁତ୍ କରୁଛନ୍ତି ଆମ୍ବଚାଷୀ । ଅସହ୍ୟ ଖରା ହେଉଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ମୋଦୀ ।

ଶ୍ରୀ ମୋଦୀ କହିଥିଲେ ଯେ, ଗ୍ରୀଷ୍ମ ଋତୁରେ ପ୍ରାକୃତିକ ଓ ସ୍ଥାନୀୟ ପାନୀୟର ଚାହିଦା ବଢ଼ିଥାଏ । ଏହି ପାନୀୟ କେବଳ ଶରୀରକୁ ଥଣ୍ଡା ରଖେ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ହୋଇଥାଏ । ଦେଶର ବିଭିନ୍ନ ଅଞ୍ଚଳରେ ମିଳୁଥିବା ପାରମ୍ପରିକ ପାନୀୟ ମଧ୍ୟରେ ଓଡ଼ିଶାର ବେଲପଣା ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି ବୋଲି ସେ କହିଥିଲେ । ବେଲ ଫଳରୁ ପ୍ରସ୍ତୁତ ଏହି ପାନୀୟ (ପୃଷ୍ଠା ୭ରେ)

## ଲୋକଭବନରେ ରାଜ୍ୟପାଳଙ୍କ ସହ 'ମନ୍ କି ବାତ୍' ଶୁଣିଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୩୧ ।୫**
**ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଭିନ୍ନ ବିଭାଗର ମନ୍ତ୍ରୀ, ରାଜ୍ୟର ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳର କୁଳପତିମାନେ ଲୋକ ଭବନର ନ୍ୟୁଅଭିଷେକ ହଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ୍' ଶୁଣିଛନ୍ତି ।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମ ସମୟରେ ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି, (ପୃଷ୍ଠା ୭ରେ)

# ଗୁଜରାଟକୁ ହରାଇ ଲଗାତର ଦ୍ୱିତୀୟ ଥର ଚାମ୍ପିଅନ ହେଲା ଆର୍‌ସିବି



**ଅହମଦାବାଦ, ୩୧ ।୫**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ଯାତ୍ରା ରବିବାର ଶେଷ ହୋଇଛି । ଗତ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ଯବନିକା ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ପଡ଼ିଛି, ଯେଉଁଠି ଗୁଜରାଟ ଟାଇଟନ୍ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ କରି ଚାମ୍ପିଅନ ହୋଇଛି । ୧,୩୨,୦୦୦ରୁ ଅଧିକ ଦର୍ଶକ, କ୍ରୀଡ଼ାପ୍ରେମୀ, ପ୍ରଶଂସକ, କଳାକାରଙ୍କ ଉପସ୍ଥିତିରେ ବେଙ୍ଗାଲୁରୁ ଉଭୟ ବୋଲିଂ ଏବଂ (ପୃଷ୍ଠା ୭ରେ)

# କୋଠାରେ ଭୟଙ୍କର ବିସ୍ଫୋରଣ: ୫୫ରୁ ଉର୍ଦ୍ଧ୍ୱ ମୃତ

**ନାଏପିଡ, ୩୧ ।୫**

ଉତ୍ତର-ପୂର୍ବ ମିଆଁମାରରେ ଖଣି ବିସ୍ଫୋରକ ସଂରକ୍ଷଣ କରୁଥିବା ଏକ କୋଠାରେ ରବିବାର ମଧ୍ୟାହ୍ନରେ ଭୟଙ୍କର ବିସ୍ଫୋରଣ ଘଟି ୫୫ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି ଓ ପ୍ରାୟ ୭୦ ଜଣ ଆହତ ହୋଇଛନ୍ତି । ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମୀ ଓ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଆଧାରରେ ସୂଚନା ଦେଇଛି ଯେ, ଚୀନ୍ ସୀମାଠାରୁ ପ୍ରାୟ ୩ କିଲୋମିଟର ଦକ୍ଷିଣରେ ଥିବା ନାମ୍‌ହକାମ୍ ଟାଉନସିପ୍‌ର କୌଙ୍ଗଟୁପ୍ ଗାଁରେ ମଧ୍ୟାହ୍ନ ସମୟରେ ଏହି ବିସ୍ଫୋରଣ ଘଟିଥିଲା ।

ଏହି ଅଞ୍ଚଳଟି ମ୍ୟାଁମାରର ସାମରିକ ନେତୃତ୍ୱାଧୀନ ସରକାରଙ୍କ ସହିତ ଲଢୁଥିବା ଏକ ସଶସ୍ତ୍ର ଗୋଷ୍ଠୀ ତାଆଙ୍ଗ୍ ନ୍ୟାସନାଲ୍ ଲିବରେସନ୍ ଆର୍ମି (ଟିଏନ୍‌ଏଲ୍‌ଏ) ନିୟନ୍ତ୍ରଣରେ ରହିଛି ।



ବିସ୍ଫୋରଣର କାରଣ ତୁରନ୍ତ ଜଣାପଡିନାହିଁ । ତଥାପି ବିସ୍ଫୋରଣ ଘଟିଥିବା କୋଠାରେ ଖଣି କାର୍ଯ୍ୟ ପାଇଁ ବ୍ୟବହୃତ ବିସ୍ଫୋରକ ଗଚ୍ଛିତ ଥିବା ରିପୋର୍ଟ ହୋଇଛି । ରବିବାର ସନ୍ଧ୍ୟାରେ ବିସ୍ଫୋରଣ ସ୍ଥଳରୁ ୬ ଜଣ ଶିଶୁଙ୍କ ସମେତ ୪୬ଟି ମୃତଦେହ ଉଦ୍ଧାର କରି ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିବା ଜଣେ ଉଦ୍ଧାରକାରୀ ସୂଚନା ଦେଇଛନ୍ତି ।

ଉଦ୍ଧାରକାର୍ଯ୍ୟ ଜାରି ରହିଥିବାବେଳେ ଆହତ ୭୪ ଜଣଙ୍କୁ ଟାଉନସିପ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବିସ୍ଫୋରଣ ଯୋଗୁ ୧୦୦ରୁ ଅଧିକ ଘର ନଷ୍ଟ ହୋଇଯାଇଥିବା କୁହାଯାଇଛି । ଶାନ୍ ରାଜ୍ୟର ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମୃତ୍ୟୁ ସଂଖ୍ୟା ୫୦ ରୁ ୫୫ ମଧ୍ୟରେ ରିପୋର୍ଟ କରିଛନ୍ତି । ଏହି ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରକାଶିତ ଫଟୋ ଓ ଭିଡିଓଗୁଡ଼ିକ ଘଟଣାସ୍ଥଳରୁ ଘନ ଧୂଆଁ ବାହାରୁଥିବା ଓ ନିକଟବର୍ତ୍ତୀ ଆବାସିକ ଅଞ୍ଚଳରେ ବ୍ୟାପକ ଧ୍ୱଂସ ଦେଖାଯାଇଛି । ଚୀନର ସରକାରୀ ପ୍ରସାରକ ସିସିଟିଭି ଅନେକ ମୃତାହତ ହୋଇଥିବା ରିପୋର୍ଟ କରିଛି ।

## ଦେଶର ତୃତୀୟ ସିଡିଏସ୍ ଭାବେ ଦାୟିତ୍ୱ ଗ୍ରହଣ କଲେ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣ୍ୟମ୍

**ନୂଆଦିଲ୍ଲୀ, ୩୧ ।୫**

ଜେନେରାଲ ଏନ୍. ଏସ୍. ରାଜା ସୁବ୍ରମଣ୍ୟମ ରବିବାର ଦେଶର ତୃତୀୟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସି. ଡି. ଏସ୍.) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସାଉଥ୍ ବ୍ଲକ୍ ଲନ୍ ଠାରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । (ପୃଷ୍ଠା ୭ରେ)

## ସାମାଜିକ ଗୃହ ନିର୍ମାଣର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ଉଷା ପାଢ଼ୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୧ ।୫**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ସାରା ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ । ଏଥିପାଇଁ ବିଭିନ୍ନ ବୃହତ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରିବାକୁ ଏକ ରଣନୀତି ପ୍ରସ୍ତୁତ କରାଯାଇଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଏସଏଚବିର ଚାଲୁ ରହିଥିବା ଏବଂ ଆଗାମୀ



ପ୍ରକଳ୍ପଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ବୋର୍ଡର ଅଗ୍ରଗତି ଏବଂ ଆଗାମୀ ରୋଡମ୍ୟାପ୍ ଉପସ୍ଥାପନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଏସଏଚବିର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ ସୂଚନା ଦେଇଛନ୍ତି ଯେ, (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପରେ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟର ପ୍ରଗତି ରିପୋର୍ଟ ଉପରେ ଚର୍ଚ୍ଚା ଜୋରଦାର ।
- ଭୁବନେଶ୍ୱରରେ ଆୟୋଜିତ ଶିକ୍ଷା ଓ ପ୍ରଯୁକ୍ତି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଶିକ୍ଷା ପ୍ରଣାଳୀ ଉପରେ ବିଶେଷ ଗୁରୁତ୍ୱ ।
- କେନ୍ଦୁଝରରେ ଦୁଇଟି ହାତୀଙ୍କ ଉତ୍ପାତରେ ଗ୍ରାମାଞ୍ଚଳରେ ଭୟ ଓ ଚିନ୍ତାର ପରିବେଶ ସୃଷ୍ଟି ।
- ୭ ଦିନ ଧରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବଜ୍ରପାତ, କୁଆପଥର ବର୍ଷା ଓ ପ୍ରବଳ ପବନର ସତର୍କତା ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୭୦୪ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୯୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୭୮ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୮୦ (+୦)

## ଥାନାରେ ଥାର୍ଡ ଡିଗ୍ରୀ ଘଟଣା ବଦଳିଲେ ବାରଙ୍ଗ ଥାନା ଆଇଆଇସି

**କଟକ, ୩୧ ।୫**
**ନ୍ୟୁଜ୍ ବ୍ୟୁରୋ**

ବଦଳିଲେ ବାରଙ୍ଗ ଥାନା ଆଇଆଇସି ନିରଞ୍ଜନ ବେହେରା । ତାଙ୍କୁ କଟକ ଡିସିପି ଅଫିସ୍‌କୁ ବଦଳି କରାଯାଇଛି । ପୁରୀଘାଟ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକଙ୍କୁ ବାରଙ୍ଗ ଆଇଆଇସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

ଏଠାରେ ସୂଚନାଯୋଗ୍ୟ, ଜଣେ ଯୁବକଙ୍କୁ ଥାନାରେ ନିର୍ଯାତନା ଦେବା ଅଭିଯୋଗ ହୋଇଥିଲା । ଅଭିଯୋଗର ତଦନ୍ତ ପରେ ପୁଲିସ କମିଶନର ନିରଞ୍ଜନ ବେହେରାଙ୍କୁ ବାରଙ୍ଗ ଥାନାରୁ ହଟାଇ ସିପି ହେଡକ୍ୱାର୍ଟରକୁ ବଦଳି କରିଛନ୍ତି । ତାଙ୍କ ସ୍ଥାନରେ ବିଶ୍ୱରଞ୍ଜନ ନାୟକଙ୍କୁ ନୂଆ ଆଇଆଇସି ଭାବେ ଦାୟିତ୍ୱ ଦିଆଯାଇଛି ।

## ଅନ୍‌ସ୍କ୍ରିନ୍ ମାର୍କିଂ ବିବାଦ : ସୁରକ୍ଷାରେ ତ୍ରୁଟି ଥିବା ମାନିଲା ସିବିଏସ୍‌ଇ

**ନୂଆଦିଲ୍ଲୀ, ୩୧ ।୫**

ଅନସ୍କ୍ରିନ ମାର୍କିଂ (ଓଏସ୍‌ଏମ୍)କୁ ନେଇ ବିବାଦ ଚାଲିଥିବାବେଳେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଶେଷରେ ନିରବତା ଭାଙ୍ଗିଛି । ଏକ୍ସରେ ଏକ ବୟାନରେ ବୋର୍ଡ କହିଛି ଯେ, ଦୁଇଥର ହ୍ୟାକ୍ ହେବା ପରେ ସେମାନେ ଏହାର ସେବା ପ୍ରଦାନକାରୀଙ୍କ ଓଏସ୍‌ଏମ୍ ପୋର୍ଟାଲରେ ଚିହ୍ନଟ ହୋଇଥିବା ଦୁର୍ବଳତା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।


ସିବିଏସ୍‌ଇ ଏକ ସରକାରୀ ବିବୃତିରେ କହିଛି ଯେ, ବିଭିନ୍ନ ସରକାରୀ ଏଜେନ୍ସି ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସାଇବର ସୁରକ୍ଷା ପ୍ରଫେସନାଲମାନଙ୍କର ଏକ ବିଶେଷଜ୍ଞ ଦଳ ଗତ କିଛିଦିନ ଧରି ସିଷ୍ଟମର ସୁରକ୍ଷା ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ବୋର୍ଡ ଅନୁଯାୟୀ, ଚିହ୍ନଟ ହୋଇଥିବା ଦୁର୍ବଳତାକୁ ଏଡ଼ାଇବା ପାଇଁ ଉଦ୍ୟମ ଚାଲିଛି ।

ପୋର୍ଟାଲକୁ ଅଧିକ ସୁରକ୍ଷିତ ସେଟ୍‌ଅପ୍‌କୁ ସ୍ଥାନାନ୍ତର କରାଯାଉଛି । ବୋର୍ଡ ସଚେତନ ନାଗରିକ ଓ ନୈତିକ ହ୍ୟାକରମାନଙ୍କୁ ଧନ୍ୟବାଦ ଦେଇଛି ଯେଉଁମାନେ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ଉପରେ ଏହାର ଦୃଷ୍ଟି ଆକର୍ଷଣ କରିଛନ୍ତି । ସିବିଏସ୍‌ଇ କହିଛି ଯେ ଏହା ଏହି ବ୍ୟକ୍ତିବିଶେଷଙ୍କ ମଧ୍ୟରୁ କେତେକଙ୍କ ସହ ସିଧାସଳଖ ଯୋଗାଯୋଗ କରିସାରିଛି ଏବଂ ସିଷ୍ଟମର ସୁରକ୍ଷାରେ ଉନ୍ନତି ଆଣିବାରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିଛି ।

## ନୌସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ

**ନୂଆଦିଲ୍ଲୀ, ୩୧ ।୫**

ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ରବିବାର ଦେଶର ୨୭ତମ ନୌସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ କହିଛନ୍ତି ଯେ ସେ ତାଙ୍କ ଜୀବନର ପ୍ରତ୍ୟେକ ଦିନ ନୌସେନାକୁ ଉନ୍ନତ, ଶକ୍ତିଶାଳୀ, ଦ୍ରୁତ ଏବଂ ଅଧିକ ପ୍ରଭାବଶାଳୀ କରିବା ପାଇଁ ଉତ୍ସର୍ଗ କରିବେ, ଯାହାଦ୍ୱାରା ଏହା ଜାତୀୟ ସୁରକ୍ଷା ତଥା ଜାତୀୟ ବିକାଶର ସ୍ୱାର୍ଥ ସାଧନ କରିପାରିବ । ତାଙ୍କର ସର୍ବୋଚ୍ଚ ପ୍ରାଥମିକତା ହେବ ଏହା ସୁନିଶ୍ଚିତ କରିବା ଯେ ଭାରତୀୟ ନୌସେନା ସର୍ବୋଚ୍ଚ ସ୍ତରର ପରିଚାଳନା ପ୍ରସ୍ତୁତି ଏବଂ ଯୁଦ୍ଧ ପ୍ରଭାବଶୀଳତା ବଜାୟ ରଖିବ ଯାହା ଦ୍ୱାରା ଏହା ଦେଶର ସୁରକ୍ଷା ଏବଂ ଅର୍ଥନୈତିକ ସ୍ୱାର୍ଥ (ପୃଷ୍ଠା ୭ରେ)




## ଏକାଳ ପଖାଳ




ଖରାରେ ଯେତିକି ବାମ୍ଫ ବାହାରୁଛି
ସେଥିରେ କମ୍ କି ଦୁଃଖ
କାଳବୈଶାଖୀ ଝଡ ବରଷାରେ
ଭାଗ୍ୟରେ ଧୋଉଛି ସୁଖ !
ଉଜୁଡା କର୍ମର ଶୋକ
ବେଳଥାଉ ଥାଉ ବୁଝୁ ତୁ ମଣିଷ
ନହେଲେ ଦେଖିବୁ ନର୍କ ।

## ବ୍ୟବସାୟିକ ଯୌନ ଶୋଷଣର ଶିକାର ବ୍ୟକ୍ତି ନାବାଳିକା ହେଲେ ପୋକ୍ସୋ ଆଇନ ଲାଗୁ ହେବ



**ନୂଆଦିଲ୍ଲୀ, ୩୧ ।୫**

ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ଅନୈତିକ ଟ୍ରାଫିକ୍ (ନିବାରଣ) ଆଇନ (ଆଇଟିପିଏ) ବ୍ୟତୀତ ନାବାଳିକାଙ୍କ ବ୍ୟବସାୟିକ ଯୌନ ଶୋଷଣ (ସିଏସ୍‌ଇ) ସହ ଜଡିତ ଚାଲାଣକାରୀଙ୍କ ବିରୋଧରେ କଠୋର ପୋକ୍ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି ।

ଜଷ୍ଟିସ୍ ଜେବି ପାର୍ଦିୱାଲା ଓ ଜଷ୍ଟିସ୍ ଆର୍ ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଚାଲାଣ ମାମଲାରେ ଆଇନର ପ୍ରୟୋଗ ପୀଡିତାଙ୍କ ବୟସ, ଚାଲାଣକାରୀଙ୍କ ଦ୍ୱାରା ବ୍ୟବହୃତ ପଦ୍ଧତି ଓ ଶୋଷଣର ପ୍ରକୃତି ଉପରେ ନିର୍ଭର କରେ । ମାନବ ଚାଲାଣକୁ ରୋକିବା ଏବଂ ବ୍ୟବସାୟିକ ଯୌନ ଶୋଷଣର ଶିକାର ହୋଇଥିବା ଲୋକଙ୍କୁ ସୁରକ୍ଷା ଦେବା ପାଇଁ କଠୋର ପଦକ୍ଷେପ ନେବାକୁ ଏନ୍‌ଜିଓ ପ୍ରଜ୍ୱଳ ଦ୍ୱାରା ଆବେଦନର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଆଇନଗତ ଢାଞ୍ଚାକୁ ସ୍ପଷ୍ଟ କରି ଖଣ୍ଡପୀଠ କହିଛନ୍ତି ଯେ, ଜବରଦସ୍ତି, ପ୍ରତାରଣା କିମ୍ବା ଦୁର୍ବ୍ୟବହାର ସହ ଜଡିତ ମାମଲାରେ ଚାଲାଣ ପୀଡିତାଙ୍କ ସମ୍ମତିକୁ ପ୍ରତିରକ୍ଷା (ପୃଷ୍ଠା ୭ରେ)

## ଏନ୍‌କାଉଣ୍ଟର : ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ଜେନା ଆହତ

**ପୁରୀ, ୩୧ ।୫**
**ନ୍ୟୁଜ୍ ବ୍ୟୁରୋ**

ଶନିବାର ରାତିରେ ବାସେଲୀସାହି ଥାନା ପୋଲିସର ଏନକାଉଣ୍ଟର ଫଳରେ ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ଓରଫ ବିଷ୍ଣୁ ପ୍ରସାଦ ଜେନା ଆହତ ହୋଇଛି । ଥାନାରେ ଖବର ପହଞ୍ଚିଲା କିଛି ଯୁବକ ଅପରାଧିକ କାର୍ଯ୍ୟକଳାପ ପାଇଁ ଯୋଜନା କରୁଛନ୍ତି । ମଙ୍ଗଳାଘାଟ-ଷ୍ଟର୍ଲିଂ ରାସ୍ତାର ଓଁକାରଶ୍ୱର ମନ୍ଦିର ନିକଟରେ କିଛି ଯୁବକ ବୁଲୁଛନ୍ତି । ପୋଲିସ ଗାଡି ଦେଖି ସେମାନେ ଦଉଡି ପଳାଇଥିଲେ । ମଟରସାଇକେଲରେ ଯିବାବେଳେ ଚନ୍ଦନ ପଡ଼ିଯାଇଥିଲା । (ପୃଷ୍ଠା ୭ରେ)



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧ ଜୁନ୍, ୨୦୨୬ ସୋମବାର





# ଚମ୍ପୁଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ବେପରୁଆ ପାର୍କିଂକୁ ନେଇ ବଢୁଛି ଅସନ୍ତୋଷ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**



ଚମ୍ପୁଆ ଏନଏସି ଅନ୍ତର୍ଗତ ଚମ୍ପୁଆ ବସ୍ ଷ୍ଟାଣ୍ଡ ସମ୍ମୁଖ ଜାତୀୟ ରାଜପଥ ଉପରେ ବସ୍ ଏବଂ ଅଟୋ ଚାଳକମାନଙ୍କ ବେପରୁଆ ପାର୍କିଂ ଯୋଗୁଁ ପ୍ରତିଦିନ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗଜନକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଯାତ୍ରୀ ଉଠାଇବା ଓ ଓହ୍ଲାଇବା ଆଳରେ ରାସ୍ତା ମଝିରେ ଗାଡ଼ିଗୁଡ଼ିକୁ ଅଟକାଇ ରଖାଯାଉଥିବାରୁ ଏହି ପ୍ରମୁଖ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଏହି ଜାତୀୟ ରାଜପଥଟି ଅଣଓସାରିଆ ହୋଇ ଥିବା ବେଳେ ବସ୍ ଓ ଅଟୋ ଚାଳକମାନେ ନିର୍ଦ୍ଧାରିତ ପାର୍କିଂ ସ୍ଥଳ ବ୍ୟବହାର ନକରି, ମୁଖ୍ୟ ରାଜପଥ ଉପରେ ହିଁ ବେଆଇନ ଭାବେ ଗାଡ଼ିଗୁଡ଼ିକୁ ଲମ୍ବା ଧାଡ଼ିରେ ଠିଆ କରୁଛନ୍ତି। ଅଧିକ ଯାତ୍ରୀ ପାଇବା ଆଶାରେ ବସ୍‌ଷ୍ଟାଣ୍ଡକୁ ଛାଡ଼ି ବସ୍ ଓ ଅଟୋବାଲାଙ୍କ ମଧ୍ୟରେ ରାସ୍ତା ଉପରେ ହିଁ ମନମାନି ଓ ପ୍ରତିଯୋଗିତା ଚାଲୁଛି। ଯାହା ଫଳରେ ସାଧାରଣ ପରିବହନ ସମ୍ପୂର୍ଣ୍ଣ ଜାମ୍ ହୋଇଯାଉଛି। ଜାତୀୟ ରାଜପଥରେ ଗାଡ଼ି ଅଟକାଇବା ନିଷେଧ ଥିଲେ ମଧ୍ୟ ଏହାକୁ ବେଖାତିର କରାଯାଉଛି। ଅନ୍ୟ ପକ୍ଷେ ଚମ୍ପୁଆ ଏକ ଖଣି ପ୍ରବଣ ଅଞ୍ଚଳ ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଭାରୀଯାନ (ଟ୍ରକ୍ ଓ ହାଇୱା) ଯାତାୟାତ କରିଥାଏ। ବସ୍-ଅଟୋର ଏଭଳି ମନମାନି ଯୋଗୁଁ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ସାଧାରଣ ପଥଚାରୀଙ୍କ ଜୀବନ ବିପଦପୂର୍ଣ୍ଣ ହେଉଛି। ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ରାସ୍ତା ଜାମ୍ ରହୁଥିବାରୁ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବାହିନୀ ଭଳି ଜରୁରୀକାଳୀନ ଗାଡ଼ିଗୁଡ଼ିକ ଠିକ୍ ସମୟରେ ପହଞ୍ଚିପାରୁ ନଥିବା ଅଭିଯୋଗ ହେଉଛି। ସକାଳ ଏବଂ ସନ୍ଧ୍ୟାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ବିଭିନ୍ନ କାର୍ଯ୍ୟାଳୟକୁ ଯାଉଥିବା କର୍ମଚାରୀଙ୍କ ସମେତ ଜନସାଧାରଣ ଚମ୍ପୁଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବସ୍ ଏବଂ ଅଟୋ ଚାଳକଙ୍କ ଏଭଳି ବେପରୁଆ ପାର୍କିଂ ଯୋଗୁଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥ ଭଳି ଏକ ବ୍ୟସ୍ତବହୁଳ ରାସ୍ତାରେ ଏପରି ବେପରୁଆ ଗାଡ଼ି ପାର୍କିଂ ଦୁର୍ଘଟଣାର ଆଶଙ୍କାକୁ ଦ୍ୱିଗୁଣିତ କରୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ବସ ଏବଂ ଅଟୋ ବାଲାଙ୍କ ମନମାନି ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ତେଣୁ ଅଟୋଗୁଡିକ ପାଇଁ ଜାତୀୟ ରାଜପଥ ଠାରୁ ଦୂରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହିତ ବସଗୁଡ଼ିକ ବସ୍ ଷ୍ଟାଣ୍ଡ ଭିତରେ ହିଁ ଛିଡ଼ା କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ତା ସହିତ ବସ୍‌ଷ୍ଟାଣ୍ଡ ଉପରେ ବେଆଇନ ଭାବେ ରାଜପଥ ଉପରେ ଗାଡ଼ି ରଖୁଥିବା ଅମାନିଆ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ମୋଟା ଅଙ୍କର ଜରିମାନା ଆଦାୟ କରାଯିବା ଦିଗରେ ସ୍ଥାନୀୟ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# 'ପ୍ରେଗାବାଲିନ୍'ର ଅବାଧ ବିକ୍ରି ଉପରେ ଲାଗିବ ରୋକ୍ : ୬ ମାସ ମଧ୍ୟରେ ଲାଗୁ ହେବ ନିୟମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ସ୍ନାୟୁଗତ ଯନ୍ତ୍ରଣା ପାଇଁ ବିକ୍ରି ହେଉଥିବା 'ପ୍ରେଗାବାଲିନ୍' ଔଷଧକୁ ଆଉ ଔଷଧ ଦୋକାନୀମାନେ ଅବାଧରେ ବିକ୍ରି କରିପାରିବେ ନାହିଁ। କେବଳ ପ୍ରେସ୍କ୍ରିପସନ ଦେଖାଇଲେ ହିଁ ଏହି ଔଷଧ ମିଳିବ। ଏନେଇ କେନ୍ଦ୍ର ସରକାର ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଆସନ୍ତା ୬ ମାସ ମଧ୍ୟରେ ଏନେଇ ନୂଆ ନିୟମ ଲାଗୁ ହେବ। 'ପ୍ରେଗାବାଲିନ୍'କୁ ଯୁବ ପିଢ଼ିଙ୍କ ଦ୍ୱାରା ନିଶା ପାଇଁ ବ୍ୟବହାର ହେଉଥିବା ଜଣାପଡ଼ିବା ପରେ ଏଥିରେ ରୋକ ଲଗାଇବାକୁ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଛନ୍ତି। ଏନେଇ କେନ୍ଦ୍ର ସରକାର ମେ' ୧୩ରେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସରକାରୀ ନୋଟେ ନୂଆ ନିୟମ ପ୍ରକାଶ ପାଇବାର ୬ ମାସ ପରେ ଏହା ସାରା ଦେଶରେ କାର୍ଯ୍ୟକାରୀ ହେବ। ଔଷଧ ନିର୍ମାତା, ବିତରକ, ହୋଲସେଲର, ରିଟେଲର ଏବଂ ଫାର୍ମାସିଷ୍ଟଙ୍କ ସମେତ ସମସ୍ତ ଅଂଶୀଦାରଙ୍କୁ ବିଜ୍ଞପ୍ତିର ସମସ୍ତ ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରଗ୍ସ ଏବଂ କସମେଟିକ୍ସ ନିୟମ ୧୯୪୫ ଅଧୀନରେ ପୂର୍ବରୁ ଥିବା 'ସିଡ୍ୟୁଲ୍ ଏଚ୍'ରେ ଥିବା ପ୍ରେଗାବାଲିନ୍‌କୁ 'ସିଡ୍ୟୁଲ୍ ଏଚ୍-୧' ଅଧୀନକୁ ଅଣାଯାଇଛି। ନୂଆ ସଂଶୋଧିତ ବର୍ଗୀକରଣ ଅନୁଯାୟୀ, ପ୍ରେଗାବାଲିନ୍ କେବଳ ପଞ୍ଜୀକୃତ ଚିକିତ୍ସକଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରେସ୍କ୍ରିପସନ ଆଧାରରେ ହିଁ ଦୋକାନୀ ବିକ୍ରି କରିପାରିବେ। ଖୁଚୁରା ବ୍ୟବସାୟୀ ପ୍ରେସ୍କ୍ରିପସନ୍ ଓ ବିକ୍ରିର ବିବରଣୀ ଲିପିବଦ୍ଧ କରିବା ପାଇଁ ଏକ ସ୍ୱତନ୍ତ୍ର ରେଜିଷ୍ଟର ରଖିବେ। ଔଷଧ କମ୍ପାନୀ ଉତ୍ପାଦ ପ୍ୟାକେଜିଂ ଉପରେ ସ୍ପଷ୍ଟ ଭାବରେ ସିଡ୍ୟୁଲ୍ ଏଚ୍-୧ ଔଷଧ ବୋଲି ଚେତାବନୀ ଲେବଲ୍ ପ୍ରଦର୍ଶନ କରିବେ।

## ଜରାଜୀର୍ଣ୍ଣ ତୁଳସୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଣ୍ଡାରିପୋଖରୀ ବ୍ଲକ ସରସଡା ପଞ୍ଚାୟତ ତୁଳସୀପୁରକୁ ନିର୍ମାଣ କରାଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାଟି ପାଖାପାଖି ଦୁଇ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସାହାରାପଡ଼ିଆ ଛକ ଠାରୁ ତୁଳସୀପୁର ଗାଁ ଦେଇ ରଣଡିହ ଅତିକ୍ରମ କରି ବରଦା ବଜାରକୁ ଉକ୍ତ ରାସ୍ତାଟି ସଂଯୋଗ ହୋଇଛି। କିଛିବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତାର ଅର୍ଦ୍ଧାଧିକ ଭାଗ କଂକ୍ରିଟ ନିର୍ମାଣ ହୋଇଥିବା ବେଳେ ଆଉ ଅଧେ ପିଚ୍ ନିର୍ମିତ ହୋଇ ଥିଲା। ଇତିମଧ୍ୟରେ ରାସ୍ତା ମରାମତି ସମୟସୀମା ମଧ୍ୟ ଶେଷ ହୋଇଯାଇଛି। ୨୦୨୫ ମସିହା ଜାନୁଆରୀ ମାସରୁ ଯୋଜନା ମୁତାବକ ରାସ୍ତା ରକ୍ଷଣାବେକ୍ଷଣ ବାବଦରେ ଟଙ୍କା ଆଉ ଖର୍ଚ୍ଚ ସରିଛି। ଏହାପରେ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଆଉ ରାସ୍ତା ମରାମତି ହେଉନାହିଁ। ବିଶେଷ କରି ଏବେ ରଣଡିହ ଠାରୁ ବରଦା ବଜାର ପୂର୍ବ ବିଭାଗ ରାସ୍ତା ଯାଏଁ ଏହି ପଥ ବିପଦ ସଂକୁଳ ପାଲଟିଛି। ପିଚ୍, ବକ୍ସରୀ ଓ ମେଟାଲ ଉଠିଯାଇଥିବା ବେଳେ ବାଇକ୍ ଓ ସାଇକେଲରେ ଯିବା କଷ୍ଟକର ହୋଇପଡୁଛି। ଦୈନିକ ଶହଶହ ଗ୍ରାମବାସୀ ଗମନାଗମନ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି।

## ପରମାଣପୁରରେ କିଷାନ ସମାଜ ମିଟିଂ ଗୃହ ନିର୍ମାଣ ପାଇଁ ଦାବି

**ଝାରସୁଗୁଡା, ନ୍ୟୁଜ୍ ବ୍ୟୁରୋ**

କୋଲାବିରା ବ୍ଲକ ଅଧିନସ୍ଥ ପରମାଣପୁର ଗ୍ରାମ ଉପର କିଷାନ ପାଦରେ ଗୋଟିଏ ମିଟିଂ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନିକଟରେ ୫୫୦ ଜାତି କିଷାନ ସମାଜ ଆଞ୍ଚଳିକ ଗୁଡ଼ି ପରମାଣପୁର ପକ୍ଷରୁ ଲିଖିତ ଅନୁରୋଧ କରାଯାଇଛି। ଲିଖିତ ଦାବିପତ୍ର ଅନୁଯାୟୀ, କୁଣହା ଜାତି ସମାଜର ଆଖପାଖ ୮ଟି ଗ୍ରାମକୁ ନେଇ ୫୫୦ ଜାତି କିଷାନ ସମାଜ ଆଞ୍ଚଳିକ ଗୁଡ଼ି ପରମାଣପୁର ଉପର କିଷାନ ପଡ଼ାରେ କାର୍ଯ୍ୟ କରୁଛି। ଏଠାରେ ବିଭିନ୍ନ ସ୍ଥାନରେ ଜାତି ସମାଜର ବୈଠକ, ନ୍ୟାୟ ନିଷ୍ପତ୍ତି ବୈଠକ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବୈଠକମାନେ ଆୟୋଜନ ହେଉଛି। ଏଣୁ ଉପର କିଷାନ ପଡ଼ାରେ ଜାତି ସମାଜର ଏକ ମିଟିଂ ଗୃହ ନିର୍ମାଣ କରାଗଲେ କିଷାନ ସମାଜର ୮ଟି ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ଆଞ୍ଚଳିକ ଗୁଡ଼ିର ସଭାପତି ଅଭିମନ୍ୟୁ କିଷାନଙ୍କ ସହ ଅନ୍ୟ ସଦସ୍ୟ ବିଧାୟକଙ୍କୁ ଲିଖିତ ଅନୁରୋଧ ଜଣାଇଛନ୍ତି। ଏହା ଉପରେ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# କେନ୍ଦ୍ରୀୟ ଭତ୍ତା ବନ୍ଦ : ଧାମନଗର ବ୍ଲକ୍‌ର ୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ହନ୍ତସନ୍ତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସାମାଜିକ ସୁରକ୍ଷା ଅଧୀନରେ ବିଭିନ୍ନ ପ୍ରକାରର ଭତ୍ତା ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ବନ୍ଦ ଯୋଗୁଁ ଧାମନଗର ବ୍ଲକ୍‌ରେ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଓ ଆଧାର ଏନାବୁଲଡ ପେମେଣ୍ଟ ସିଷ୍ଟମ ମାଧ୍ୟମରେ ମିଳୁଥିବା ଏହି ଭତ୍ତା ଟଙ୍କା ଗତ ଦୁଇ ମାସ ହେଲା ହିତାଧିକାରୀଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟାଲ ଆକାଉଣ୍ଟକୁ ଆସୁନାହିଁ। ଫଳରେ ଭତ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନେ ଚରମ ହଇରାଣ ହେଉଛନ୍ତି। ବିଶେଷ କରି ଚଳିତ ମାସରେ ବାହାଘର, ବ୍ରତଘର ଏବଂ ଓଡ଼ିଆଙ୍କ ବଡ଼ ପର୍ବ 'ସାବିତ୍ରୀ ବ୍ରତ' ଥିବାରୁ, ଅସହାୟ ବୃଦ୍ଧବୃଦ୍ଧାମାନେ ଝିଅ ଘରକୁ ସାବିତ୍ରୀ ଭାର ବେଭାର ଦେବା ପାଇଁ ଅନ୍ୟ ସାଧନ ନପାଇ ଗଭୀର ମାନସିକ ଚିନ୍ତାରେ ଗତି କରୁଛନ୍ତି। ଧାମନଗର ବ୍ଲକ୍‌ରେ ମୋଟ ଦୁଇ ପ୍ରକାରର ଭତ୍ତା ବ୍ୟବସ୍ଥା ଚାଲିଛି। ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଏଠାରେ ୧୭,୧୭୯ ଜଣ ହିତାଧିକାରୀ ଅଛନ୍ତି। ସେମାନଙ୍କୁ ପ୍ରତି ମାସ ୧୫ ତାରିଖ 'ଜନସେବା ଦିବସ'ରେ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଓ ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ନିୟମିତ ନଗଦ ଟଙ୍କା ବଣ୍ଟନ କରାଯାଉଛି। କେବେ କେବେ ଏଥିରେ ୫-୭ ଦିନ ବିଳମ୍ବ ହେଲେ ମଧ୍ୟ ସେମାନେ ଟଙ୍କା ପାଉଛନ୍ତି। ଅପରପକ୍ଷେ, କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ୯,୨୮୬ ଜଣ ହିତାଧିକାରୀ ରହିଛନ୍ତି, ସେଥି ମଧ୍ୟରୁ ୧୪୪୦ ଜଣ ହିତାଧିକାରୀ ୩୫୦୦ ଟଙ୍କା ପାଉଛନ୍ତି। ଯେଉଁମାନେ ସମ୍ପୂର୍ଣ୍ଣ ଭାବେ ବ୍ୟାଙ୍କ ଖାତା ଉପରେ ନିର୍ଭରଶୀଳ ଏବଂ ଏବେ ସେମାନେ ହିଁ ଦୁର୍ଦ୍ଦଶା ଭୋଗୁଛନ୍ତି। ତେବେ ଏପରି ଘଟଣା ନେଇ ବିଡ଼ିଓ ବନ ବିହାରୀ ଦିନ୍ଧା କହିଛନ୍ତି ଯେ କେନ୍ଦ୍ରୀୟ ଭତ୍ତା ମିଳିବାରେ ବିଳମ୍ବ ହେଉଛି ତେବେ ଏହା ଭିତରେ ମିଳିଯିବ ବୋଲି କହିଥିଲେ।

# ପ୍ରହସନ ପାଲଟିଛି ପଲିଥିନ କଟକଣା, ପ୍ରଶାସନ ଚଢ଼ଉ କରିବାକୁ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**



ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ। ଉଦ୍ଦେଶ୍ୟ ଥିଲା ପଲିଥିନର ବିପଦଜ୍ଜନକ ବ୍ୟବହାରକୁ ରୋକିବା। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା କୋରାପୁଟ ଜିଲ୍ଲାରେ ପ୍ରହସନ ପାଲଟିଛି। ବିଭିନ୍ନ ଦୋକାନ, ବଜାରରେ ପଲିଥିନ ଖୁଲମ୍‌ଖୁଲ୍ଲା ବିକ୍ରି ଚାଲିଛି। ମଝିରେ ମଝିରେ ଔପଚାରିକତା ପୂରଣ ପାଇଁ ଚଢଉ କରାଯାଉଛି। ଆଗକୁ ଏଥିପ୍ରତି ଧ୍ୟାନ ଦିଆନଗଲେ ଯଥା ପୂର୍ବଂ ତଥା ପରଂ ସ୍ଥିତି ସୃଷ୍ଟି ହେବା ଅବଶ୍ୟମ୍ଭାବୀ ବୋଲି ଆଲୋଚନା ହେଉଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ପଲିଥିନ ବ୍ୟାନ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ, ଯେଉଁ ପଲିଥିନ ଗୁଡିକ ଠିକ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡ଼ିକ ବ୍ୟବହାର ଉପଯୋଗୀ। ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଏହି ପଲିଥିନ ଗୁଡ଼ିକର ଉତ୍ପାଦନ ହୋଇପାରିବ ନାହିଁ। ଯଦି କେଉଁଠି ରହିଯାଇଛି ତେବେ ତାହାର କିଣା, ବିକା ଉପରେ ଅଙ୍କୁଶ ଲଗାଯାଇଛି। ଏପରିକି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ୍, ପ୍ଲେଟ୍, ଗ୍ଲାସ୍ ଆଦି ମଧ୍ୟ ବ୍ୟବହାର ହୋଇପାରିବ ନାହିଁ। ଯେଉଁ ପଲିଥିନ ର ସ୍ଥୁଳତା (ଥିକନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ। କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତ ମାନର ପଲିଥିନ ବ୍ୟବହାର କରାଯାଇପାରେ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା। ଏହି କଟକଣା ଲାଗୁପରେ ଜିଲ୍ଲାରେ ପ୍ରଥମେ କିଛି ଦିନ ନିର୍ଦ୍ଦେଶନାମାକୁ ଠିକ ଭାବେ ପାଳନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ଫାଇଲ ଭିତରେ ଚାପି ହୋଇଯାଇଛି। ବିଶେଷ କରି କୋରାପୁଟ ଜିଲ୍ଲାର ଜୟପୁର ସହର, କୋଟପାଡ଼, ସେମିଳିଗୁଡ଼ା, ବୈପାରିଗୁଡ଼ା, ବୋରିଗୁମ୍ମା, କୋରାପୁଟ, କୁନ୍ଦୁରାରେ ଅବାଧରେ ଚାଲିଛି ପଲିଥିନ ବିକ୍ରି। ପାନ ଦୋକାନ ଠାରୁ ଆରମ୍ଭ କରି ରାଶନ ଦୋକାନ, ଷ୍ଟେସନାରୀ ଦୋକାନ, ଜଳଖିଆ ଦୋକାନ, ପରିବା ଦୋକାନମାନଙ୍କରେ ବହୁଳ ମାତ୍ରାରେ ପଲିଥିନ କାରବାର ଖୋଲାଖୋଲି ଚାଲିଛି। ପଲିଥିନରେ ବରା, ପିଆଜି, ଉପମା, ତରକାରି, ଗୁପ୍‌ଚୁପ୍, ଚାଟ୍, ଚାଉମିନ ଧରି ଲୋକମାନେ ଯାଉଥିବା ବେଳେ ସବୁଠାରୁ ବଡ଼ କଥା ହେଲା ମନ୍ଦିରରେ ଅନ୍ନ ଭୋଗ ବିକ୍ରୟ କରାଯାଉଛି। ସେଠାରେ ପଲିଥିନରେ ଅନ୍ନ, ଡାଲି, ଡାଲମା, ବେସର, ଖଟା, ତରକାରି ପଲିଥିନରେ ଦିଆଯାଉଛି। ପଲିଥିନରେ ଭୋଗ ସାମଗ୍ରୀ ସହ ଫୁଲ, ଫଳ କଦଳୀ, କାକୁଡ଼ି, ଲେମ୍ବୁ ଓ ଇଲେକ୍ଟ୍ରି ସାମଗ୍ରୀ ସବୁ ଦିଆଯାଉଛି। ମାଛ ଦୋକାନରେ ପଲିଥିନରେ ମାଛ ଓ ଅଣ୍ଡା ଦୋକାନରେ ଅଣ୍ଡା ଦିଆଯାଉଥିବା ବେଳେ ଚା' ଦୋକାନରେ ଚା' ମଧ୍ୟ ପଲିଥିନରେ ଗ୍ରାହକଙ୍କୁ ଦିଆଯାଉଛି। ସାହି ଗଳି କନ୍ଦି ଓ ଛକ ମାନଙ୍କରେ ପଲିଥିନ ପଡିଥିବାର ଦେଖାଯାଉଛି। ରାଜ୍ୟ ସରକାର ପ୍ରଥମେ ଯେତେବେଳେ ପଲିଥିନ ବ୍ୟାନ ଘୋଷଣା କରିଥିଲେ, ସେତେବେଳେ କିଛିଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲାଗିଥିଲା। ପରବର୍ତ୍ତୀ ସମୟରେ ପୂର୍ବପରି ପଲିଥିନ ବ୍ୟବହାର ହେବାରେ ଲାଗିଛି। ସରକାର ପଲିଥିନ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉନଥିବାରୁ କାରବାର ବନ୍ଦ ହୋଇପାରୁନାହିଁ। ଅନ୍ୟପକ୍ଷରେ ଜୟପୁର ସହରରେ ପୌରସଂସ୍ଥା ପକ୍ଷରୁ ପଲିଥିନ ବନ୍ଦ ପାଇଁ ଏନଫୋର୍ସମେଂଟ କମିଟି ଗଠନ କରାଯାଇଥିଲା। କିନ୍ତୁ ଏହା କେବଳ କାଗଜକଲମରେ ସିମୀତ ବୋଲି କୁହାଯାଉଛି। ଚଢଉ ହେଉନଥିବାରୁ ପଲିଥିନ ପୂର୍ବପରି ବ୍ୟବହୃତ ହୋଇଚାଲିଛି। ଏନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏନେଇ ପ୍ରଶାସନ ତରଫରୁ ଚଢ଼ଉକୁ ଜୋରସୋର୍ କରିବାକୁ ଦାବି ହୋଇଛି। ବାରମ୍ବାର ଦାବି ହେବା ପରେ ଗତ ୨୦ ତାରିଖରେ ଜୟପୁର ପୌରପାଳିକା ପକ୍ଷରୁ ସହରର ପ୍ଲାଷ୍ଟିକ ଜରି ବିକ୍ରି କରୁଥିବା ୨ଟି ଦୋକାନରେ ଚଢଉ କରି ପଲିଥିନ ଜବତ କରିଥିବା ଜଣାପଡ଼ିଛି। ପୌର ଟିମ୍ ଦୈନିକ ବଜାର, ବେଲରୋଡ୍ ଏବଂ ଏମଜିରୋଡ୍‌ରେ ଥିବା ପଲିଥିନ ଦୋକାନ ଉପରେ ଚଢ଼ଉ କରିଥିଲେ। ୨ଟି ଦୋକାନରୁ ମୋଟ୍ ୭ ହଜାର ଟଙ୍କା ଆଦାୟ କରିଥିବା ସୂଚନା ଦେଇଛନ୍ତି।

# ଗ୍ରାମାଞ୍ଚଳରେ ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ବଢିବାରେ ଲାଗିଛି ମୃଦୁ ପାନୀୟ ବିକ୍ରି। ନାମିଦାମୀ କମ୍ପାନୀ ସହ ୩୦ରୁ ଊର୍ଦ୍ଧ୍ୱ ନନବ୍ରାଣ୍ଡ କମ୍ପାନୀର ମୃଦୁ ପାନୀୟ ମିଳୁଛି। ପୂର୍ବ ଅପେକ୍ଷା ନନବ୍ରାଣ୍ଡ ମୃଦୁ ପାନୀୟ ଅଧିକ ବିକ୍ରି ହେଉଛି। ନାମୀଦାମୀ କମ୍ପାନୀ ଠାରୁ କମ୍ ଦରରେ ମିଳୁଥିବାରୁ ଏହାକୁ ଅଧିକ ପସନ୍ଦ କରୁଛନ୍ତି ଗ୍ରାହକ। କୋରାପୁଟ ଜିଲ୍ଲାର ଜୟପୁର, ସିମିଳିଗୁଡା, ସୁନାବେଡା, ବୋରିଗୁମ୍ମା, କୋଟପାଡ଼ ମୁଖ୍ୟ ବଜାର ଅପେକ୍ଷା ଗ୍ରାମାଚଂଳରେ ସର୍ବାଧିକ ବିକ୍ରି ହେଉଛି। କିଛି ହୋଲସେଲ ବ୍ୟବସାୟୀ ଗାଁ ଗାଁ ବୁଲି ଦୋକାନଗୁଡିକରେ ଅଧିକ ଲାଭ ଆଶା ଦେଖାଇ ଦୋକାନରେ ନନ୍‌ବ୍ରାଣ୍ଡର ମୃଦୁ ପାନୀୟ ବିକ୍ରି କରୁଛନ୍ତି। କିନ୍ତୁ ଥଣ୍ଡା ପାନୀୟର ମାନ ପରୀକ୍ଷା ପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀ ତରଫରୁ କୌଣସି ଦିନ ଜିଲ୍ଲାରେ ଯାଞ୍ଚ୍ ହେଉନାହିଁ। ଯାହାର ସୁଯୋଗ ନେଇ ନାମୀଦାମୀ କମ୍ପାନୀ ଶହ ପ୍ରତିଯୋଗିତା କରୁଛନ୍ତି ନନବ୍ରାଣ୍ଡ ମୃଦୁ ପାନୀୟ ପ୍ରସ୍ତୁତ କରୁଥିବା କମ୍ପାନୀ ଓ ଖୁଚୁରା ବ୍ୟବସାୟୀ। ଗୋଟିଏ ବୋତଲ ପିଛା ୧୦ ଟଙ୍କାରେ ବିକ୍ରି କରୁଛନ୍ତି। ବେଧଡ଼କ ବିକ୍ରି ହେଉଛି ଅଣବ୍ରାଣ୍ଡେଡ୍ ମୃଦୁପାନୀୟ। ଏହା ପିଇବା ଯୋଗ୍ୟ କି ନାହିଁ, ତାହାର ଯାଞ୍ଚ୍ କରାଯାଉନି କି ଆଜି ପର୍ଯ୍ୟନ୍ତ ଗୋଟିଏ ଚଢ଼ଉ ହୋଇନାହିଁ। କେବଳ ମୃଦୁ ପାନୀୟ ନୁହେଁ, ନିମ୍ନମାନର ପାଣି ବିକ୍ରି ହେଉଛି।

ସେହିପରି ଅବଧି ଶେଷ ହୋଇଥିବା ନାମୀଦାମୀ କମ୍ପାନୀର ମୃଦୁ ପାନୀୟ ମଧ୍ୟ ବିକ୍ରି ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଦାମୀ କମ୍ପାନୀ ଦର ରହୁଛି ୨୦ରୁ ୨୫ ଟଙ୍କା। ଶସ୍ତାରେ ବିକ୍ରି ହେଉଥିବାରୁ ଦିନକୁ ଦିନ ନନବ୍ରାଣ୍ଡର ଚାହିଦା ବଢିବାରେ ଲାଗିଛି। ଏହାର ସୁଯୋଗ ନେଉଛନ୍ତି କୋରାପୁଟ ଜିଲ୍ଲା ସହ ଗ୍ରାମାଚଂଳର କିଛି ମୁନଫା ଖୋର ବ୍ୟବସାୟୀ। ଅଳ୍ପ ଟଙ୍କା ବିନିଯୋଗରେ ଘରେ ମୃଦୁ ପାନୀୟ ପ୍ରସ୍ତୁତ କରୁଛନ୍ତି। ବଜାରରେ ମେସିନ, ଷ୍ଟିକର ସହ ଅନ୍ୟାନ୍ୟ ସୁବିଧାରେ ମିଳିଯାଉଛି। ତେଣୁ ପ୍ରସ୍ତୁତ କର୍ତ୍ତାଙ୍କୁ ସମସ୍ୟା ହେଉନି। ଘରେ ପ୍ରସ୍ତୁତ କରି ଲୋଗୋ ଲଗାଇ ମୃଦୁ ପାନୀୟ ବଜାରକୁ ଛାଡୁଛନ୍ତି। କମ୍ ଦରରେ ମିଳୁଥିବାରୁ ଜିଲ୍ଲାର ୧୪ଟି ବ୍ଲକର ବିଭିନ୍ନ ଗାଁ ଗହଳିରେ ଅଧିକ ବିକ୍ରି ହେଉଛି।

# ଡାକଘର ବାରମ୍ବାର ପରିବର୍ତ୍ତନ ଯୋଗୁଁ ଗ୍ରାହକ ହନ୍ତସନ୍ତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସହରର ବ୍ରଜନଗର ଶାଖା ଡାକଘରର ବାରମ୍ବାର ପରିବର୍ତ୍ତନ ଯୋଗୁଁ ଗ୍ରାହକମାନେ ନାହିଁ ନ ଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ମଧ୍ୟରେ ତିନୋଟି ଗୃହ ପରିବର୍ତ୍ତନ କରିଗଲାଣି। ବର୍ତ୍ତମାନ ଯେଉଁ ଗୃହରେ ଡାକଘର ରହିଛି,ତାହା ଦୁଇମହଲା ଉପରେ ରହିଛି। ବୟସ୍କ ଓ ଦୁର୍ବଳ ବ୍ୟକ୍ତିମାନେ ଉପରକୁ ସିଡି ଚଢି ଡାକଘରକୁ ଯାଇ କାରବାର କରିପାରୁନାହାନ୍ତି। ଏଣୁ ଡାକ ବିଭାଗ ସୁପରିନ୍‌ଟେଣ୍ଡେଣ୍ଟ ଘଟଣାର ଅନୁଧ୍ୟାନ କରି ତୁରନ୍ତ ଏହାର ପରିବର୍ତ୍ତନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଭଦ୍ରକ କଲେଜର ବିଭିନ୍ନ ସମସ୍ୟା ନେଇ ପୂରାତନ ଛାତ୍ର ସଂସଦ ସଭାପତିଙ୍କ ଉଦ୍‌ବେଗ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଚଳାବସ୍ଥା ନେଇ ପୁରାତନ ଛାତ୍ର ସଂସଦ ତଥା ପ୍ରାକ୍ତନ ଅଧ୍ୟକ୍ଷ ଶୈଳେନ୍ଦ୍ର କୁମାର ମହାପାତ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ସମସ୍ୟା ସଂପର୍କରେ ସେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଲିଖିତ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। କିନ୍ତୁ ମହାବିଦ୍ୟାଳୟଟି ଏବେ ଯେଉଁ ପରିସ୍ଥିତି ଦେଇ ଗତି କରୁଛି, ଏହା ଏକ ଉଦ୍‌ବେଗଜନକ। ଅଧ୍ୟକ୍ଷ ପଦବୀ ବର୍ତ୍ତମାନ ସୁଦ୍ଧା ଖାଲି ପଡ଼ିଛି। ମହାବିଦ୍ୟାଳୟଟି ବିଭିନ୍ନ ଆଭ୍ୟନ୍ତରୀଣ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ଆଉ ଅଳ୍ପଦିନ ମଧ୍ୟରେ ଆରମ୍ଭ ହେବାକୁ ଥିବା ଯୁକ୍ତ ଦୁଇ ଶ୍ରେଣୀମାନଙ୍କରେ ଆଡ୍‌ମିଶନ ଉପରେ ପ୍ରଭାବ ପକାଇବ। ଗତ କିଛିଦିନ ତଳେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦିଆଯାଇଛି। ପରିତାପର ବିଷୟ ସରକାରଙ୍କ ଚିଠି ନଂ ୨୪୬୨୫/ ଏଚ୍.ଇ., ୧୩.୦୫.୨୬ ତାରିଖ ଅନୁଯାୟୀ କେତେକ ଅଫିସର ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ମାନି ନୂତନ ସ୍ଥାନରେ ଯୋଗଦେଇଥିବା ବେଳେ ଜଣେ ଅଫିସର ଏହି ନିର୍ଦ୍ଦେଶନାମାକୁ ବେଖାତିର କରିଚାଲିଛନ୍ତି। ଅଫିସର ଜଣଙ୍କୁ ଉଚ୍ଚଶିକ୍ଷା ବିଭାଗ ସେଣ୍ଟ୍ରାଲୀ ରିଲିଫ୍ ମଧ୍ୟ କରିଦେଇଛନ୍ତି, ଯାହାର ଚିଠି ନଂ ୨୬୨୩/ଏଚ.ଇ., ତା ୧୯.୦୫.୨୬ ତାରିଖ। କିନ୍ତୁ ଜଣେ ସିନିୟର ଅଫିସର ଯିଏକି ଆସୋସିଏଟ୍ ପ୍ରଫେସର ଭାବେ ଏହି ମହାବିଦ୍ୟାଳୟକୁ ବଦଳି ହୋଇଆସିଛନ୍ତି। ଆଜିସୁଦ୍ଧା କେଉଁ କାରଣରୁ ମହାବିଦ୍ୟାଳୟରେ କିଏ ଅଧ୍ୟକ୍ଷ ପଦରେ ଅଛନ୍ତି, ତାହା ଜଣାପଡୁନାହିଁ। ଗତକାଲି ଦିନ ୧୦ଟା ସୁଦ୍ଧା ଅଧ୍ୟକ୍ଷଙ୍କ କୋଠରିରେ ତାଲା ପଡ଼ିରହିଛି। ଏହାମଧ୍ୟରେ ରିଜିଓନାଲ ଡାଇରେକ୍ଟର, ବାଲେଶ୍ୱର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପରିଦର୍ଶନରେ ଆସି ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ସେ ଚେଷ୍ଟା କରିବେ ବୋଲି କହିଥିଲେ। କିନ୍ତୁ ଆଜିକୁ ୧୪ ଦିନ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମହାବିଦ୍ୟାଳୟରେ କିଏ ଅଧ୍ୟକ୍ଷ ଅଛନ୍ତି, ତାହା ଜଣାପଡୁନାହିଁ। ଶ୍ରୀ ମହାପାତ୍ର ମହାବିଦ୍ୟାଳୟର ଏହି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ସହ ଅଧ୍ୟକ୍ଷ ପଦ ପୂରଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ବୁଲା ଗାଈଗୋରୁ ପାଇଁ ଖଡ଼ିଆଳରେ ଟ୍ରାଫିକ୍ ସମସ୍ୟା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ଗାଈଗୋରୁଙ୍କ ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏପରିକି ଚାରିଚକିଆ ଯାନରେ ଯାଉଥିବା ଲୋକ ମଧ୍ୟ ଦୁର୍ଘଟଣା ଶିକାର ହେଉଛନ୍ତି। ଗାଈଗୋରୁ ଓ ବୁଲା କୁକୁରଙ୍କ ପ୍ରତି ଏନଏସିର ନିଘା ନାହିଁ। ସହରର ପ୍ରମୁଖ ରାସ୍ତାରେ ଏହି ସମସ୍ୟା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସହର ମଧ୍ୟରେ ମାଳମାଳ ଗାଈଗୋରୁ ବୁଲୁଥିବା ବେଳେ ଖଡ଼ିଆଳ ଏନଏସି ଅଧୀନରେ ଥିବା କାଞ୍ଜି ଘର ଦୀର୍ଘ ବର୍ଷ ହେବ ବନ୍ଦ ଥିବାରୁ ଏନଏସି ଗାଈ ଗୋରୁଙ୍କୁ ଧରିଲେ କେଉଁଠାରେ ରଖିବ ତାକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ବୁଲା ଗାଈଗୋରୁ ଓ କୁକୁରଙ୍କୁ ଧରିବା କାର୍ଯ୍ୟରେ ଏନଏସି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ କରି ବୁଲା କୁକୁର, ଗାଈଗୋରୁଙ୍କୁ ଥଇଥାନ ଆରମ୍ଭ କରିବାକୁ ସହରବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଉଛି। ସହରରେ ଦିନକୁ ଦିନ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏନଏସି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଦିନକୁ ଦିନ ସମସ୍ୟା ବଢି ଚାଲିଛି ଓ ଗାଈଗୋରୁ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଛି। ଅନ୍ୟପକ୍ଷରେ ଗାଈଗୋରୁ ମାଲିକ ମାନେ ସଚେତନ ନହେବାରୁ ପ୍ରତ୍ୟେକ ଦିନ ସହରର ବିଭିନ୍ନ ରାସ୍ତାରେ ଗୋଠ ଗୋଠ ହୋଇ ଗୋରୁ ଗାଈ ରାସ୍ତା ଉପରେ ବୁଲୁଛନ୍ତି। ସହରର ଅଧିକାଂଶ ରାସ୍ତା ଅଣ ଓସାରିଆ ହୋଇଥିବାରୁ ଗାଈଗୋରୁ ରାସ୍ତାରେ ଚଲାବୁଲା କଲେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ଶହଶହ ବୁଲା କୁକୁର ରାସ୍ତା ଉପରେ ଶୋଇ ରହୁଛନ୍ତି। ରାତିରେ ଯାତାୟାତ କରୁଥିବା ଲୋକଙ୍କୁ ଗୋଡ଼ାଇବା ଫଳରେ ବାଇକରୁ ପଡ଼ି ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଏନଏସି ପ୍ରଶାସନ ଦୃଷ୍ଟି ଦେବାକୁ ସହର ବାସୀ ଦାବି କରିଛନ୍ତି। ଏନେଇ ଖଡ଼ିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ବୁଲାଗାଈ ବଳଦ ମାଲିକ ମାନେ ଦିନରେ ଦୁଗ୍ଧ ସଂଗ୍ରହ ପରେ ଛାଡ଼ି ଦେଉଛନ୍ତି। ଆଗାମୀ ଦିନରେ ଗାଈ ମାଲିକମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ ଓ କୁକୁର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ୮୯ ବୋତଲ କଫ୍ ସିରପ୍ ଜବତ, ୪ ଗିରଫ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବଡ଼ମାଳ ଥାନା ପୁଲିସ ଏକ କଫ୍ ସିରପ ଚୋରାଚାଲାଣ ମାମଲାରେ ସଫଳତା ହାସଲ କରିଛି। ପୁଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତରେଇକେଲା ଗ୍ରାମରେ ଚଢ଼ଉ କରି ୧୦୦ ମି.ଲି. ଲିଟରର ୮୯ ବୋତଲ କଫ୍ ସିରପ, କିଛି ମୋବାଇଲ ଫୋନ, ଏକ ମୋଟର ସାଇକେଲ ଏବଂ ୨,୩୫୦ ଟଙ୍କା ନଗଦ ଜବତ କରିଛି। ଏହି ଘଟଣାରେ ତରେଇକେଲା ଗ୍ରାମର ଆଶିଷ ରାୟ, ସରପଞ୍ଚ ରାୟ, ତୁଷାର ଜଗତ ଏବଂ ଥେଲକୋଲି ଗ୍ରାମର ହେମନ୍ତ ମକରଙ୍କୁ ଗିରଫ କରାଯାଇଛି। ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏନେଇ ବଡ଼ମାଳ ଥାନାରେ କେସ୍ ନମ୍ବର ୧୯୮, ୨୮.୦୫.୨୦୨୬ ଅନୁଯାୟୀ ଏନଡିପିଏସ୍ ଆକ୍ଟର ଧାରା ୨୧(ସି) ଅନୁସାରେ ମାମଲା ରୁଜୁ ହୋଇଛି।

# ଚାଷ କାମର ବଦଳୁଛି ଢାଞ୍ଚା : ଶୁଭୁନି ହୁଳହୁଳି ଓ ହଳିଆ ଗୀତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**



କଥାରେ ଅଛି, ଚାଷ କାମ ଯାହାର, କି ଆନନ୍ଦ ତାହାର, ସିଏ ପରା ଯୋଗାଉଛି ଦୁନିଆକୁ ଆହର। ଏହି କାର୍ଯ୍ୟ ପାଇଁ ଚାଷୀ ସଭିଙ୍କ ପାଖରେ ଆଦର ପାଉଥିଲା। ଦିନ ଥିଲା ଗ୍ରାମାଞ୍ଚଳ ଲୋକେ ଅନ୍ୟ କାର୍ଯ୍ୟ ଅପେକ୍ଷା ଚାଷ କାର୍ଯ୍ୟ କରିବା ପାଇଁ ଆଗଭର ହେଉଥିଲେ। ବିଭିନ୍ନ କାରଣରୁ ଧୀରେ ଧୀରେ ଏବେ ଚାଷ କାମ ବନ୍ଦ ହେବାକୁ ବସିଛି। ପୂର୍ବରୁ ଚାଷ କରୁଥିବା ପ୍ରଣାଳୀ ବଦଳାଇ ନୂତନ ପଦ୍ଧତିରେ ଚାଷ କରି ଅଧିକ ଉପାର୍ଜନ ପାଇଁ ଉଦ୍ୟମ ଆରମ୍ଭ ହେଉଥିବା ବେଳେ ଏହା ଏବେ ପୋଥି ବାଇଗଣ ପାଲଟିଯିବ ଏହି ଆଶଙ୍କା ପ୍ରକାଶ ପାଉଛି। କୋରାପୁଟ ଜିଲ୍ଲାର ଚାଷୀ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନ ଚାଷ କରିଥାନ୍ତି। ଏବେ ଚାଷ କାମ ବାଟବଣା ହେଉଥିବା ବେଳେ ଚାଷର ଉପାୟ ବଦଳିବାରେ ଲାଗିଛି। ହଳରେ ଏବେ ଆଉ ପ୍ରାୟ କେହି ଚାଷ କରୁନଥିବା ବେଳେ ଚାଷୀ ହୁଳହୁଳି, ହଳିଆ ଗୀତ ପୂର୍ବଭଳି ଆଉ ରୁଆ, ବୁଣା ବେଳେ ଶୁଣିବାକୁ ମିଳୁନାହିଁ। ପୂର୍ବରୁ ଚାଷୀ ଜମିରେ ଚାଷ ପାଇଁ ହଳ, ଲଙ୍ଗଳ ବ୍ୟବହାର କରୁଥିଲେ। ଏବେ ଚାଷ ପାଇଁ ଟ୍ରାକ୍ଟର, ପାୱର ଟିଲର୍ ବ୍ୟବହାର ହେଉଛି। ମାସ ମାସ ଧରି ଚାଲୁଥିବା ଚାଷ କାମ ଏବେ କମ୍ ଦିନରେ ଶେଷ ହେଉଛି। ପ୍ରତିଗାଁରେ ପୂର୍ବେ ଘରେ ଘରେ ଜମି ଚାଷ ପାଇଁ ବଳଦ, ପୋଢ ପାଳନ କରାଯାଉ ଥିଲା। ଏପରିକି କିଛି ଧନୀ ଚାଷୀ ମଧ୍ୟ ଗାଈ ବଳଦଙ୍କ ପାଇଁ ହଳିଆ ମଧ୍ୟ ରଖୁଥିଲେ। ଘର ଆଗରେ ଗୁହାଳ ଦେଖିବାକୁ ମିଳୁଥିଲା। ହଳପାଇଁ ଚାଷୀ କୁସୁମ, ଫାଶୀ, ବାବୁଲ, ଗୁହାରିଆ ପ୍ରଭୃତି, କାଠର ଲଙ୍ଗଳ, ଢାମଣ, ଇଷ ତଥା ଅନ୍ୟାନ୍ୟ ଉପକରଣ ରଖାଯାଉ ଥିଲା। କିଛି ଚାଷୀ ମାମୁଁ ଭଣଜା ବଳଦକୁ ଏକାଠି କରି ହଳ କାର୍ଯ୍ୟରେ ଲଗାଉଥିଲେ। ପ୍ରତିବର୍ଷ ପ୍ରଥମ ବର୍ଷା ପରେ ଚାଷୀମାନେ ବଳଦ ବିକାକିଣା କରିବା ସହିତ ଅନ୍ୟଗ୍ରାମରୁ ବଳଦ କିଣି ଆଣୁଥିଲେ। ମହାଲକ୍ଷ୍ମୀ ସ୍ନାନ ଦିନ ଭୋର୍ ସମୟରେ ତଳିଘଣା ପରେ ପୂଜାର୍ଚ୍ଚନା କରି ରୁଆ କାର୍ଯ୍ୟ ଆରମ୍ଭ କରୁଥିଲେ। ହଳ ଧରି ବିଭିନ୍ନ ଢଙ୍ଗରେ ମଧୁର କଣ୍ଠରେ ଗୀତ ଗାଇ ହଳ କରୁଥିବା ଦେଖାଯାଉଥିଲା। ମହିଳାମାନେ ହୁଳହୁଳି ସହ ମିଳିତ ଭାବେ ଗୀତ ଗାଉଥିଲେ। ଦୂରରୁ ଗୀତ ଶୁଭିଲେ ଚାଷ କାମ ଚାଲିଥିବା ସଂକେତ ମିଳୁଥିଲା। ଗୋଟିଏ ଜମିରେ ମହିଳା ଗୀତ ଗାଇବା ଆରମ୍ଭ କଲେ ଅନ୍ୟ ଜମିର ମହିଳା ତାହା ଅନୁସରଣ କରୁଥିଲେ। ରାମ ଯେ ଲଇଖଣ ଗଲେ ମୃଗମାରି ଓ ଅନ୍ୟ ଗୀତ ଆଉ ଶୁଣାଯାଉନାହିଁ। ବିଭିନ୍ନ କାରଣରୁ ଏବେ ହଳ ରଖିବା ବନ୍ଦ ହୋଇଯାଉଥିବା ବେଳେ ଗ୍ରାମାଞ୍ଚଳରେ ପଶୁସମ୍ପଦ ବିଶେଷ ଭାବେ ହ୍ରାସ ପାଇଛି। ଚାଷ ଜମିରେ ଘର ନିର୍ମାଣ ସହ ବର୍ଷ ବର୍ଷ ଧରି ଜମି ପଡ଼ିଆ ରଖାଯାଉଛି। ଉର୍ବର ଜମି ମଧ୍ୟ ଏଥିରୁ ବାଦ୍ ପଡୁନି। ପୂର୍ବରୁ ଶ୍ରମିକଙ୍କୁ ବର୍ଷିକିଆ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦିଆଯାଇ ଧାନ, ମାଣ୍ଡିଆ, ସୁଆଁ ପ୍ରଭୃତି ଭାବେ ଦିଆଯାଉ ଥିଲା। ଶସ୍ୟ ମାପିବା ପାଇଁ ନଉତି, ଅଡ଼ା ଆଦି ବ୍ୟବହାର କରାଯାଉଥିବା ବେଳେ ଏବେ ସବୁ ଟଙ୍କାରେ ହେଉଛି। ଟ୍ରାକ୍ଟରରେ ଜମି ଚାଷ ହେଉଛି। ସମୟ କ୍ରମେ ଅନେକ ପରିବର୍ତ୍ତନ ଘଟିଛି। ଚାଷ କାମର ଶୈଳୀ ପରିବର୍ତ୍ତନ ଯୋଗୁଁ ହଳ, ହୁଳହୁଳି, ହଳିଆ ଗୀତ ଏବେ ହଜିଯିବାକୁ ବସିଲାଣି ବୋଲି ବୁଦ୍ଧୀଜୀବୀ ମହଲରେ ଆଲୋଚିତ ହେଉଥିବା ଜଣାଯାଇଛି।





# ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**



ଚଳିତ ଶିକ୍ଷାବର୍ଷର ବିଏସ୍ଇ, ଆଇସିଏସ୍ଇ ଓ ସିବିଏସ୍ଇ ୧୦ମ ପରୀକ୍ଷାରେ ସାରା ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ଲୋକଭବନ ଠାରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଥିଲେ। ପୁରସ୍କାର ସ୍ୱରୂପ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ସେହିପରି ଅଭିଭାବକ ଓ ପ୍ରଧାନ ଆଚାର୍ଯ୍ୟଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଏସ୍ଏସ୍ଭିଏମ୍)ର ସୁମିତ୍ କୁମାର ଦାଶ ଓ ଅଙ୍କିତା ସାହୁ ରାଜ୍ୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ଉଭୟଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କୃତିତ୍ୱ ପାଇଁ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଶୈକ୍ଷିକ ପ୍ରଶାସକ, ପ୍ରଧାନାଚାର୍ଯ୍ୟ ଓ ଗୁରୁଜୀ ଗୁରୁମା ଛାତ୍ରଛାତ୍ରୀ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## କ୍ଷୀର ଚାଷୀ ବଡ଼ ସମସ୍ୟାରେ

# ଓମ୍‌ଫେଡ ଡିପୋ କ୍ଷୀର ନେଉନଥିବାରୁ ରାସ୍ତାରେ ଫିଙ୍ଗିଦେଲେ ୪୦ ହଜାର ଲିଟର ଦୁଗ୍ଧ ସଂଗ୍ରହକାରୀ

**ଉମରକୋଟ, ନ୍ୟୁଜ ବ୍ୟୁରୋ**

ଜୟପୁର ଓମଫେଡ ଡିପୋ କ୍ଷୀର ନେଉନଥିବାରୁ ପ୍ରାୟ ୪୦ ହଜାର ଲିଟର କ୍ଷୀର ରାସ୍ତାରେ ଫିଙ୍ଗିଦେଲେ ଦୁଗ୍ଧ ସଂଗ୍ରହକାରି ଅଧିକାରୀ। ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଅଧୀନ ଥିବା ଓମ୍‌ଫେଡ଼ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ର ଠାରେ। ସନ୍ଧ୍ୟାରେ ଚାଷୀ କ୍ଷୀର ନେଇକି ଦୁଗ୍ଧ ଶୀତଳ କରଣକୁ ଆଣିଥିଲେ କିନ୍ତୁ ଅଧିକାରୀ କ୍ଷୀର ନେବାକୁ ମନା କରିଦେଇଥିଲେ କାରଣ ଜୟପୁର ଡିପୋ କ୍ଷୀର ନେବାକୁ ମନା କରୁଛନ୍ତି, ଜୟପୁର ଡିପୋରେ ସର୍ବାଧିକ ୩୦ ହଜାର ଲିଟର ସଂରକ୍ଷିତ ହୋଇ ରହି ପାରିବ ଏହି ଡିପୋ ଚାରୋଟି ଜିଲ୍ଲାର ଚାଷୀଙ୍କ ଉତ୍ପାଦିତ କ୍ଷୀର ରଖେ କିନ୍ତୁ କେବଳ ନବରଙ୍ଗପୁର ଜିଲ୍ଲାରୁ ପ୍ରତିଦିନ ୧୮ ହଜାର ଲିଟର କ୍ଷୀର ଉତ୍ପାଦିତ ହୋଇ ଡିପୋକୁ ଗଲେ ସେମାନେ ଫେରାଇ ଦେଉଛନ୍ତି, ଦୁଗ୍ଧ ସଙ୍ଘର କର୍ମଚାରୀମାନେ ଚାଷୀଙ୍କ ଠାରୁ କ୍ଷୀର ସଂଗ୍ରହ କରୁଛନ୍ତି । କିନ୍ତୁ ଜୟପୁର ଡିପୋ ନେଉନଥିବା ଯୋଗୁଁ ଶେଷରେ ବାଧ ହୋଇ ଆଣି ଥିବା କ୍ଷୀରକୁ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା । ଦୁଗ୍ଧ ସଂଘର ଅଧିକାରୀଙ୍କ କହିବା ଅନୁଯାୟୀ ଜୟପୁର ସ୍ଥିତ ଓମଫେଡ ଡିପୋ ପକ୍ଷରୁ କ୍ଷୀର ସଂଗ୍ରହ କରାଯାଉ ନଥିବାରୁ ଏପରି ସମସ୍ୟା ଦେଖାଯାଇଛି ବୋଲି କହିଛନ୍ତି । ଏପରିକି ୪୦ ହଜାର ଲିଟର କ୍ଷୀର ଢାଳି ଦିଆଗଲା ବୋଲି କହିଛନ୍ତି । ଅନ୍ୟପଟେ ଚାଷୀମାନେ ମଧ୍ୟ ଓମଫେଡ଼ ଦୁଗ୍ଧ ଶୀତଳୀ କରଣ କେନ୍ଦ୍ରରେ କ୍ଷୀର ଆଣିଥିବା ବେଳେ କ୍ଷୀର ନେବା ପାଇଁ ମନା କରିଦେବାରୁ ଚାଷୀମାନେ ମଧ୍ୟ ଓମଫେଡ଼ ସାମ୍ନାରେ କ୍ଷୀର ଢ଼ାଳି ଦେଇଛନ୍ତି । ଏହାକୁ ନେଇ ଏବେ କ୍ଷୀର ଚାଷୀ ବଡ଼ ସମସ୍ୟାରେ ପଡ଼ିଛନ୍ତି। ଦିନରାତି ପରିଶ୍ରମ କରି ଉତ୍ପାଦିତ କ୍ଷୀର ବିକ୍ରି ନହେବାରୁ ଏବେ ଚିନ୍ତାରେ କ୍ଷୀର ଚାଷୀ । ଆଗାମୀ ଦିନରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ଆଲୋଚନା ଜୋର ଧରିଛି। ଏହି ସମ୍ପର୍କରେ ଓମଫେଡ କର୍ତ୍ତୃପକ୍ଷଙ୍କ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ସ୍କୁଟିକୁ ଧକ୍କା ଦେଲା ବସ୍ : ଯୁବତୀ ମୃତ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଯୋବ୍ରା ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଜୟ କପୀସ ନାମ ଏକ ଘରୋଇ ବସ୍ ଧକ୍କାରେ ଚାଲିଗଲା ଯୁବତୀଙ୍କ ଜୀବନ। ସ୍କୁଟିରେ ଯିବା ବେଳେ ଯୁବତୀଙ୍କୁ ପିଟିଲା ବସ୍। ମୃତକ ଯୁବତୀ ଜଣ ସ୍ୱାଗତିକା ମହାନ୍ତି ବୋଲି ପରିଚୟ ପତ୍ରରୁ ଜଣାପଡିଛି। ଅନ୍ୟପଟେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଯୁବତୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ମୃତ ସ୍ୱାଗତିକା ଜଣେ ପୋଲିସ କର୍ମଚାରୀଙ୍କର ଝିଅ ହୋଇଥିବା ବେଳେ ସେ Skilling youth co-ordinator ଭାବେ light house ରେ କାର୍ଯ୍ୟ କରୁଥିଲେ। ନିଜର କର୍ମକ୍ଷେତ୍ରକୁ ଆସୁଥିବା ସମୟରେ ଏଲଏଣ୍ଡଟିରେ ଲାଗିଥିବା ବସ୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯୁବତୀଙ୍କର ମୃତ୍ୟୁ ଘଟିଥିଲା। ଉଭୟ ସ୍କୁଟି ଓ ବସ୍ ଜବତ କରି ପୁଲିସର ତଦନ୍ତ ଆରମ୍ଭ କରିଛି।

## ନବ ନିଯୁକ୍ତ ଆଇନଜୀବୀଙ୍କୁ ବି.ଏନ୍.ଏସ୍.ଏସ୍, ବି.ଏନ୍.ଏସ୍, ବି.ଏସ୍.ଏ ସମ୍ବନ୍ଧରେ ପ୍ରଶିକ୍ଷଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ରାଜ୍ୟସରକାରଙ୍କ ଦ୍ୱାରା ନୂତନ ଭାବେ ନିଯୁକ୍ତି ପାଇଥିବା ସରକାରୀ ଆଇନଜିବୀମାନଙ୍କୁ ଏକ ପ୍ରଶିକ୍ଷଣ ଆଇନ୍ ବିଭାଗ ତରଫରୁ ପ୍ରଦାନ କରାଯାଇଛି। ଆଇନ୍ ବିଭାଗ ଏବଂ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟଙ୍କ ଦ୍ୱାରା ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପ ନିର୍ଦ୍ଦେଶକ ଶରଦ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ନୂତନ ଭାବେ ନିଯୁକ୍ତି ହୋଇଥିବା ଆଇନଜିବୀମାନଙ୍କୁ ବି.ଏନ୍.ଏସ୍.ଏସ୍, ବି.ଏନ୍.ଏସ୍, ବି.ଏସ୍.ଏ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ପରିପେକ୍ଷୀରେ ଆଭାସୀ ମାଧ୍ୟମରେ ଓଡିଶା ପବ୍ଲିକ ପ୍ରେସିକିଶନର ନିର୍ଦ୍ଦେଶକ ଶିବିରରେ ଯୋଗଦେଇ ଆଇନଜିବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆୟୋଜିତ ଏହି ବୈଠକରେ ସହକାରୀ ନିର୍ଦ୍ଦେଶକ ବିକ୍ରମ ସେଠୀ, ପିପି କେନ୍ଦ୍ରାପଡା ଶ୍ରୀମତୀ ସୌଭାଗ୍ୟବତୀ ଅଲୀୟମୟୀ ପଟ୍ଟନାୟକ, ସ୍ୱତନ୍ତ୍ର ପିପି ଦୁର୍ଯ୍ୟୋଧନ ସାହୁ, ନେହେରୁ କୁମାର ସାହୁ, ଶାନ୍ତିସ୍ୱରୂପ ଭୂୟାଁ, ଶିଶିର କୁମାର ମଲ୍ଲିକ, ଗଗନ ବିହାରୀ ରାଉତ, ଅସିତ୍ ମହାପାତ୍ର, ସମର କେଶରୀ ମହାପାତ୍ର, ଭବାନୀ ପଣ୍ଡା, ଜଗନ୍ନାଥ ବାରିକ, ଦୀପକ ପାଣି ପ୍ରମୁଖ ଆଇନଜିବୀମାନେ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ। ସଭା ଶେଷରେ ସହକାରୀ ନିର୍ଦ୍ଦେଶକ ବିକ୍ରମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭାଗରେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ : ଯୋଗାଣ ମନ୍ତ୍ରୀ



**ଯାଜପୁର,ନ୍ୟୁଜ ବ୍ୟୁରୋ**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁର ଗସ୍ତରେ ଆସି ଯାଜପୁର ଜିଲ୍ଲାରେ ଖରିଫ ଓ ରବି ଧାନ ସଂଗ୍ରହ ବାବଦରେ ସମୀକ୍ଷା କରିଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ପିଡିଏସ ହିତାଧିକାରୀଙ୍କ ଇ-କେୟାଇସି ସମ୍ବନ୍ଧୀୟ ପରିସଂଖ୍ୟାନ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ଭଲ ପ୍ରଦର୍ଶନ କରିଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଶଂସା କରିଥିଲେ। ଆର୍ଥିକ ବର୍ଷ ୨୦୨୫-୨୬ ରେ ଖରିଫ ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ୯୮.୧୬ ପ୍ରତିଶତ ଟାର୍ଗେଟ ହାସଲ କରିଛି ଏବଂ ୯୧.୧୭ ପ୍ରତିଶତ ଚାଷୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ସଫଳତା ପାଇଁ ସରକାର ରାଜ୍ୟ ସ୍ତରରେ ଯାଜପୁର ଜିଲ୍ଲାକୁ ପୁରସ୍କୃତ କରିଛନ୍ତି। ୨୫-୨୬ ଆର୍ଥିକ ବର୍ଷରେ ୫୯୯୬୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ମୋଟ ୧୯୪୪୬୩୮ କ୍ୱିଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯାଇଛି। ସେହିଭଳି ଚଳିତ ରବି ଋତୁରେ ୩୦ ଟି ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକରଣ କରିଥିବା ବେଳେ ୯ ଟି ମିଲର ଅଂଶଗ୍ରହଣ କରିଛନ୍ତି ଏବଂ ୪୬୦୭ କୃଷକ ପଞ୍ଜୀକରଣ କରିଛନ୍ତି। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲା ପାଇଁ ୧୧୫୫୦୦ କ୍ୱିଣ୍ଟାଲ ରବି ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଧାନ ସଂଗ୍ରହ ବେଳେ ଚାଷୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ନୋଡାଲ ଅଫିସର ସେଠାରେ ଉପସ୍ଥିତ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଗରିବ ଲୋକ ଯେମିତି ତୁରନ୍ତ ରାସନ୍ କାର୍ଡ ପାଇବେ, ସେ ଦିଗରେ ଦୃଷ୍ଟି ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୋଗାଣ ବିଭାଗରେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କଡ଼ାକଡ଼ି କହିଛନ୍ତି। ଯେଉଁଭଳି ଟଙ୍କାଟିଏ ମଧ୍ୟ ଦୁର୍ନୀତି ନ ହେବ, ସେ ଦିଗରେ ସଚେତନ ହେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ କେଉଁ ସ୍ଥାନରେ ଧାନ ରଖିବା ପାଇଁ ଗୋଦାମ ଆବଶ୍ୟକ ରହିଛି, ସେ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ କହିଥିଲେ। ଏହାସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ ହେବ ଏବଂ ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ ବୋଲି ଯୋଗାଣ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଜିଲ୍ଲାରେ ପ୍ରତି ୧୦୦ ରେ ୮୩ ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ମୋଟ ୧୫,୨୦,୨୦୨ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଅଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର ଏଲପିଜି ଗ୍ୟାସ ଯୋଗାଣ ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ। ମଇ ମାସ ସୁଦ୍ଧା ଯାଜପୁର ଜିଲ୍ଲାରେ ୩୫ ଟି ଏଜେନ୍ସୀ ଏବଂ ୨୩ ଟି ଅନ୍ୟାନ୍ୟ ଜାଗା ଉପରେ ଇନ୍ସପେକ୍ସନ କରାଯାଇଛି। ଯୋଗାଣ ବିଭାଗ ପକ୍ଷରୁ ୩୧୯ ଟି ଘରୋଇ ସିଲିଣ୍ଡର ଏବଂ ୪୭ ଟି କମର୍ସିଆଲ ସିଲିଣ୍ଡର ସିଜ୍ କରାଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର ବିଡ଼ିଓ, ସମବାୟ, କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୩ କ୍ୱିଣ୍ଟାଲ ୮୫ କିଲୋ ଗଞ୍ଜେଇ ଜବତ, ମଧ୍ୟପ୍ରଦେଶର ୨ ଗିରଫ




**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ରହୁଲଗୋଏଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ପୋଲିସକୁ ବଡ଼ ସଫଳତା ମିଳିଛି। ସନ୍ଦେହ ଜନକ ପରିସ୍ଥିତି ଆଧାରରେ କରାଯାଇଥିବା ଚଢ଼ଉରେ ପୋଲିସ ଏକ ଟ୍ରକରୁ ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିଥିବା ବେଳେ ଏହି ଘଟଣାରେ ମଧ୍ୟପ୍ରଦେଶର ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, କଣ୍ଟାମାଳ ପୋଲିସ ଷ୍ଟେସନର ଏକ ବିଶେଷ ପୋଲିସ ଦଳ କଣ୍ଟାମାଳ ଥାନା ପରିସର ପଛପଟେ ଥିବା କୋଇଲା ବିହୀନ ଏକ ସନ୍ଦିଗ୍ଧ ଟ୍ରକ୍‌ରେ ତଲାସୀ ଚଳାଇଥିଲେ। ତଲାସୀ ସମୟରେ ଟ୍ରକ୍‌ରୁ ମୋଟ ୧୩ କ୍ୱିଣ୍ଟାଲ ୮୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଟ୍ରକର ରେଜିଷ୍ଟ୍ରେସନ୍ ନମ୍ବର ଏମ୍ପି୦୯ଏଚ୍ଏଚ୍୪୮୭୮ବୋଲି ଜଣାପଡ଼ିଛି। ଏହି ଘଟଣାରେ ମଧ୍ୟପ୍ରଦେଶର ଉଜ୍ଜୟିନ ଜିଲ୍ଲା ଝାରଦା ଥାନା ଅନ୍ତର୍ଗତ କଚାରିଆ ଗ୍ରାମର ଡ୍ରାଇଭର କୃପାଳ ସିଂହ (୨୭) ଓ ହେଲପର କୁଲଦୀପ ରାଠୋଡ଼ (୧୯)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ବିରୋଧରେ ବ୍ୟାପାରିକ ପରିମାଣର ନିଶାଦ୍ରବ୍ୟ ରଖିବା ଓ ପରିବହନ କରିବା ଅଭିଯୋଗ ଆଣାଯାଇଛି। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ଦୁଇଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରିଛି। ଏନେଇ କଣ୍ଟାମାଳ ଥାନା କେସ୍ ନମ୍ବର ୧୪୨, ତାରିଖ ୨୮.୦୫.୨୦୨୬ ଅନୁଯାୟୀଏନ୍ ଡିପିଏସଆଇନର ଧାରା ୨୦(ଖ)(ସସ)(ଗ)/୨୫/୨୯ରେ ମାମଲା ରୁଜୁ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ଏହି ଗଞ୍ଜେଇ ଚୋରା ଚାଲାଣ ପଛରେ ଥିବା ଆଗୁଆ ଓ ପଛୁଆ ଲିଙ୍କ ଖୋଜିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ସମସ୍ୟାରେ ଆହାର କେନ୍ଦ୍ର : ସିଲିଂରେ ବାଉଁଶ ଠେସ, ସମ୍ମୁଖରେ ମଇଳା ପାଣି

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ମହାନଗର ନିଗମ ପକ୍ଷରୁ ସହରରେ ୬ଟି ଆହାର କେନ୍ଦ୍ର ରହିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ କିଛି ଆହାର କେନ୍ଦ୍ର ନାନା ସମସ୍ୟାରେ ରହିଛି । ବିଶେଷ କରି ପୂର୍ବରୁ ରହିଥିବା ନୂଆ ବସ୍‌ଷ୍ଟାଣ୍ଡ ଆହାର କେନ୍ଦ୍ର ନାନା ଅଭାବ ଭିତରେ ଚାଲିଛି । ସେହିପରି ନୂତନ ଭାବେ ଢୁଢୁମା କଲୋନୀରେ ଆରମ୍ଭ ହୋଇଥିବା ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ଆହାର କେନ୍ଦ୍ର ଆରମ୍ଭ ହୋଇନଥିବାରୁ ଯାତ୍ରୀ ଖାଦ୍ୟ ପାଇବାରେ ଅସୁବିଧା ଭୋଗୁଛନ୍ତି । ବ୍ରହ୍ମପୁରର ସିଟି ହସ୍‌ପିଟାଲ୍ ରୋଡ୍, ଏମ୍‌କେସିଜି ମେଡ଼ିକାଲ୍ କଲେଜ, ଆସିକାରୋଡ୍, ନୂଆବସ୍‌ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ ଓ ବ୍ରହ୍ମପୁର ରେଳ ଷ୍ଟେସନ୍‌ଠାରେ ଆହାର କେନ୍ଦ୍ର ରହିଛି । ଆହାର କେନ୍ଦ୍ର ଗୁଡ଼ିକ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଥାଏ । କେନ୍ଦ୍ରରେ ୫ଟଙ୍କାରେ ଭାରତ ଓ ଡ଼ାଲମା ଖାଦ୍ୟ ମିଳିଥାଏ । ଏହା ଦ୍ୱାରା ସାଧାରଣ ଯାତ୍ରୀ, ପଥଚାରୀ ଓ ଶ୍ରମିକ ଶ୍ରେଣୀର ଲୋକ ଉପକୃତ ହୋଇଥାନ୍ତି। ତେବେ ପୂର୍ବରୁ ରହିଥିବା ନୂଆ ବସ୍‌ଷ୍ଟାଣ୍ଡ ପରିସର ଆହାର କେନ୍ଦ୍ରରେ ନାନା ଅବ୍ୟବସ୍ଥା ଲାଗି ରହିଥିବାରୁ ସେଠାକୁ ଆସୁଥିବା ଜନତା ଓ ପଥଚାରୀ ହଇରାଣ ହରକତ ହେଉଛନ୍ତି । ଏହି କେନ୍ଦ୍ରରେ ଦୈନିକ ୭୦୦ ଖାଦ୍ୟ ପ୍ଲେଟ ସରୁଛି । ପୂର୍ବରୁ ବସ୍‌ଷ୍ଟାଣ୍ଡ ଥିବା ସମୟରେ ୯୦୦ ଖାଦ୍ୟ ପ୍ଲେଟ ସରୁଥିଲା । କେନ୍ଦ୍ରରେ ବର୍ତ୍ତମାନ ୫ ଜଣ କର୍ମଚାରୀ ରହିଥିବା ବେଳେ କେନ୍ଦ୍ରରେ ନାନା ସମସ୍ୟା ଲାଗି ରହିଛି । ଖାଦ୍ୟ ପସରାଯାଉଥିବା ସ୍ଥାନରେ ସିଲିଂ ଖସିଯାଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ସିଲିଂର ଗୋଟିଏ ପାର୍ଶ୍ୱକୁ ବାଉଁଶ ଜରିଆରେ ଠେସ୍ ଦେଇ ରଖାଯାଇଛି । ବର୍ଷା ଦିନରେ ଏହି ସ୍ଥାନରୁ ବର୍ଷ ପାଣି ନିର୍ଗତ ହେଉଛି । ସେହିପରି ଦୀର୍ଘ ଦିନ ଧରି ଫ୍ୟାନ୍ ଅଚଳ ହୋଇ ପଡ଼ି ରହିଛି । ଫଳରେ କର୍ମଚାରୀ ଖରା ଦିନେ ଗରମରେ ଆଉଟୁପାଉଟୁ ହେଉଛନ୍ତି । କେନ୍ଦ୍ରକୁ ଖାଇବାକୁ ଆସୁଥିବା ସାଧାରଣ ଲୋକଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳର ସୁବିଧା କରାଯାଇଛି । କିନ୍ତୁ ପାନୀୟ ଜଳ ମେସିନ୍‌ରୁ ଥଣ୍ଡା ପିଇବା ପାଣି ଆସୁନାହିଁ । ହାତ ଧୋଇବା ନିମନ୍ତେ ରହିଥିବା ପାଣି ଟ୍ୟାପ୍ ଭାଙ୍ଗି ଯାଇଛି। ଏହାର ମଧ୍ୟ ମରାମତି କରାଯାଉନାହିଁ। କେନ୍ଦ୍ରର ପାଣି ନିଷ୍କାସନ ନିମନ୍ତେ ଡ୍ରେନ୍ ରହିଛି । କିନ୍ତୁ ଡ୍ରେନ୍‌ଟି ଜାମ୍ ହୋଇ ରହିଥିବା କାରଣରୁ ମଇଳା ପାଣି ନିଷ୍କାସନ ହୋଇପାରୁନାହିଁ । ଫଳରେ କେନ୍ଦ୍ର ବାହାରେ ଯାତାୟତ ରାସ୍ତାରେ ମଇଳା ପାଣି ଭାସି ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ଆବର୍ଜନା ପାଣି ଭାସୁନଥିବାରୁ ଉକ୍ତ ଅଂଚଳରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ କେନ୍ଦ୍ରକୁ ଆସୁଥିବା ଯାତ୍ରୀ ଓ ପଥଚାରୀ ଖସିପଡ଼ି ଆହତ ହେଉଛନ୍ତି। ଏଥିପାଇଁ ପାର୍କିଂରେ ମଧ୍ୟ ସମସ୍ୟା ହେଉଛି । କେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ହେଉନଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ଶ୍ରମିକ ଶ୍ରେଣୀର ବ୍ୟକ୍ତି ନାନା ହଇରାଣ ହେଉଥିବା ଅଭିଯୋଗ ହୋଇଛି । ସେହିପରି ବିଇଏମ୍‌ସି ପକ୍ଷରୁ ଗତ ମାର୍ଚ୍ଚ ୬ ତାରିଖରେ ଢୁଢୁମା କଲୋନୀଠାରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଆରମ୍ଭ ହୋଇଥିବା ବେଳେ ଆଜି ଯାଏଁ ସେଠାରେ ଆହାର କେନ୍ଦ୍ର ପ୍ରତିଷ୍ଠା ହୋଇପାରିନାହିଁ । ଫଳରେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ସମେତ ଶ୍ରମିକ ଶ୍ରେଣୀର ଲୋକେ ଖାଦ୍ୟ ପାଇବା ପାଇଁ ହଇରାଣ ହେଉଛନ୍ତି । ଅସ୍ଥାୟୀ ବସ୍‌ଷ୍ଟାଣ୍ଡରୁ ଗଞ୍ଜାମ, ଗଜପତି, କନ୍ଧମାଳ ଓ ଆନ୍ଧ୍ରକୁ ଯାତାୟତ ପାଇଁ ଘରୋଇ ବସ୍ ଉପଲବ୍ଧ ରହୁଛି । ସରକାରୀ ବସ୍ ମଧ୍ୟ ଚଳାଚଳ କରୁଥିବାରୁ ଏଠାରେ ଦୈନିକ ହଜାର ହଜାର ଯାତ୍ରୀଙ୍କ ଭିଡ଼ ଜମିଥାଏ । କିନ୍ତୁ ଏଠାରେ ଏଯାଏଁ ଆହାର କେନ୍ଦ୍ର ସ୍ଥାପନ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ତେଣୁ ନୂଆ ବସ୍‌ଷ୍ଟାଣ୍ଡରେ ରହିଥିବା ଆହାର କେନ୍ଦ୍ରକୁ ଢୁଢୁମା କଲୋନୀକୁ ସ୍ଥାନାନ୍ତର କରିବାକୁ ଦାବି ହେଉଛି ।

# ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ନିୟନ୍ତ୍ରଣ ପାଇଁ ଆହ୍ୱାନ

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସିଂଟିଏମ ଆଞ୍ଚଳିକ କମିଟି ପକ୍ଷରୁ ଜଳେଶ୍ୱର ହାଟଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ତଥା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରବୃଦ୍ଧିରେ ଲୋକଙ୍କ ଭିତରେ ଯେତେବେଳେ ଅସନ୍ତୋଷ ବଢୁଛି ସେତେବେଳେ ସରକାର ଲୋକଙ୍କର ଦୃଷ୍ଟିକୁ ଅନ୍ୟ ଆଡ଼କୁ ନେବା ପାଇଁ ବିରୋଧୀଙ୍କ ଉପରେ ଅକାରଣରେ ଇଡି ଦ୍ୱାରା ଚଢ଼ଉ କରୁଛନ୍ତି । ଏହି ଅନିୟନ୍ତ୍ରିତ ଦର ବୃଦ୍ଧି ଓ କେରଳର ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ଭଡ଼ା ଘରେ ଇଡି ଚଢ଼ଉକୁ ବିରୋଧ କରି ସିଂଟିଏମ ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆପଣେଇ ଚାଲିଥିବା ନୀତିକୁ କଠୋର ସମାଲୋଚନା କରି କୁହାଯାଇଛି ପେଟ୍ରୋଲ ଡିଜେଲ ଠାରୁ ଆରମ୍ଭ କରି ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମକୁ ରୋକିବାରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି ସରକାର। ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ କଥା କହି ତୈଳ କମ୍ପାନୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରଶାସନ କୃତ ଅଭାବ ସୃଷ୍ଟି କରି ତୈଳ ଦରକୁ ବୃଦ୍ଧି କରିଚାଲିଛନ୍ତି। ଆମେରିକାର ଗୋଡ଼ାଣିଆ ନୀତି ଏବଂ ଟ୍ରମ୍ପ ପ୍ରଶାସନ ପାଖରେ ବଶତା ସ୍ୱୀକାର କରିବାର ଫଳ ଆଜି ଶହେ ଚାଳିଶି କୋଟି ଦେଶବାସୀ ଭୋଗୁଛନ୍ତି। ଏହି ବାସ୍ତବ ସତ୍ୟଟି ଯେତେବେଳେ ଲୋକ ଲୋଚନକୁ ଆସୁଛି ଏବଂ ବିଶେଷକରି ଏହି କଥାଟି ଯେଉଁମାନେ ଲୋକଙ୍କୁ ଅବଗତ କରାଉଛନ୍ତି ସେତେବେଳେ ଏକ ଭୟର ପରିବେଶ ସୃଷ୍ଟି କରିବା ପାଇଁ ସିବିଆଇ, ଇଡି ଆଦି ସଂସ୍ଥା ଗୁଡ଼ିକୁ ହାତବାରିସି କରି ସେମାନଙ୍କ ଉପରେ ଚଢ଼ଉ କରୁଛନ୍ତି। କେରଳ ପୂର୍ବତନ ମୁଖ୍ୟମନ୍ତ୍ରୀ ଯିଏ ତାଙ୍କ ଶାସନ କାଳରେ କେରଳକୁ ପ୍ରଥମ ରାଜ୍ୟ ଭାବରେ ଦାରିଦ୍ର୍ୟ ମୁକ୍ତ କରିଛନ୍ତି, ସ୍ନାତକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ଶିକ୍ଷାର ବ୍ୟବସ୍ଥା କରିଛନ୍ତି, ଯିଏ ଶାସନ କ୍ଷମତାରୁ ଗଲା ମାତ୍ରେ ସରକାରୀ ବାସଭବନ ଛାଡ଼ି ଭଡ଼ା ଘରେ ରହୁଛନ୍ତି ସେହି ଭଳି ଜଣେ ସଚ୍ଚୋଟ ରାଜନେତାଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି କେନ୍ଦ୍ର ସରକାର। ଏଭଳି ଅସହିଷ୍ଣୁ ରାଜନୀତିକୁ ଆଜିର ସଭାରେ ତୀବ୍ର ନିନ୍ଦା କରାଯାଇଛି। ଏହି ପ୍ରତିଶୋଧ ପରାୟଣ ରାଜନୀତରୁ କ୍ଷାନ୍ତ ରହି ପେଟ୍ରୋଲ ଡିଜେଲ ଠାରୁ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଆହ୍ୱାନ କରିଛନ୍ତି ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ପାର୍ଟିର ଜିଲ୍ଲା ନେତା ଦିପ୍ତିମାନ ଆଚାର୍ଯ୍ୟ, କୃଷକ ନେତା ରବିନ୍ଦ୍ର ବାରିକ, ଶ୍ରମିକ ନେତା ପଲ୍ଟୁ ଦାସ, ଲକ୍ଷ୍ମିଧର ପଲାଇ, ସବିତା ଭୂୟାଁ, ଅରୁଣ ଜେନା, ଧନଞ୍ଜୟ ପଲାଇ ଉପସ୍ଥିତ ରହି ସଫଳ କରିଥିଲେ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


ତା୧।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୮ନ, ସୋମବାର

ସୂର୍ଯ୍ୟୋଦୟ- ଘ ୫।୦୮।୩୭ ଚନ୍ଦ୍ରୋଦୟ- ସଂଘ ୭।୨୨।୪୩


ପ୍ରତିପଦ ଦିଘ ୪।୩୮ ପର୍ଯ୍ୟନ୍ତ। ଜ୍ୟେଷ୍ଠା ନକ୍ଷତ୍ର ସଂଘ ୭।୧୧ ପର୍ଯ୍ୟନ୍ତ । ବିଛା ଚନ୍ଦ୍ର- ସଂଘ ୭।୧୧ ପର୍ଯ୍ୟନ୍ତ। ଚନ୍ଦ୍ରଶୁଦ୍ଧି- ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର। ସଂଘ ୭।୧୧ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। ଘାତଚନ୍ଦ୍ର- ସଂଘ ୭।୧୧ ଗତେ ତୁଳା ଓ କୁମ୍ଭ ରାଶିର। ଶ୍ରାଦ୍ଧନିର୍ଣ୍ଣୟ- ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ- ପାଣିକଖାରୁ ଦିଘ ୪।୩୮ ଗତେ ବୋଇତାଳୁ ଖାଇବା ମନା । ଆଜିର ଶୁଭବେଳା- ଦିଘ ୮।୪୨ ଗତେ ଦିଘ ୧୦।୨୭ ମଧ୍ୟେ।




**ମେଷ:** ବ୍ୟବସାୟରେ କ୍ଷତିର ସମ୍ଭାବନା। ବନ୍ଧୁଙ୍କ ସହ ଅସହଯୋଗ ଦେଖାଦେବ । ଆୟ ଠାର ବ୍ୟୟର ପରିମାଣ ଅଧିକ ହେବ। ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ। ମନ ଅସ୍ଥିର ରହିବ ।




**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ। ଆୟ ଓ ବ୍ୟୟ ସମାନ ରହିବ। ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ।



**ମିଥୁନ:** ଚାକିରୀକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ପରୋପକାରୀ ହେବାର ସୂଚନା। ଭ୍ରମଣ ଯୋଗ।



**କର୍କଟ:** ହଠାତ୍ କୌଣସି ଏକ ଖବର ପାଇ ମାନସିକ ଅସ୍ଥିରତା ଦେଖାଦେବ। ପରିଶ୍ରମର ପରିମାଣ ବୃଦ୍ଧି ପାଇବା ଖର୍ଚ୍ଚର ପରିମାଣ ସାମାନ୍ୟ ବଢିବ। ପରିବାରରେ ଦୁଶ୍ଚିନ୍ତା ଦେଖାଦେବ। ବନ୍ଧୁଙ୍କ ସହ କଳହ।




**ସିଂହ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ। ରୋଜଗାର ସ୍ଥିର ରହିବ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଘରେ ଅସହଯୋଗ ଦେଖାଦେବା ମହିଳାମାନେ ସସୁଖୀ ହେବେ।



**କନ୍ୟା:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଶରୀର ସୁସ୍ଥ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସାହାଜ୍ୟ ସହଯୋଗ ପାଇ ଉପକୃତ ହେବେ। ।।ୟ ଓ ବ୍ୟୟ ସ୍ଥିର ରହିବ।



**ତୁଳା:** ପରିଶ୍ରମ ଅନୁସାରେ ପାରିଶ୍ରମିକ ମନୋନିତ ହେବ ନାହିଁ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ । ରୋଜଗାର ସ୍ଥିର ରହିବ । ଘରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେବେ।



**ବିଛା:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ। ଶରୀର ସୁସ୍ଥ ରହିବ। ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ବ୍ୟବସାୟରେ ଲାଭବାନ ହେବେ। ଧନ ଲାଭ ହେବାର ସୂଚନା। ଘରେ ଆନନ୍ଦ ପ୍ରାପ୍ତି।



**ଧନୁ:** ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ। ଦେହ ଭଲ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପାରିବାରିକ ସୁଖ,ଶାନ୍ତି ବିରାଜମାନ କରିବ। ଦେବ ଦର୍ଶନ କରିପାରନ୍ତି।



**ମକର:** ପାରିବାରିକ ଜୀବନ ସୁଖମୟ ହେବ। ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ । ଆୟର ପରିମାଣ ସମାନ ରହିବ । ମଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦରେ ଦିନ କଟିବ।



**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଖୁସିର ବାତାବରଣ ରହିବ । କଚେରୀ ମାମଲାରେ ଶୁଣାଣୀ ବିଳମ୍ବ ହେବ।



**ମୀନ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ। ଦେବ ଦର୍ଶନ କରି ଦେବ ପୂଜାର ସୁଯୋଗ ଜୁଟିପାରେ । ଆୟର ପରିମାଣ ବଢିବ । ପାରିବାରିକ ଜୀବନ ସୁଖମୟ ହେବ। ଦେହ ଭଲ ରହିବ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୨।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୯ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ ୫।୦୮।୩୨ ଚନ୍ଦ୍ରୋଦୟ- ସଂଘ ୮।୧୭।୭୧

ଦ୍ୱିତୀୟାସଂଘ ୭।୦୩ ପର୍ଯ୍ୟନ୍ତ। ମୂଳା ନକ୍ଷତ୍ର ରାଘ ୧୦।୦୮ ପର୍ଯ୍ୟନ୍ତ । ଧନୁ ଚନ୍ଦ୍ର- ଅହୋରାତ୍ର। ଚନ୍ଦ୍ରଶୁଦ୍ଧି- ମିଥୁନ,କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। ଘାତଚନ୍ଦ୍ର- ତୁଳା ଓ କୁମ୍ଭ ରାଶିର। ଶ୍ରାଦ୍ଧନିର୍ଣ୍ଣୟ- ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ନିଷିଦ୍ଧ ଖାଦ୍ୟ- ବୋଇତାଳୁ ସଂଘ ୭।୦୩ ଗତେ ପୋଟଳ ଖାଇବା ମନା । ଆଜିର ଶୁଭବେଳା- ପ୍ରାଘ ୫।୧୨ ଗତେ ଦିଘ ୬।୫୦ ମଧ୍ୟେ ଦିଘ୯।୩୫ ଗତେ ଦିଘ ୧୨।୧୩ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଓଡ଼ିଶାରେ ପ୍ରତିଷ୍ଠା ହେବ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ଲାଣ୍ଟ

ଓଡ଼ିଶା ଶିଳ୍ପ ଜଗତ ପାଇଁ ଏକ ଅପୂର୍ବ ସଫଳତା। ରାଜ୍ୟରେ ଏକ ଅତ୍ୟାଧୁନିକ ସେମିକଣ୍ଡକ୍ଟର ମାନୁଫ୍ୟାକ୍ଚରିଂ ଇକୋସିଷ୍ଟମ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ ନିଆ ଯାଇଛି। ଭାରତରେ ସବଷ୍ଟ୍ରେଟ୍ ମାନୁଫ୍ୟାକ୍ଚରିଂ ଟେକ୍ନୋଲୋଜିର ବିକାଶ ପାଇଁ ଓଡ଼ିଶା ସରକାର ଓ ଆମେରିକାର ପ୍ରସିଦ୍ଧ 'ଇଣ୍ଟେଲ୍ କର୍ପୋରେସନ' (Intel Corporation) ଏବଂ '3DGS Inc.' ମଧ୍ୟରେ ଏକ ବୁଝାମଣା ପତ୍ର (MoU) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ସ୍ୱାକ୍ଷରିତ ସମୟରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଣ୍ଟେଲର ସିଇଓ ଲିପ୍-ବୁ ଟାନଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାରେ ଏକ 'ଆଡଭାନ୍ସଡ୍ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ମାନୁଫ୍ୟାକ୍ଚରିଂ ଫ୍ୟାସିଲିଟି' ପ୍ରତିଷ୍ଠା ପାଇଁ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଉକ୍ତ ମେଗା ପ୍ରକଳ୍ପଟି ଭୁବନେଶ୍ୱର-ଖୋର୍ଦ୍ଧା ଅଞ୍ଚଳରେ ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ଦିଆ ଯାଇଛି। ପ୍ରାୟ ୩.୩ ବିଲିୟନ ଡଲାରର ଆନୁମାନିକ ନିବେଶର ଏହି ପ୍ରକଳ୍ପ, ଦେଶର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନ କ୍ଷେତ୍ରରେ ଏକ ବୃହତ୍ତମ ପୁଞ୍ଜିନିବେଶ ବୋଲି କୁହାଯାଉଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ଆଗାମୀ ୫ ରୁ ୬ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ୧୮୦୦ରୁ ଅଧିକ ଉଚ୍ଚ-କୁଶଳୀ ଓ ଦକ୍ଷତାପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପରୋକ୍ଷ ଭାବେ ମାନୁଫ୍ୟାକ୍ଚରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ କର୍ମ ସଂସ୍ଥାନ ସୃଷ୍ଟି ହେବ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନର ସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକଶିତ କରିବା ପାଇଁ ସରକାରଙ୍କ ଯେଉଁ ସଂକଳ୍ପ ରହିଛି, ଏହି ଚୁକ୍ତି ସେହି ଦିଗରେ ଏକ ବଡ଼ ସଫଳତା। ଆପ୍ଲାଇଡ୍ ମ୍ୟାଟେରିଆଲ୍ସ, ଲାମ୍ ରିସର୍ଚ୍ଚ, ଟୋକିଓ ଇଲେକ୍ଟ୍ରୋନ, ମର୍କ ଇଲେକ୍ଟ୍ରୋନିକ୍ସ ଏବଂ ଟାଟା ଇଲେକ୍ଟ୍ରୋନିକ୍ସ-ASML ମଧ୍ୟରେ ହୋଇଥିବା ଚୁକ୍ତି ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ପ୍ରତି ବିଶ୍ୱର ବିଶ୍ୱାସକୁ ଦର୍ଶାଉଛି। ଏହି କାରଖାନାରେ ମୁଖ୍ୟତଃ ଆଡଭାନ୍ସଡ୍ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ଏବଂ ହାଇ-ଡେନସିଟି ଇଣ୍ଟରକନେକ୍ଟ ସବଷ୍ଟ୍ରେଟ୍ ଭଳି ଅତ୍ୟାଧୁନିକ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଉପରେ କାର୍ଯ୍ୟ କରାଯିବ। ଏଥିପାଇଁ ବିଶ୍ୱପ୍ରସିଦ୍ଧ କମ୍ପାନୀ 'ଇଣ୍ଟେଲ୍' ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରକ୍ରିୟାଗତ ପାରଦର୍ଶିତା ପ୍ରଦାନ କରିବ। ଭାରତ ସେମିକଣ୍ଡକ୍ଟର ମିଶନର ଚେଷ୍ଟାକୁ ଏହି ପଦକ୍ଷେପ ଆହୁରି ମଜବୁତ କରିବ। ଏହି ପ୍ରକଳ୍ପ ଜରିଆରେ ଓଡ଼ିଶା ବିଶ୍ୱ ସେମିକଣ୍ଡକ୍ଟର ମାନୁଫ୍ୟାକ୍ଚରିଂ ଏବଂ ଡିଜିଟାଲ୍ ଭିତ୍ତିଭୂମିର ଏକ ପ୍ରମୁଖ ହବ୍ ଭାବେ ଉଭା ହେବାକୁ ଯାଉଛି।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ବ୍ୟକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତିତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ,କ୍ରୋଧ,ଲୋଭ,ମୋହରେ ଆବୃତ ହୋଇଥାଏ । । ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା,ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ ।

### ସନାତନ

ହେ ଶୁଦ୍ଧିଜନ ସତ୍ୟ ହିଁ ସନାତନ,ସତ୍ୟ ହିଁ ଧର୍ମ,ସତ୍ୟ ହିଁ ଶିଷ୍ୟର ଭୂଷଣ,ସତ୍ୟ ହିଁ ଭକ୍ତର ଭକ୍ତି,ସତ୍ୟ ହିଁ ଅହିଂସା ରୂପକ ଅଗ୍ନି । ସତ୍ୟ ହିଁ ଶାଶ୍ୱତ । ସତ୍ୟ ହିଁ ସାହିତ୍ୟ,ସତ୍ୟ ହିଁ ନାରାୟଣ । ସତ୍ୟ ହିଁ ଧ୍ରୁବ । ସତ୍ୟ ହିଁ ବିବେକ,ସତ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ,ସତ୍ୟ ହିଁ ଗୀତା,ଭାଗବତ,ବେଦ,ପୁରାଣକୁ ସ୍ୱୀକୃତି ଦେଇଛି । ସତ୍ୟ ହିଁ ଚୈତନ୍ୟ ତେଣୁ ସବୁବେଳେ କୁହେ ଯାହାର ନାହିଁ ଆୟତନ,ତାହାର ନାମ ସନାତନ । ତେଣୁ ସତ୍ୟର ଆୟତନ ନାହିଁ । ସତ୍ୟ ହିଁ ଗୁରୁ,ସତ୍ୟ ହିଁ ପ୍ରେମ,ସତ୍ୟହିଁ ସକଳ ସୃଷ୍ଟିର ରହସ୍ୟ,ତେଣୁ ହେ ଭକ୍ତ ହେ ଶିଷ୍ୟ ସତ୍ୟ ହିଁ ସାର,ସତ୍ୟ ହିଁ ନିର୍ଜୀବ କୁ ସଜୀବ କରିଥାଏ । ସତ୍ୟ ହିଁ ମାନବ ସମାଜର ଯେଉଁ ଦିନ ମୂଳମନ୍ତ୍ର ହେବ,ସେହିଦିନ ଜାଣିବ ଯେ ରାମରାଜ୍ୟ ଜଗତରେ ବିସ୍ତାର କରିଛି । ସତ୍ୟଯୁଗ ପ୍ରବେଶ କରିଛି । ସତ୍ୟ ହିଁ ଆଲୋକ,ସତ୍ୟର ଗତିକୁ ଯେ ଲକ୍ଷ୍ୟ ରଖି ଚାଲେ ସେ ହିଁ ଚତୁର । ସେ ହିଂ ଈଶ୍ୱରଙ୍କର ଭାଷାକୁ ବୁଝିପାରେ ସେହିଁ ଆତ୍ମାର ତତ୍ତ୍ୱକୁ ଉପଲବ୍ଧ କରିପାରେ । ସେହିଁ ସୃଷ୍ଟିର ନିର୍ଯ୍ୟାସ ହୋଇଥାଏ । ସେହିଁ ବିଶ୍ୱର ଅମୃତ ତେଣୁ ଅମୃତର ଅନ୍ୱେଷଣରେ ଯେ ଯାଇଛି ସେହିଁ ସୃଷ୍ଟିର ରହସ୍ୟକୁ ବୁଝିପାରିଛି । ତେଣୁ ହେ ଭକ୍ତ ସତ୍ୟକୁ ଆଧାର କରି ମାନବ ସମାଜର କଲ୍ୟାଣ କରିଚାଲିଲେ ନିଶ୍ଚୟ ବିଶ୍ୱ କଳି କବଳରୁ ଉଦ୍ଧାର ପାଇପାରିବ । ସବୁକ୍ଷେତ୍ରରେ ସବୁ ମୂହୂର୍ତ୍ତରେ ସତ୍ୟକୁ ଜାବୁଡି ଧର ନିଶ୍ଚୟ ତୁମେ ଅମର ହୋଇଯିବ । ଯିଏ ଅସତ୍ୟକୁ ଅଧାର କରିଥାଏ ସେ ବିଷୟାରୂପକ ବିଷକୁ ଗ୍ରାସ କରି ଜଗତରୁ ନିଶ୍ଚିନ୍ନ ହୋଇଯାଏ । ଆଉ ଯେ ସତ୍ୟକୁ ଆଧାର କରି ଚାଲେ ସେ ଅମୃତକୁ ଭକ୍ଷଣ କରି ଅମର ହୋଇଯାଏ ଏହି ବିଶ୍ୱରେ । ହରି ଓଁ । (କ୍ରମଶଃ...)

◆◆



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

# ବିବେକର ଦଂଶନ

ଜୀବନ ଏକ ବିଚିତ୍ର ବର୍ଣ୍ଣବୋଧ। ଠିକ୍ ପଢ଼ି ବୁଝିଲେ ସୁଖ ସରସ ଜୀବନ। ଟିକିଏ ଆଡ଼ବାଙ୍କ, ତା'ପରେ ସମାଜରେ ନିନ୍ଦା, ଅପମାନ, ଅପବାଦ, ଯନ୍ତ୍ରଣା, ଯାତନା। ଭଦ୍ର, ଅମାୟିକ ଜୀବନଧାରା; ଏଥିପାଇଁ ଲୋଡ଼ା ସଠିକ୍ ଭାବେ ଜୀବନ ବର୍ଣ୍ଣବୋଧକୁ ଆୟତ୍ତ କରିବା, ଯେମିତି :- ପଢ଼ା ଲେଖା, କଥା କହିବାର ଠାଣିମାଣି - ଅକ୍ଷର ପରିଚୟ ଇତ୍ୟାଦି। ଏସବୁ ଜୀବନ ବର୍ଣ୍ଣବୋଧର ଏକ ଏକ ଅଂଶବିଶେଷ। ସମାଜରେ ଭଦ୍ରମଣିଷଟିଏ; ଅମାୟିକ, ତା'ର ବଳିଷ୍ଠ ବ୍ୟକ୍ତିତ୍ୱ। ସମ୍ପୂର୍ଣ୍ଣ ନିର୍ଭର କରେ ବୁଝିବୁଝେଇବାର କଳାକୁଶଳତାରେ। ଏଥିରେ ସାମାନ୍ୟ ବ୍ୟତିକ୍ରମ। ସୁନ୍ଦର ସବୁଜିମାଭରା ଜୀବନ; ପାଲଟିଯାଏ ଧୂସର, ପାଣ୍ଡୁର, ବିବର୍ଣ୍ଣ ବି। କଥା କହିବା, ପଢ଼ା, ଲେଖା ପାଇଁ ଲୋଡ଼ା ବର୍ଣ୍ଣ ପରିଚୟ, ବର୍ଣ୍ଣବୋଧ ସମ୍ପର୍କିତ ଜ୍ଞାନ ଗରିମା। ମାତ୍ର ଜୀବନ ବର୍ଣ୍ଣବୋଧ; ଏକ କଙ୍କରିଳ, ଆବଡ଼ାଖାବଡ଼ା ପଥ। ଅତିକ୍ରମରେ ବିଶେଷ ସହାୟକ। ସାମାନ୍ୟ ବିଚ୍ୟୁତି; ଏଣିକି ଜୀଇଁବାର ଧାରା ଦୁର୍ବିସହ। ସାମାନ୍ୟ ସ୍ଖଳନ; ମଣିଷ ସାରା ଜୀବନ ଜ୍ୱାଳା ଦହନରେ ଯନ୍ତ୍ରଣା ଜର୍ଜରିତ। ଏପରି ବିକଳ ସ୍ଥିତାବସ୍ଥାକୁ ନେଇ ଢେର୍ ଚର୍ଚ୍ଚା; ନାନାଦି ଦର୍ଶନ। ଏ କ୍ଷେତ୍ରରେ ମନସ୍ତାତ୍ତ୍ୱିକ ଡାକ୍ତର ସିଗମଣ୍ଡ ଫ୍ରଏଡ୍‌ଙ୍କ ମନୋବିଶ୍ଳେଷଣ; ତାହା ବହୁ ଭାବରେ ଆଦୃତ।

ଫ୍ରଏଡ୍ ମନର ତିନିଟି ଅବସ୍ଥାର କଥା କହିଲେ - ଚେତନ, ଅବଚେତନ, ଅଚେତନ। ଚେତନ ମନର ମଣିଷଟି ଭଦ୍ର। ସମାଜରେ ମାପିଚୁପି କଥା କହେ। ତା' ଭିତରର ଜାନ୍ତବ କ୍ଷୁଧା ସବୁ ଲୁଚେଇଦିଏ। ଇସ୍ତ୍ରୀକରା ଧୋବ ଫରଫର କାମିଜି ଆଉ ଧୋତିପିନ୍ଧା ମଣିଷ। ବାହାରକୁ ସହଜ, ସରଳ ; ମାତ୍ର ଯେ ଯେମନ୍ତ ଦିଶନ୍ତି; ତେମନ୍ତ ନୁହଁନ୍ତି। ଉପରଟା ମହାକାଳ ଫଳ ପରି ରଙ୍ଗୀନ, ଭିତରଟା ହଳାହଳ। ସଚେତନ ମନର ମଣିଷ ଖୁବ୍ ସତର୍କ। ଅଚେତନ ମନ। ନାନାଦି, କାମନା, ବାସନାର ଗନ୍ତାଘର। ଜୀବନର ରୁଦ୍ଧିରଖା ମାନ ଅଭିମାନ, ରାଗରୋଷ; ସବୁ ସେଇ ଅବଚେତନ ମନ କୋଠରୀରେ। ଅଲକ୍ଷ୍ୟରେ ତାହା ଆତ୍ମପ୍ରକାଶ କରେ। ଅବଚେତନ ମନଟି ବେଶ୍ ବଳିଷ୍ଠ। ଜୀବନର ସମସ୍ତ ଘଟଣା, ଅଘଟଣ, ପ୍ରେମ, ପ୍ରତାରଣା, ହିଂସା ଦ୍ୱେଷ ସବୁ ସେଇ ଅଚେତନ ମନରେ। ଏହାର ପରିପ୍ରକାଶ ନିଦ୍ରାବସ୍ଥାରେ, ସ୍ୱପ୍ନ, ସ୍ୱରଭଙ୍ଗ, ବିଳାପ, ବିକାର, ଚିତ୍କାର - ଏ ସବୁର ଅଚେତନ ମନର ଏକ ଏକ ବିକାର। ଗୋଟେ କଥାରେ କହିଲେ; ମଣିଷ ଉଭାଦିଗ ଅପେକ୍ଷା ପୋତାଦିଗଟି ଅତି ବଳିଷ୍ଠ, ଭୟଙ୍କର ବି। ସୁବିଧା ସୁଯୋଗରେ ତାହା ଆତ୍ମପ୍ରକାଶ କରେ। ତା' ପରେ ଭଦ୍ରମଣିଷଟି ପାଲଟେ ଅରଣା, ଆଦିମ। ପ୍ରକୃତିସ୍ଥ ହେଲେ ପରିସ୍ଥିତି ବିଷମୟ। ଏଣିକି ଯନ୍ତ୍ରଣାର ବୁଜୁଳି, ବୋହିବୋହି ଚାଲିବାଟା ସାର। ଏ ପ୍ରକାର ଏକ ବିଷମ ସ୍ଥିତି, ବିଧବା ଝିଆରୀ, ଗୀତା। ରୂପ ଯୌବନ ସମ୍ପନ୍ନା। ନିରୋଳା ମୁହୂର୍ତ୍ତ। ପ୍ରବୃତ୍ତିର ତାଡ଼ନାରେ ଦି' ପାଦ ଆଗାନ୍ତି ତା' ଦାଦା - ମୋହନ ବାବୁ। କୌଣସି ପ୍ରକାରେ ଝିଆରୀ ଆତ୍ମରକ୍ଷା କରେ। ତା' ପର ମୁହୂର୍ତ୍ତରୁ ଜୀବନର ଶେଷଯାଏ, ମନସ୍ତାତ୍ତ୍ୱିକ ଜ୍ୱାଳା ଯନ୍ତ୍ରଣାକ୍ରାନ୍ତ ମୋହନବାବୁ। ଏଇ କାନ୍ଦୁରା ମଣିଷଟିର ଅକୁହାକଥା। ଏହାରି ଉପରେ ଆଧାରିତ ଗପଟିଏ। ଗାଳ୍ପିକ ରାମଚନ୍ଦ୍ର ବେହେରା। ଗଳ୍ପର ଶିରୋନାମା 'ବର୍ଣ୍ଣବୋଧ'।

ସେଦିନର ଘଟଣା। ମୋହନବାବୁ ଝିଅଠାରୁ ଶୁଣିଲେ। ତା' ଡାହାଣ କାନର ଇଅର ରିଙ୍ଗ୍‌ଟା ହଜିଗଲା। କେବଳ ଜିନିଷଟା ତ ନୁହେଁ, ଏଥିରେ ଲାଗିରହିଥିବା ସ୍ନେହ ମମତା; ତା'ବି ତୁଟିଗଲା। ଅର୍ଚ୍ଚନାର ଦୁଃଖ ଜଡ଼ସଡ଼ କାନ୍ଦୁରା ମୁହଁ, ସତେ ଯେମିତି ସେ ବଡ଼ ଅସହାୟା! ଅସହାୟ ମଣିଷଟି; ନିରୁପାୟ ହେଇଯାଏ। ତାହା ବାରିହୋଇପଡ଼େ ତା' ସରଳ, ସ୍ନିଗ୍ଧ, କୋମଳ ମୁଖମଣ୍ଡଳରୁ। ଆଜି ଅର୍ଚ୍ଚନାର ସେଇ ଅବସ୍ଥା। ଝିଅର ଏତାଦୃଶ କାରୁଣ୍ୟ; ଦ୍ରବିଗଲା ମୋହନ ବାବୁଙ୍କ ପିତୃ ହୃଦୟଟି।

ଖାଣ୍ଟି ସୁନାରେ ତିଆରି ଇଅର ରିଙ୍ଗ୍ ହଳକ। ଅର୍ଚ୍ଚନା ମୁହଁକୁ ଢେର୍ ମାନୁଛି। ସ୍ନୋ ପାଉଡ଼ର ମଖା ମୁହଁ, କାନରେ ସୁନ୍ଦରିଆ ରିଙ୍ଗ୍ ହଳକ। ପାଦରେ ଅଳତା, ବାହାରିଲା ସାଇ ବୁଲି। ତାଙ୍କ ଘରଟା ଗାଁର ଏକ ନିଛାଟିଆ ଜାଗାରେ। ଗୋଠଖଣ୍ଡିଆ ପରି ପ୍ରତୀୟମାନ। ନିର୍ଜନ ଆଉ ଉଦାସ ବି। ପାହାଡ଼ି ଛାତିର କଳନାଦିନୀ, ଛଳ ଗାମିନୀ ଗିରିଝରଣା ସମ, ଗାଁ ଦାଣ୍ଡରେ ଚାଲିଛି ଅର୍ଚ୍ଚନା। ଗାଁ ଆରମୁଣ୍ଡରେ ଯୋଗେନ୍ଦ୍ର ବାବୁଙ୍କ ଘର। ଅନ୍ଧାର ନଇଁ ନଇଁ ଆସିଲା। ଗାଁ ସାରା ନିରବ, ନିଃସ୍ପନ୍ଦ ଅର୍ଚ୍ଚନା ସେଦିନ ଯାଇପାରିନି, ସେଇଠି ରହେ ଗୀତାନାନୀ। ଭଲ ସ୍ୱେଟର ବୁଣେ, ସୀତାର ବଜାଏ। ପରିବେଶଟା ପାଲଟେ ଶୋକାକୁଳ। ମେଘଢଙ୍କା ଆକାଶ ପରି ଅଶ୍ରୁଳ, ଶ୍ମଶାନର ନିଆଁ ଭଳି ନିଷ୍କରୁଣ। ଗୀତାର ବୈଧବ୍ୟ ବେଶଟା ଭାରି କ୍ଳାନ୍ତ, ମଳିନ; ମାତ୍ର ଗୌରବର୍ଣ୍ଣା ଗୀତା; ଏବେବି ସଜଫୁଟା ଗୋଲାପ ପରି ଢଳଢଳ। ଗୀତା ଅତୀବ ସୁନ୍ଦରୀ। ଗାଁ ଶେଷମୁଣ୍ଡ ଘର। ଟୋକାଠାରୁ ବୁଢ଼ାଯାଏ, ଚାହାଁନ୍ତି ଡାହାଣା ଆଖିରେ; ମାତ୍ର ଗୀତା ତା'ର ଅସ୍ତିତ୍ୱ ବଜାୟ ରଖିଛି ଏଯାଏ।

ରିଙ୍ଗ୍‌ହଜା ଘଟଣା। ବ୍ୟଥିତ ମୋହନ ବାବୁ। ସବୁ ଶୁଣିଲେ ଝିଅଠାରୁ। କେଉଁ କେଉଁ ଜାଗା ଯାଇଛି; ସେ ସ୍ଥାନରେ ଖୋଜିବତ! ଝିଅ ହିଁ ଭରିଲା। ଏକମାତ୍ର ଗୀତା ଦେଇ ଘରକୁ ଯାଇନି ଖୋଜିବାକୁ। ଏତେବଡ଼ ପୃଥିବୀ, ତା' ଭିତରେ ଖୋଜା ଚାଲିଥିବା ଜାଗା; କେତେ କ୍ଷୁଦ୍ର ସତେ! ଅର୍ଚ୍ଚନା କୂଅରୁ ପାଣି କାଢ଼େ। କାଳେ ସେଇ କୂଳରେ ପଡ଼ିଥିବ। ସାଢ଼େ ପାଞ୍ଚଫୁଟ୍ ଗୋଲେଇ ପଚିଶ ଫୁଟ୍ - ଗଭୀର, ଭିତରେ ଚାରି ପାଞ୍ଚଫୁଟ୍ ପାଣି। ପାଣି ଭିତରେ ପଙ୍କ, ତଥାପି ଖୋଜିବାକୁ ହେବ। ଗୋଟେ ଲମ୍ବ ବାଉଁଶ କୂଅରେ ପକାଇ, ପଶିଲେ ମୋହନ ବାବୁ। ଅର୍ଚ୍ଚନା ବାପାଙ୍କୁ ବାରଣ କଲା; କୂଅ ଭିତରକୁ ନ ଯିବାକୁ ଗୁହାରି ହେଲା। ଗତକାଲି ସନ୍ଧ୍ୟା, ସେ ଯାଇଥିଲା ଗୀତାନାନୀ ଘରକୁ। କାଳେ ସେଇଠି ପଡ଼ିଥିବ। ଏକଥା ଦୋହରେଇଲା।

ଆକସ୍ମିକ ଭାବରେ ଚମକି ପଡ଼ିଲେ ମୋହନ ବାବୁ। ମୁହଁ ତାଙ୍କର ରକ୍ତଶୂନ୍ୟ। ତାଙ୍କ ଭିତରେ ଭୟଙ୍କର ବିସ୍ଫୋରଣ! ଏଇ ଅଳ୍ପ କେଇଦିନର ଘଟଣା। ଦିନେନା ଦିନେ ପଦାକୁ ଆସିବ। ତା' ପରେ। ତାଙ୍କ ସାମାଜିକ ସ୍ଥିତିରେ କଳଙ୍କ ଲାଗିବ। କୂଅ ଭିତର ଅନ୍ଧାରଟା ଆହୁରି ଘନ ଅନ୍ଧାର ହେଇ ଯାଆନ୍ତାକି! ତା'ରି ଭିତରେ ନିଜକୁ ଲୁଚେଇ ଦିଅନ୍ତେ! ମୋହନ ବାବୁ ଏଇ ଚିନ୍ତାରେ। ବାହାରକୁ ପ୍ରତୀୟମାନ ଶାନ୍ତ, ସରଳ, ସଙ୍କୋଚ। ଭିତରେ କେଡ଼େ ଦୁର୍ବଳ। ନିଜର ଭିତରର ଭୂତ। ତାଙ୍କୁ କାବୁ କରିଛି, ଡରଉଛି। କୂଅ ଭିତରେ ମୋହନ ବାବୁ। କାହାକୁ ନ ଜଣାଇବାକୁ ତାଙ୍କର ଝିଅକୁ ତାଗିଦ୍।

ବାଉଁଶ ଦି'ଟା କୂଅରୁ କଢ଼ାଗଲା। ଅଣ୍ଟାଏ ଯାଏ ପାଣି। ବାପା ତା'ର ଆଜି ନୂଆ ମଣିଷ ପରି! ପଚିଶ ଫୁଟ୍ ତଳେ, ପାଞ୍ଚଫୁଟ୍ ଗୋଲେଇ କୂଅ ଭିତରେ ବାପା, ରିଙ୍ଗ୍ ଖୋଜୁଛନ୍ତି। କେତେ କରୁଣ, ଦୟନୀୟ ତାଙ୍କ ମୁଖମଣ୍ଡଳ। ପୁନରାୟ ସଂସାର ଭିତରକୁ ଆସିବାକୁ ସେ ଅମଙ୍ଗ। ଦରଜିର ସିଲେଇ ମେସିନ୍ ତଳେ ପଡ଼ିଥିବା ଟୁକୁରା କନାପରି; ତା' ବାପା ଏକ ପତିତ ଆତ୍ମା - ଏମିତି ଭାବୁଛି ଅର୍ଚ୍ଚନା। ଖାମଖିଆଲି, ବେଢ଼ଙ୍ଗ ପଣିଆ ଝିଅର; ମୋହନ ବାବୁ କ୍ରୁଦ୍ଧ। ନିଜ ଜିନିଷ ତ ନିଜେ ଯତ୍ନ ନେଇପାରୁ ନାହାନ୍ତି? ପିଲାଙ୍କର ଟେକାମାଡ଼ରେ ତ୍ରସ୍ତ ବାୟାଚଢ଼େଇର ବସା, ରହିରହି, ଗୁମୁରି ଗୁମୁରି କାନ୍ଦୁଥିବା ପଡ଼ୋଶୀଙ୍କ ଅବସ୍ଥା କ'ଣ ହେବ? କିଏ ଦେବ ସୁରକ୍ଷା! ଏଇ ସ୍ୱର କୂଅ ଭିତରେ ଭୟଙ୍କର, ନୃଶଂସ; ମୋହନବାବୁଙ୍କ ବିଚାରବୋଧ, ନୈତିକତା ବୋଧ ଏବେ କ୍ଳୀବ, ଅଥର୍ବ! ଏ ସ୍ୱରର ଶତ ବିରୋଧ ସତ୍ତ୍ୱେ ଆଜି ବେଶ୍ ତେଜୀୟାନ। ପାଗଳ ସମ ତାଙ୍କର କୁହାଟ, "ଏ ସ୍ୱର ଏକବାର ମିଛ, କୂଅର ଏ ନିର୍ଜନତା ବେଶ୍ ନିରାପଦ, ସତ୍ୟ ବି।" ମୋହନ ବାବୁଙ୍କର ସ୍ୱଗତୋକ୍ତି।

ମୋହନ ବାବୁଙ୍କ ଆଡ଼କୁ କିଏ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ତାଙ୍କ ମାନସପଟରେ ଗୀତାର ମୁହଁ, ବଡ଼ ଅଶ୍ରୁଳ। ଅବିନ୍ୟସ୍ତ କେଶ, ତା' ପିନ୍ଧିଥିବା ଶାଢ଼ୀ କାନି ଏକ ଦୁର୍ଦ୍ଦାନ୍ତର ବଳିଷ୍ଠ ହାତ ମୁଠାରେ, ଛଡ଼େଇ ନେବାର ବ୍ୟାକୁଳତା। ଅତୀତଟା ମନେ ପଡୁଛି। ସେବାନିବୃତ୍ତ ଯୋଗେନ୍ଦ୍ର ବାବୁ। ଚାକିରିଆ ପୁଅମାନେ; ଏବେ ବାହାରେ। ହତଭାଗିନୀ ଝିଅ ଗୀତା ସହ ସେ ନିଜ ଭିଟାମାଟିରେ, କେତେ ନିର୍ମାଖୀ, ନିର୍ମଳ, ସୁନ୍ଦରୀ ଗୀତା। ଦେହରେ ଧୋବ ଫରଫର ଶାଢ଼ୀ। ନିର୍ଦ୍ଦୟ ସ୍ରଷ୍ଟା। ସୁନ୍ଦର ସୃଷ୍ଟି ତାଙ୍କର ଆଜି ମ୍ଳାନ। ଆଗକୁ ଚିନ୍ତାକରି ପାରୁ ନ ଥିଲେ ମୋହନ ବାବୁ।

ପ୍ରବୃତ୍ତିର ତାଡ଼ନା। ନାହିଁ ନିବୃତ୍ତି। ଆଦିମ ପ୍ରବୃତ୍ତି ଅତୀବ ଭୟଙ୍କର। ଏଥିରୁ ଏକବାର ନାହିଁ ନିସ୍ତାର; ମାତ୍ର ସାମାଜିକ ବନ୍ଧନ, ସମ୍ପର୍କ, ଆଚାର ବିଚାର - ଏ ସମସ୍ତ ଭଦ୍ର ମଣିଷର ଆଚରଣ ଅନ୍ତର୍ଭୁକ୍ତ। କିନ୍ତୁ ଅନେକତ୍ର ଏହାର ବ୍ୟତିକ୍ରମ। ଅଧିକାଂଶ ମଣିଷଙ୍କ ଆଖିରେ ଜୀବନ ଅର୍ଥ ବଞ୍ଚିରହିବା। ଏଥିପାଇଁ ଗୋଟାଏ ପ୍ରବୃତ୍ତିର ଉଦ୍‌ଗୀରଣର ଦାବି; ତାକୁ ପାଇବା ପାଇଁ ସମସ୍ତେ ଅସ୍ଥିର। ଏଥିରୁ ବାଦ୍ ପଡ଼ିନାହାନ୍ତି ମୋହନ ବାବୁ। ଏ ପରିପ୍ରେକ୍ଷୀରେ ବିଧବା ଗୀତାର ତନୁ ଲାବଣ୍ୟ, ଅବଶ୍ୟ ଅନେକଙ୍କ ପାଇଁ ଲୋଭନୀୟ। ଏହା ଏକ ନିରାଟ ବାସ୍ତବତା। ଏଥିରେ ଆଶ୍ଚର୍ଯ୍ୟ ହେବା କିଛି ନାହିଁ!

ସେଦିନ ରାତିର ଘଟଣା, ମୋହନବାବୁଙ୍କ ଚାକିରି ବ୍ଲକ୍ ଅଫିସରେ। ରାତି ଦଶଟା। ପହଞ୍ଚିଲେ ଯୋଗେନ୍ଦ୍ର ବାବୁଙ୍କ ଘର ନିକଟରେ। ଘଟିଲା ଏକ ଅଘଟଣ। ଗୀତାର ଚିତ୍କାର – "ବାହାର ଏଠୁ ପଶୁ, ଅନାର୍ଯ୍ୟ।" ମୋହନ ବାବୁ କବାଟରେ କରାଘାତ କଲେ। କିଏ ଜଣେ ଅନ୍ଧାରରେ ଦୌଡ଼ି ପଳାଉଛି। ସେ କେହି ନୁହେଁ, ଘର ଜଗୁଆଳ। ସୁଯୋଗ ଉଣ୍ଡି ଗୀତାକୁ ଉପଭୋଗ କରିବାର ତା'ର ବୃଥା ପ୍ରଚେଷ୍ଟା। ମୋହନବାବୁ ଘର କୋଠରି ମଧ୍ୟରେ। ନିଜ ଆଖିକୁ ବିଶ୍ୱାସ କରିପାରିଲେନି। ଗୀତା ବ୍ଲାଉଜ ଛିଣ୍ଡିଯାଇଛି। ସେ ନିଜ ଶାର୍ଢ଼ିରେ ଦେହ ଆବୃତ୍ତ କଲା। ମୋହନ ବାବୁ ଲଣ୍ଠନ ତେଜିଲେ। ଗୀତା ସର୍ବହରା, ନିଃସହାୟା, ପିଲାଙ୍କ ପରି କାନ୍ଦୁଛି, ବଡ଼ ବିକଳ କାନ୍ଦଣା। ଆଉ ଗୋଟିଏ ମିନିଟ୍ ବିଳମ୍ବ ହେଇଥିଲେ, ତା'ର ସର୍ବନାଶ। ଏକଥା କହିଲା ଦାଦା ମୋହନ ବାବୁଙ୍କୁ।

କୂଅ ଭିତରେ ମୋହନବାବୁ। ପାଣି ପଙ୍କର ନର୍କ ମଧ୍ୟରେ ସେ ଅଣନିଃଶ୍ୱାସ। ଝିଅ କହୁଥିଲା, ରିଙ୍ଗ୍‌ଟା ମିଳିଗଲା। ତା' ଗୀତା ନାନୀ ବଡ଼ ବିକଳରେ କହୁଥିଲା, କାଲି ରାତିରେ ତା' ଘରେ ଦୁଇଜଣ ଚୋର ପଶିଥିଲେ, ଜଣେ ଜଗୁଆଳ, ଆଉ ଜଣେ - ସେ ଦିହିଁଙ୍କୁ ସେ କ୍ଷମା କରିଦେଇଛି। ଗତ ରାତିରେ ତା' ଘରେ ମୋହନ ବାବୁଙ୍କ ଚକଲ ହଳକ ଥିଲା, ସେ ଫେରାଇ ଦେଇଛି। ମୋହନ ବାବୁଙ୍କ ପାଦ ତଳୁ ମାଟି ଯେମିତି ଖସିଯାଇଛି। ଯାହା ହେଉ ଗୀତା କଥାଟା କହିନି। ଜଗୁଆଳ ପରି ସେ'ବି ଗୀତାର ରୂପରେ ପ୍ରଲୁବ୍ଧ। ଆଉ ଦି'ପାଦ ଆଗେଇଥିଲେ। ଗୀତାର ପଦିଏ ଡାକ – "ଦାଦା ଏ କ'ଣ କରୁଛ?" ଝଡ଼ ବେଗରେ ବାହାରି ଯାଇଥିଲେ ମୋହନ ବାବୁ।

ସମାଜ ଏକ ବିଚିତ୍ର ରଙ୍ଗଶାଳା। ଆହୁରି କିମ୍ଭୂତ କିମାକାର ରଙ୍ଗମଖା ମଣିଷମାନେ। ଆହାର, ନିଦ୍ରା, ମୈଥୁନ - ସମସ୍ତଙ୍କ ପାଇଁ ସମାନ ଏଇ ଜୀବଜଗତରେ; ମାତ୍ର ମଣିଷ ଭିନ୍ନ। ବିଚାରଶକ୍ତି, ବୋଧଶକ୍ତି - ଏଥିପାଇଁ ସେ ଜୀବମାନଙ୍କ ମଧ୍ୟରେ ଶ୍ରେଷ୍ଠ, ଏଥିରୁ ସାମାନ୍ୟ ବିଚ୍ୟୁତି, ସେ ପାଲଟେ ପଶୁଟିଏ, ଯେମିତି ବିଧବା ଗୀତା ଘର ଜଗୁଆଳ, ଆଉ ତା'ର ଦାଦା ମୋହନ ବାବୁ। ସେ ଚାକିରି କଲେ, ଅର୍ଥ କମେଇଲେ; ହେଲେ ସମ୍ପୂର୍ଣ୍ଣ ବିଫଳ ଜୀବନ ବର୍ଣ୍ଣବୋଧ ପଠନରେ। ମୋହନବାବୁ ସେଦିନ ଭାବୁଥିଲେ "କେଡ଼େ ନିର୍ଲ୍ଲଜ, ଅମଣିଷ ପଶୁଟିଏ ସେ।" ଗପଟିରେ ମୋହନ ବାବୁଙ୍କ ମନୋବିଶ୍ଳେଷଣରେ ଗାଳ୍ପିକ ବେଶ୍ ସଫଳ - ଏଥିରେ ଦ୍ୱିରୁକ୍ତି ନାହିଁ।

# ରହସ୍ୟର ସ୍ତର ତଳେ ସମାହିତ ସତ୍ୟ



ଅସିତ ମହାନ୍ତି
ଆବାହକ , ଓଡ଼ିଆ ଭାଷା
ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ସାମ୍ପ୍ରତିକ ଇତିହାସର କିଛି ଘଟଣା ସମାଜର ବିବେକକୁ ହଲାଇ ଦିଏ। ଜେଫ୍ରି ଏପଷ୍ଟିନ୍ ଫାଇଲଗୁଡ଼ିକ ଏପରି ଏକ ଘଟଣା - ଏକ ଦୁର୍ନୀତି ଯାହା କ୍ଷମତା, ଟଙ୍କା ଏବଂ ପ୍ରଭାବଶାଳୀ ଶ୍ରେଣୀର ଅନ୍ଧକାର ଦୁନିଆକୁ ପ୍ରକାଶ କରିଥିଲା। କିନ୍ତୁ ଯେତେବେଳେ ମାମଲାଟି ସମ୍ପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇପାରିଥାନ୍ତା, ସେତେବେଳେ ବିଶ୍ୱ ରାଜନୀତି ଏବଂ ରହସ୍ୟମୟ ପ୍ରକାଶ ଏହାକୁ ରହସ୍ୟରେ ଘୋଡ଼ାଇ ଦେଇଥିବା ପରି ମନେ ହେଉଛି। ଇରାନରେ ଯୁଦ୍ଧର ଆଶଙ୍କା ଏବଂ ଯୁକ୍ତରାଷ୍ଟ୍ର ଦ୍ୱାରା UFO ଫାଇଲଗୁଡ଼ିକର ସମ୍ପ୍ରତି ପ୍ରକାଶ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି ଯେ ଏହା କ'ଣ ଏପଷ୍ଟିନ୍ ଫାଇଲଗୁଡ଼ିକର ବିସ୍ଫୋରକ ପ୍ରଭାବକୁ ଦମନ କରିବାର ଏକ ପ୍ରୟାସ।

ଏପଷ୍ଟିନ୍ ମାମଲା କେବଳ ଜଣେ ବ୍ୟକ୍ତିଙ୍କ ଅପରାଧ ନଥିଲା, ବରଂ ଏକ ନେଟୱାର୍କର ପ୍ରତୀକ ଥିଲା ଯେଉଁଥିରେ କ୍ଷମତା ଏବଂ ସମ୍ପତ୍ତିରେ ନିଶାଗ୍ରସ୍ତ ଲୋକମାନେ ଦୁର୍ବଳ ଲୋକଙ୍କୁ ଶୋଷଣ କରୁଥିଲେ। ଏହି ମାମଲା ଦର୍ଶାଇଥିଲା ଯେ ନ୍ୟାୟ ବ୍ୟବସ୍ଥା ଏବଂ ଗଣମାଧ୍ୟମ ଉପରେ ଚାପ ପକାଇ ସତ୍ୟକୁ କିପରି ଲୁଚାଇ ରଖାଯାଇପାରିବ। ଯେତେବେଳେ ଏହି ଫାଇଲଗୁଡ଼ିକ ସାର୍ବଜନୀନ କରାଗଲା, ସମାଜରେ ଏକ ଆଶା ସୃଷ୍ଟି ହେଲା ଯେ ହୁଏତ ବଡ଼ ନାମ ପ୍ରକାଶିତ ହେବ। କିନ୍ତୁ ସେହି ସମୟରେ, ଇରାନ-ଇସ୍ରାଏଲ ସଂଘର୍ଷ ଏବଂ UFO ଫାଇଲଗୁଡ଼ିକର ପ୍ରକାଶ ଅନ୍ତର୍ଜାତୀୟ ସ୍ତରରେ ଶିରୋନାମା କରିଥିଲା। UFO ଫାଇଲଗୁଡ଼ିକ ନିଜସ୍ୱ ଭାବରେ ରହସ୍ୟମୟ ଏବଂ ରୋମାଞ୍ଚକର। ଦଶନ୍ଧି ଧରି, ଲୋକମାନେ ଏହି ପ୍ରଶ୍ନ ପଚାରୁଛନ୍ତି: ଆମେ କ'ଣ ଏହି ବ୍ରହ୍ମାଣ୍ଡରେ ଏକା? ଯେତେବେଳେ ଆମେରିକା ସରକାର ଏହି ଦଲିଲଗୁଡ଼ିକୁ ପ୍ରକାଶ କଲେ, ସେତେବେଳେ ସମଗ୍ର ବିଶ୍ୱର ଧ୍ୟାନ ହଠାତ୍ ଏହି ରହସ୍ୟ ଉପରେ କେନ୍ଦ୍ରିତ ହୋଇଗଲା। ଗଣମାଧ୍ୟମ ଏହାକୁ ଚାପଗ୍ରସ୍ତ କଲା, ଏବଂ ସାଧାରଣ ଜନତା ଏହି ରହସ୍ୟ ଦ୍ୱାରା ଆକର୍ଷିତ ହେଲେ। କିନ୍ତୁ ସମାଲୋଚକମାନେ କୁହନ୍ତି ଯେ ସମୟ 'ସୁବିଧାଜନକ' ଥିଲା - କାରଣ ଏପଷ୍ଟିନ୍ ଫାଇଲଗୁଡ଼ିକ ଚାପ ବଢୁଥିଲା ଏବଂ କ୍ଷମତାର କରିଡର ମଧ୍ୟରେ ଅଶାନ୍ତି ଥିଲା। ଇରାନ ଯୁଦ୍ଧ ଏହି ପରିସ୍ଥିତିର ଏକ ଅଂଶ ହୋଇଗଲା। ମଧ୍ୟପ୍ରାଚ୍ୟ ରାଜନୀତି ସର୍ବଦା ବିଶ୍ୱ ସମ୍ବାଦର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଯେତେବେଳେ ସଂଘର୍ଷ ପ୍ରଜ୍ୱଳିତ ହୁଏ, ଗଣମାଧ୍ୟମର ଧ୍ୟାନ ସ୍ୱାଭାବିକ ଭାବରେ ଏହା ଆଡ଼କୁ ସ୍ଥାନାନ୍ତରିତ ହୁଏ। ଏଥର ଠିକ୍ ଏହା ଘଟିଛି। ଯୁଦ୍ଧ ସମ୍ବାଦ, ତୈଳ ମୂଲ୍ୟ, ବିଶ୍ୱ ସୁରକ୍ଷା ଚିନ୍ତା - ଏସବୁ ଏପଷ୍ଟିନ୍ ଫାଇଲଗୁଡ଼ିକର ଗମ୍ଭୀରତାକୁ ଢାଙ୍କି ଦେଇଥିଲା। ପ୍ରଶ୍ନ ଉଠେ: ଏସବୁ କେବଳ ଏକ ସଂଯୋଗ ନା ଏକ ଯୋଜନାବଦ୍ଧ ରଣନୀତି? ଜନସାଧାରଣଙ୍କ ଧ୍ୟାନ ହଟାଇ ଏକ ବଡ଼ ଦୁର୍ନୀତିକୁ ଦମନ କରିବା କ୍ଷମତା ଇତିହାସରେ ନୂଆ ନୁହେଁ। ପ୍ରାଚୀନ ରୋମ ସମୟରୁ 'ରୁଟି ଏବଂ ସର୍କସ' ନୀତି ପ୍ରଚଳିତ ହୋଇଆସିଛି - ଜନସାଧାରଣଙ୍କୁ ରୁଟି ଏବଂ ପ୍ରଦର୍ଶନ ଦିଅ ଯାହା ଦ୍ୱାରା ସେମାନେ ପ୍ରକୃତ ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ। ଟରଙ୍ଗ ଫାଇଲ୍ ଏବଂ ଯୁଦ୍ଧ ଖବର ଆଜିର ସମୟର ଏକ ଦୃଶ୍ୟ ପାଲଟିଛି।

କିନ୍ତୁ ସତ୍ୟ ହେଉଛି ଯେ ଏପଷ୍ଟିନ୍ ଫାଇଲ୍ସଗୁଡ଼ିକୁ ଦମନ କରାଯାଇପାରିବ ନାହିଁ। ସେମାନେ ସମାଜର ଏକ ଅନ୍ଧକାର କୋଣକୁ ପ୍ରକାଶ କରନ୍ତି ଯେଉଁଠାରେ ଶକ୍ତି ଏବଂ ଲୋଭ ମାନବତାକୁ ଚୂର୍ଣ୍ଣ କରନ୍ତି। ଏହି ମାମଲା ଆମକୁ ଏହା ବିଚାର କରିବାକୁ ବାଧ୍ୟ କରେ ଯେ ନ୍ୟାୟ କେବଳ ଦୁର୍ବଳଙ୍କ ମଧ୍ୟରେ ସୀମିତ ହେବା ଉଚିତ୍ ନୁହେଁ, ବରଂ ଶକ୍ତିଶାଳୀମାନଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ। UFO ଫାଇଲ୍ସଗୁଡ଼ିକ ଯେତେ ରହସ୍ୟମୟ ହେଉ, ଏବଂ ଯୁଦ୍ଧ ଯେତେ ଭୟଙ୍କର ହେଉ, ସେଗୁଡ଼ିକ ପଛରେ ଥିବା ଘୋଟାଲା ଆମକୁ ମନେ ପକାଇ ଦିଏ ଯେ ପ୍ରକୃତ ସଂଘର୍ଷ ହେଉଛି ସ୍ୱଚ୍ଛତା ଏବଂ ନ୍ୟାୟ ପାଇଁ। ଆଜିର ବିଶ୍ୱରେ, ସୂଚନାର ପ୍ରବାହ ଏତେ ଦ୍ରୁତ ଯେ ସାଧାରଣ ଲୋକଙ୍କ ଧ୍ୟାନ ସହଜରେ ଅନ୍ୟତ୍ର ବିବର୍ତ୍ତିତ କରାଯାଇପାରିବ। କିନ୍ତୁ ଆମକୁ ବୁଝିବାକୁ ପଡିବ ଯେ ମାନବ ମର୍ଯ୍ୟାଦା ଏବଂ ନ୍ୟାୟ ଟରଙ୍ଗ ରହସ୍ୟ ଏବଂ ଯୁଦ୍ଧର ରାଜନୀତି ଅପେକ୍ଷା ଆହୁରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏପଷ୍ଟିନ୍ ଫାଇଲ୍ ସେହି ମର୍ଯ୍ୟାଦାକୁ ରକ୍ଷା କରିବା ପାଇଁ ଏକ ଆହ୍ୱାନ। ଯଦି ଆମେ ସେଗୁଡ଼ିକୁ ଭୁଲିଯାଉ, ତେବେ ଆମେ କ୍ଷମତାର ଖେଳରେ ମୁଦ୍ରା ହୋଇଯାଉ। ତେଣୁ ଏହି ରହସ୍ୟ ଏବଂ ଯୁଦ୍ଧର ଶବ୍ଦ ମଧ୍ୟରେ ମଧ୍ୟ ଆମେ ସେହି ଗୁପ୍ତ ସତ୍ୟକୁ ଆବିଷ୍କାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏପଷ୍ଟିନ୍ ଫାଇଲ୍ ଆମକୁ ଶିଖାଏ ଯେ ଏକ ସମାଜର ପ୍ରକୃତ ଶକ୍ତି ଏହାର ନୈତିକତା ଏବଂ ନ୍ୟାୟ ଭାବନାରେ ରହିଛି। UFO ଫାଇଲଗୁଡ଼ିକ ଆମକୁ ବ୍ରହ୍ମାଣ୍ଡର ଗୁପ୍ତ କଥା ଦେଖାଏ, ଯୁଦ୍ଧ ଆମକୁ ଶକ୍ତିର ନିଷ୍ଠୁରତା ଅନୁଭବ କରାଏ, କିନ୍ତୁ ଏପଷ୍ଟାଇନ୍ ଫାଇଲଗୁଡ଼ିକ ଆମକୁ ଆମର ଦାୟିତ୍ୱ ମନେ ପକାଇ ଦିଏ - ଦୁର୍ବଳଙ୍କୁ ସୁରକ୍ଷା ଦେବା ଏବଂ ଶକ୍ତିଶାଳୀଙ୍କୁ ଦାୟୀ କରିବା।

ଏହା ହେଉଛି ସେହି ସଂଘର୍ଷ ଯାହା ଭବିଷ୍ୟତରେ ଆମ ସଭ୍ୟତାର ଗତିପଥ ନିର୍ଣ୍ଣୟ କରିବ। ଯଦି ଆମେ ରହସ୍ୟ ଏବଂ ଯୁଦ୍ଧର ଚମତ୍କାର ଦୃଶ୍ୟରେ ହଜିଯାଉ, ତେବେ ସତ୍ୟ ଦବିଯିବ। କିନ୍ତୁ ଯଦି ଆମେ ନ୍ୟାୟର ସ୍ୱର ଶୁଣିବା ଜାରି ରଖୁ, ତେବେ କୌଣସି ଫାଇଲ୍, ତାହା UFO କିମ୍ବା ଏପଷ୍ଟିନ୍ ବିଷୟରେ ହେଉ, ଆମକୁ ସତ୍ୟଠାରୁ ବିଚଳିତ କରିପାରିବ ନାହିଁ। ଏପଷ୍ଟିନ୍ ଫାଇଲ୍ ବିଷୟରେ ସତ୍ୟ ଉନ୍ମୋଚନ ପାଇଁ, କେବଳ ଦଲିଲ୍ ପ୍ରକାଶ କରିବା ଯଥେଷ୍ଟ ନୁହେଁ; ବରଂ, ବ୍ୟାପକ ସାମାଜିକ ଏବଂ ସାଂଗଠନିକ ଚାପ ଆବଶ୍ୟକ। ଶକ୍ତି ଏବଂ ପ୍ରଭାବଶାଳୀ ଗୋଷ୍ଠୀଗୁଡ଼ିକ ପ୍ରାୟତଃ ଏପରି ମାମଲାଗୁଡ଼ିକୁ ଦବାଇ ଦେବାକୁ ଚେଷ୍ଟା କରନ୍ତି, ଯାହା ଜନସାଧାରଣ, ଗଣମାଧ୍ୟମ ଏବଂ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ପ୍ରଥମେ, ସ୍ୱାଧୀନ ଏବଂ ସାହସୀ ସାମ୍ବାଦିକତାକୁ ମଜବୁତ କରିବାକୁ ପଡିବ। ଯେତେବେଳେ ଗଣମାଧ୍ୟମ, କ୍ଷମତା ଚାପରୁ ମୁକ୍ତ ହୋଇ ସତ୍ୟକୁ ପ୍ରକାଶ କରେ, ସେତେବେଳେ ହିଁ ଏପରି ଘୋଟାଲାର ଗଭୀରତା ପହଞ୍ଚିପାରିବ। ଏପଷ୍ଟିନ୍ ମାମଲା କେବଳ ଅପରାଧର କାହାଣୀ ନୁହେଁ, ବରଂ ରାଜନୀତି, ବ୍ୟବସାୟ ଏବଂ ମନୋରଞ୍ଜନ ଶିଳ୍ପର ପ୍ରମୁଖ ବ୍ୟକ୍ତିତ୍ୱଙ୍କ ସହିତ ଜଡିତ ଏକ ନେଟୱାର୍କର ପର୍ଦ୍ଦାଫାସ। ଯଦି ସାମ୍ବାଦିକତା ଏହା ଉପରେ ଆଲୋକପାତ କରିବାକୁ ଜାରି ରଖେ, ଚାପ ବୃଦ୍ଧି ପାଇବ ଏବଂ ସତ୍ୟ ଉନ୍ମୋଚିତ ହେବ।ଦ୍ୱିତୀୟତଃ, ନ୍ୟାୟିକ ସ୍ୱଚ୍ଛତା ଅପରିହାର୍ଯ୍ୟ। କୋର୍ଟ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଆବଶ୍ୟକ। ତଦନ୍ତ ନିରପେକ୍ଷ ଏବଂ ସ୍ୱଚ୍ଛ ନହେଲେ, ଫାଇଲଗୁଡ଼ିକ କେବଳ କାଗଜପତ୍ର ହୋଇ ରହିବ। ଜନସାଧାରଣ ଦାବି କରିବେ ଯେ ଏହି ଦଲିଲଗୁଡ଼ିକୁ ସାର୍ବଜନୀନ କରାଯାଉ ଏବଂ ଅପରାଧୀମାନଙ୍କୁ ଦଣ୍ଡ ଦିଆଯାଉ। ତୃତୀୟତଃ, ନାଗରିକ ସମାଜ ଏବଂ ଜନସଚେତନତା ହେଉଛି ସବୁଠାରୁ ଶକ୍ତିଶାଳୀ ଶକ୍ତି। ଯଦି ଲୋକମାନେ ଟରଙ୍ଗ ଫାଇଲ୍ ଏବଂ ଯୁଦ୍ଧର ଚାଞ୍ଚଲ୍ୟକର କାହାଣୀରେ ମଗ୍ନ ହୋଇଯାଆନ୍ତି ଏବଂ ଏପଷ୍ଟିନ୍ ମାମଲାକୁ ଭୁଲିଯାଆନ୍ତି, ତେବେ ଶାସନର ରଣନୀତି ସଫଳ ହେବ। କିନ୍ତୁ ଯଦି ଜନସାଧାରଣ ପ୍ରଶ୍ନ ପଚାରି ଚାଲିଥାନ୍ତି - 'କିଏ ସମ୍ପୃକ୍ତ ଥିଲା?', 'କାହାକୁ କାହିଁକି ଦଣ୍ଡ ଦିଆଯାଇନାହିଁ?', 'ଫାଇଲ୍ କାହିଁକି ଦବାଇ ଦିଆଯାଉଛି?' - ଏହି ଚାପ ଶାସନକୁ ହାର ମାନିବାକୁ ବାଧ୍ୟ କରିବ। ଚତୁର୍ଥ, ଅନ୍ତର୍ଜାତୀୟ ସହଯୋଗ ମଧ୍ୟ ଅତ୍ୟାବଶ୍ୟକ। ଏପଷ୍ଟିନ୍ ନେଟୱାର୍କ କେବଳ ଆମେରିକା ପର୍ଯ୍ୟନ୍ତ ସୀମିତ ନଥିଲା; ଏହା ବିଶ୍ୱବ୍ୟାପୀ ଲୋକଙ୍କୁ ସାମିଲ କରିଥିଲା। ଯଦି ବିଭିନ୍ନ ଦେଶର ପ୍ରତିଷ୍ଠାନଗୁଡ଼ିକ ମିଳିତ ଭାବରେ ଏହି ଫାଇଲଗୁଡ଼ିକର ତଦନ୍ତ କରନ୍ତି, ତେବେ ସତ୍ୟକୁ ଦମନ କରିବା କଷ୍ଟକର ହେବ।

ଶେଷରେ, ଏହା ଏକ ନୈତିକ ସଂଘର୍ଷ। UFO ରହସ୍ୟ ଏବଂ ଯୁଦ୍ଧର ରାଜନୀତି ଧ୍ୟାନ ଆକର୍ଷଣ କରିପାରେ, କିନ୍ତୁ ମାନବତା ପାଇଁ ପ୍ରକୃତ ପ୍ରଶ୍ନ ହେଉଛି ଯେ ଆମେ ଦୁର୍ବଳଙ୍କୁ ସୁରକ୍ଷା ଦେଇପାରିବା ଏବଂ ଶକ୍ତିଶାଳୀଙ୍କୁ ଦାୟୀ କରିପାରିବା କି? ଏପଷ୍ଟିନ୍ ଫାଇଲ୍ ବିଷୟରେ ସତ୍ୟ ସେତେବେଳେ ପ୍ରକାଶ ପାଇବ ଯେତେବେଳେ ସମାଜ ନିଷ୍ପତ୍ତି ନେବ ଯେ ନ୍ୟାୟ ଏବଂ ସ୍ୱଚ୍ଛତା ଅପେକ୍ଷା ବଡ଼ ଦୃଶ୍ୟ ଆଉ କିଛି ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# କୋରାପୁଟ ଜିଲ୍ଲାରେ ତେଲ, ଗ୍ୟାସ୍ ପରେ ବଢ଼ିଲା ପରିବା ଦର



**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଦରଦାମ୍ ଆହେତୁକ ଭାବେ ବୃଦ୍ଧି ପାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ଏଲପିଜି ଦର ମାର୍ଚ୍ଚ ମାସରେ ବଢ଼ିଥିବା ବେଳେ ବାଣିଜ୍ୟିକ ଏଲ୍‌ପିଜି ନମିଳିବାରୁ ହୋଟେଲ ଓ ରେଷ୍ଟୋରାଁରେ ଖାଇବା ମହଙ୍ଗା ହୋଇଥିଲା। ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ସରିବା ପରେ ସରକାରୀ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ୯ ଦିନରେ ୩ ଥର ବଢ଼ାଇଲେ । ଏଥିପାଇଁ ପେଟ୍ରୋଲ୍ ଓ ଡିଜେଲ୍ ଦର ମହଙ୍ଗା ହୋଇଯାଇଛି। ବିଗତ କିଛିଦିନ ମଧ୍ୟରେ ଖାଇବା ତେଲ, ଡାଲି ଦର ବଢ଼ିଥିବାବେଳେ ଏବେ କଞ୍ଚା ପରିବା ଦର ବଢ଼ିଯାଇଛି । ପ୍ରାୟ ସବୁ କଞ୍ଚା ପରିବା ଦର କୋରପୁଟ ଜିଲ୍ଲାର ଜୟପୁର ସହର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, ବୈପାରିଗୁଡା, ଲମତାପୁଟ ବଜାରରେ କିଲୋଗ୍ରାମ ପିଛା ୫ରୁ ୧୦ ଟଙ୍କା ଲେଖାଏଁ ବଢ଼ି ଯାଇଛି । ସୂଚନା ଅନୁଯାୟୀ, ବାଇଗଣର ଖୁଚୁରା ଦର ୬୦ ଟଙ୍କା, କଲରା ଦର ୬୦ରୁ ୮୦ ଟଙ୍କା, କାଙ୍କଡ଼ ୬୦ରୁ ୮୦ ଟଙ୍କା, ଗାଜର ୪୦ରୁ ୬୦ ଟଙ୍କା, ସଜନା ଛୁଇଁ ୮୦ରୁ ୧୦୦ ଟଙ୍କା, ଟମାଟୋ ୫୦ରୁ ୬୦ ଟଙ୍କା, ଭେଣ୍ଡି ୪୦ରୁ ୬୦ ଟଙ୍କା, ପୋଟଳ ୬୦ରୁ ୮୦ ଟଙ୍କା, କଖାରୁ ୩୦ ଟଙ୍କା, ଅମୃତଭଣ୍ଡା ୩୦ ଟଙ୍କା, ବନ୍ଧା କୋବି ୩୦ ଟଙ୍କାରେ ବିକ୍ରି ହୋଇଛି । ଖୁଚୁରା ବଜାରରେ ଅଦା ଓ ରୁଷୁଣ ଦର କିଲୋଗ୍ରାମ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି । ସପ୍ତାହକ ପୂର୍ବେ ହରଡ଼ ଡାଲି ଦାମ୍ କିଲୋଗ୍ରାମ ପିଛା ୧୨୦ ଟଙ୍କା ଥିବାବେଳେ ସଂପ୍ରତି ତାହା ୧୩୦ ଟଙ୍କାରେ ବିକ୍ରି ହେଉଛି । ସୋରିଷ ତେଲ ଓ ରିଫାଇନ୍ ତେଲ ଦର ଲିଟର ପିଛା ୧୦ ଟଙ୍କା ଲେଖାଏଁ ବଢ଼ି ଯଥାକ୍ରମେ ୧୯୦ ଟଙ୍କା ଓ ୧୮୦ ଟଙ୍କା ହୋଇଛି । ଓଡ଼ିଶାକୁ ଅଧିକାଂଶ ଖାଦ୍ୟ ସାମଗ୍ରୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ରାଜ୍ୟରୁ ଆସୁଛି । ଏଥିସହିତ ପାଇକାରୀ ବଜାରରୁ ଖୁଚୁରା ବଜାରରେ ସାମଗ୍ରୀ ପହଞ୍ଚିବା ଲାଗି ୩ରୁ ୪ ଦିନ ହୋଇଯାଉଛି । ତେଣୁ ଖାଉଟି ନିକଟରେ ସାମଗ୍ରୀ ପହଞ୍ଚିଲା ବେଳକୁ ଦର ୩ରୁ ୫ ଗୁଣା ବଢ଼ିଯାଉଛି । ପରିବହନ ଖର୍ଚ୍ଚ ୧୦ ପ୍ରତିଶତ ବଢ଼ିଯାଇଛି । ସେଥିପାଇଁ ପରିବା ଦର ବଢ଼ିଯାଇଛି । ଆଗକୁ ସ୍ଥାନୀୟ ପରିବା ଶେଷ ହେବ । ଏହାପରେ ଦରଦାମ୍ ଆହୁରି ଅଧିକ ବଢ଼ିବାର ଆଶଙ୍କା ରହିଛି । ବଜାରରେ ୨ରୁ ୫ ପ୍ରତିଶତ ଦର ବଢ଼ିବା ଓ କମିବା ସ୍ୱାଭାବିକ। କିନ୍ତୁ ଦର ଏବେ ଅସ୍ୱାଭାବିକ ଭାବେ ବଢ଼ୁଛି। ସର୍ବାଧିକ ଖୁଚୁରା ମୂଲ୍ୟ ଯିଏ ଯାହା ପାରିଲା ଲେଖୁଛି । ଉତ୍ପାଦନ ଖର୍ଚ୍ଚ କେତେ ରହୁଛି ଏବଂ ବିକ୍ରି ମୂଲ୍ୟ କେତେ ରହିବା ଉଚିତ, ସେ ସଂକ୍ରାନ୍ତରେ କେହି ଧ୍ୟାନ ଦେଉନାହାନ୍ତି । ସେହିଭଳି ଆମଦାନି ପରେ ଖାଇବା ତେଲ, ଡାଲି ଆଦି ଦର କେତେ ରହୁଛି ଏବଂ ଖାଉଟିଙ୍କୁ ବଜାରରେ କେତେ ଦରରେ ବିକ୍ରି କରାଯାଉଛି ସେ ବାବଦରେ ମଧ୍ୟ ସରକାରଙ୍କ ନଜର ନାହିଁ । ତେଣୁ ଦରଦାମ୍ ବହୁମାତ୍ରାରେ ବଢ଼ୁଛି ଏବଂ ଖାଉଟି ଅସୁବିଧାରେ ପଡୁଛନ୍ତି । ରାଜ୍ୟ ସରକାରଙ୍କୁ ଦରଦାମ୍ ନିୟନ୍ତ୍ରଣ ପାଇଁ ଏକ କମିଟି ଗଠନ କରି ପ୍ରତି ୨ ମାସରେ ଥରେ ଏହି କମିଟିର ବୈଠକ କରିବା ପାଇଁ ଦାବି ହୋଇଛି । ସେହିଭଳି ଖଚୁରା ବଜାର ଉପରେ ସରକାରଙ୍କ ନିୟନ୍ତ୍ରଣ ନଥିବାରୁ ଦର ଉଚ୍ଚା ରହୁଛି ଜିଲ୍ଲାବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଦରଦାମ୍ ନିୟନ୍ତ୍ରଣ ପାଇଁ କମିଟି ଗଠନ କରି ଚଢଉ କରିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି ।

# ହତ୍ୟା ଅପରାଧୀକୁ ଆଜୀବନ ଜେଲ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ବାସୁଦେବପୁର ଥାନା ଖେମେଶ୍ୱରପୁର ଗ୍ରାମର ଆରତୀ ଦାସ ହତ୍ୟା ଅଭିଯୁକ୍ତ ସୁରେନ୍ଦ୍ର ଦାସଙ୍କ ପୁତ୍ର ମଧୁସୂଦନ ଦାସଙ୍କୁ ଭଦ୍ରକ ଜିଲ୍ଲା ତଥା ଦୌରା ଜଜ୍ ଲଲାଟେନ୍ଦୁ ଜେନା ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପୁନଶ୍ଚ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ବାସୁଦେବପୁର ଥାନା ବ୍ରାହ୍ମଣୀଗାଁ ଖେମେଶ୍ୱରପୁର ଗ୍ରାମର ନାରାୟଣ ଦାସଙ୍କ ପତ୍ନୀ ଆରତୀ ଗତ ୨୦୨୧ ମସିହା ଜୁଲାଇ ମାସ ୨୨ ତାରିଖରେ ବିଲରୁ କାମ କରି ଫେରୁଥିବା ବେଳେ, ସେହି ଗାଁର ୩ ଛକି ପାଖରେ ତାଙ୍କର ପଡୋଶୀ ମଧୁସୂଦନ ଦାସ ପୂର୍ବ ଶତ୍ରୁତା କାରଣରୁ ହାତରେ ଧରିଥିବା ଶାବଳ ଦ୍ୱାରା ତାଙ୍କ ମୁଣ୍ଡକୁ ଲକ୍ଷ କରି ନିର୍ମମ ଭାବରେ ପିଟିଥିଲେ। ଆରତୀ ଗୁରୁତର ହୋଇ ସେଠାରେ ପଡିରହିଥିବା ବେଳେ ତାଙ୍କ ସ୍ୱାମୀ ଖବରପାଇ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନା ନେଇଯାଇଥିଲେ, ସେଠାରୁ ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ହେଉଥିବାବେଳେ ଆରତୀ ମୃତ୍ୟୁବରଣ କରିଥିଲା । ନାରାୟଣଙ୍କ ଲିଖିତ ଅଭିଯୋଗ ମୂଳେ ବାସୁଦେବପୁର ଥାନା କେସ୍ ନଂ ୨୧୯/୨୧ ଦଫା ୩୦୨ରେ ଏକ କେସ୍ ହୋଇ ଅଭିଯୁକ୍ତ ମଧୁସୂଦନକୁ ପୋଲିସ ସେହି ମାସ ୧୪ ତାରିଖରେ ଗିରଫ କରି କୋର୍ଟ ପଠାଇ ଦେଇଥିଲା। ସେହିଦିନରୁ ସେ ବିଚରାଧୀନ ବନ୍ଦୀ ଭାବରେ ଜେଲ୍‌ରେ ଅଟକ ଅଛି। ଜିଲ୍ଲା ଜଜ୍‌ଙ୍କ କୋର୍ଟରେ ST no- ୧୯/୨୧ ମୂଳେ ବିଚାର ହୋଇ ତାଙ୍କର ରାୟ ପ୍ରକାଶ ପାଇ ଉପରୋକ୍ତ ଦଣ୍ଡ ପ୍ରଦାନ କରାଯାଇଛି। ସରକାରଙ୍କ ତରଫରୁ ପବ୍ଲିକ୍ ପ୍ରସିକ୍ୟୁଟର ମିନା ଟପ୍ପୋ ମାମଲା ପରିଚାଳନା କରୁଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ଶୋଚନୀୟ:କେନାଲରେ ଭାସୁଛି ଭ୍ରୂଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଛୋଟ ଛୋଟ କାରଣ ଲାଗି ବ୍ରହ୍ମପୁର ସ୍ଥାନାନ୍ତର, ବିଶେଷଜ୍ଞ ଡାକ୍ତରଙ୍କ ଅଭାବ, ଲେବର ରୁମ୍‌ରେ ନିଆଁ ଲାଗିବା, ୬ ମାସ ଧରି ଓ୍ୱାର୍ମର ବନ୍ଦ ରହିବା, ପରିବାର ନିୟୋଜନ ଅସ୍ତ୍ରୋପଚାରରେ ଅର୍ଥ ଆଦାୟ, ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ବ୍ୟବହୃତ ଛୁଞ୍ଚି ସୂତା ବାବଦରେ ଅର୍ଥ ଦେବା ଲାଗି ବାଧ୍ୟ କରିବା ଭଳି ଘଟଣାରେ ଚର୍ଚ୍ଚାରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପୁଣି ଏକ ନୂତନ ଅଘଟଣ ଯୋଡ଼ି ହୋଇଛି । ଘଟଣାକ୍ରମରେ ତାକରଡ଼ା ଗ୍ରାମର ସ୍ୱପ୍ନା ନାୟକ ୬ ମାସରୁ ଊର୍ଦ୍ଧ୍ୱ ହେବ ଗର୍ଭବତୀ ଥିଲେ । ତାଙ୍କର ଗର୍ଭ ଯନ୍ତ୍ରଣା ହେବାରୁ ୧୦୨କୁ ଫୋନ୍ କରିଥିଲେ। ୧୦୨ ଘରେ ପହଞ୍ଚି ସ୍ୱପ୍ନାଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତସ୍ରାବ ଆରମ୍ଭ ହୋଇଥିଲା। ଯଦିଓ ଏଠି କୌଣସି ଉତ୍ତମ ଚିକିତ୍ସା ସୁବିଧା ନଥିଲା, ତେବେ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କାହିଁକି କରାଗଲାନି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦ୍ୱିତୀୟତଃ ଯଦି ଏଠାରେ ତାଙ୍କର ଅପରେସନ୍ କରାଗଲା ଏବଂ ମୃତ ଭ୍ରୂଣ ଜନ୍ମ ହେଲା ତାହାହେଲେ ମୃତ ଭ୍ରୂଣକୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ନଷ୍ଟ କରାନଯାଇ କାହିଁକି ଉକ୍ତ ମହିଳାଙ୍କୁ ପ୍ଲାସେଂଟା ଲାଗିଥିବା ଅବସ୍ଥାରେ କାହିଁକି ଦିଆଗଲା ଏବଂ ମହିଳା ଜଣଙ୍କ ନିଜର ମୃତ ଭ୍ରୂଣକୁ କେନାଲରେ ଫୋପାଡ଼ିଦେଲେ ଏହା କଣ ମାନବିକତା କି, ଏହା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଯଦି ମହିଳା ଜଣଙ୍କ ଏହି ମୃତଭ୍ରୂଣକୁ ନେବା ଲାଗି ଜିଦ୍ ଧରିଲେ, ତେବେ ଦାୟିତ୍ୱରେ ଥିବା ସେବିକା ସ୍ମୃତିଲତା ନାୟକ କାହିଁକି ବାରଣ କଲେନି ବା ନିଜ କଥା ନଶୁଣିବାରୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେନି କାହିଁକି ଏବଂ ଯଦି ଜବରଦସ୍ତ ନେଲେ ତେବେ ତାଙ୍କ ସମ୍ପର୍କୀୟଙ୍କ ଠାରୁ ଲିଖିତ ଭାବେ କିଛି ରଖିଲେ ନାହିଁ କାହିଁକି ? ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଲାଗି ମୃତଭ୍ରୂଣ ତାକରଡ଼ା ନିକଟସ୍ଥ ଋଷିକୂଲ୍ୟା କେନାଲ୍‌ରେ ଭାସୁଥିଲା। ଏହାକୁ ସ୍ଥାନୀୟ ଜନସାଧାରଣ ଦେଖି ନିକଟସ୍ଥ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ପହଞ୍ଚି ମୃତଭ୍ରୂଣକୁ ଉଦ୍ଧାର କରି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିଥିଲେ । ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏଭଳି ଅବହେଳାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି । ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ, କେବେ ବଦଳିବ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ ।

# ବାଲେଶ୍ୱରରେ 'ସ୍ୱତନ୍ତ୍ର ସଘନ ସଂଶୋଧନ' ଆରମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ଭାରତୀୟ ନିର୍ବାଚନ କମିଶନ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୩୦/୦୫/୨୦୨୬ ତାରିଖ ଠାରୁ ୦୬/୦୯/୨୦୨୬ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସଆଇଆର) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ବିଭାଗୀୟ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଏହି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିର୍ଭୁଲ୍ ଓ ଅପଡେଟ୍ କରିବା। ୩୦ ମେ, ୨୦୨୬ ରୁ ୨୮ ଜୁନ୍, ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀମାନେ ପ୍ରତ୍ୟେକ ପରିବାର ଗସ୍ତ କରି ଭୋଟରଙ୍କ ତଥ୍ୟ ଯାଞ୍ଚ ଏବଂ ଫର୍ମ ସଂଗ୍ରହ କରିବେ। ୬ ସେପ୍ଟେମ୍ବର, ୨୦୨୬ରେ ସମସ୍ତ ସଂଶୋଧନ ପରେ ସମ୍ପୂର୍ଣ୍ଣ ନିର୍ଭୁଲ୍ ଓ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ସାମ୍ବାଦିକ ସମ୍ମିଳନୀ ଶେଷରେ ଜିଲ୍ଲାପାଳ ବାଲେଶ୍ୱର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

# ମାର୍କେଟ୍ କମ୍ପ୍ଲେକ୍ସ ବେଆଇନ୍ ନିଲାମ ରଦ୍ଦ କରିବାକୁ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାର୍ଶାଘାଇ ପଞ୍ଚାୟତ ବସଷ୍ଟାଣ୍ଡ ନିକଟରେ ସରକାରୀ ଅର୍ଥରେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଏହି ଘରଗୁଡ଼ିକୁ ପଞ୍ଚାୟତରାଜ ବିଭାଗର ନିୟମ ଅନୁଯାୟୀ ସ୍ୱଚ୍ଛ ଓ ନିରପେକ୍ଷ ନିଲାମ୍ ପ୍ରକ୍ରିୟା ମାଧ୍ୟମରେ ନିଲାମ୍ ହେବାକଥିଲା କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଏହି ନିଲାମ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ଗୁପ୍ତ ଭାବରେ ଓ ପକ୍ଷପାତିତା ପୂର୍ଣ୍ଣ ଭାବରେ ଓ ବେଆଇନ୍ ଭାବରେ ନିଲାମ କରିବାକୁ ମଞ୍ଜୁରୀ କରୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ପଞ୍ଚାୟତ ସରପଞ୍ଚ, ବିଡ଼ିଓ, ଇଂଜିନିୟରଙ୍କ ସମେତ ଓ ସଂପୃକ୍ତ କର୍ମଚାରୀମାନେ ମିଳିମିଶି ସରକାରୀ ନିୟମକୁ ଉଲ୍ଲଂଘନ କରି ନିଜ ଇଚ୍ଛାମାନେ ନିଲାମ୍ ପ୍ରକ୍ରିୟା କରାଉଛନ୍ତି। ସାଧାରଣ ଜନସାଧାରଣଙ୍କୁ କୌଣସି ପ୍ରକାର ସୂଚନା, ନୋଟିସ୍ କିମ୍ବା ଖୋଲା ଟେଣ୍ଡର୍ ଜାରି କରାଯାଇନଥିଲା। ଏହି ପ୍ରକ୍ରିୟାକୁ ଗୋପନୀୟ ଭାବେ କରାଯାଇ ମିଥ୍ୟା ଓ ଫର୍ଜରୀ ଦସ୍ତଖତ ମାଧ୍ୟମରେ କାଗଜପତ୍ର ପ୍ରସ୍ତୁତ କରାଯାଇଥିବା ଅଭିଯୋଗ କରାଯାଇଛି। ଏହି ନିଲାମ୍ ପ୍ରକ୍ରିୟାକୁ ତତ୍କ୍ଷଣାତ୍ ରଦ୍ଦ କରାଯାଇ ସମ୍ପୂର୍ଣ୍ଣ ଘଟଣାର ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ତନୟ କୁମାର ଜେନା, ଭାସ୍କର ଜେନା, ଅନନ୍ତ ଚନ୍ଦ୍ର ଜେନା, ଉଚ୍ଛନ ମଲିକ, ମହେଶ୍ୱର ମଳିକ, ଘନଶ୍ୟାମ ପ୍ରଧାନ, ବାବୁଲି ଜେନା ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରି ତଦନ୍ତ ଦାବି କରିଛନ୍ତି।

# ରକ୍ଷଣା ବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିପର୍ଯ୍ୟସ୍ତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ବିଗତ ସରକାର ସମୟରେ ବ୍ୟାସନଗର ସହରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ବିଭିନ୍ନ ଛକ ଓ ଗରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ବିଭିନ୍ନ ବିଦ୍ୟୁତ ସରଞ୍ଜାମ୍ ଓ ବିଭିନ୍ନ ବିଭିନ୍ନ ଚିତ୍ର ବିଚିତ୍ର କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଶିଶୁ ଉଦ୍ୟାନ, ଜିମ୍ ଆମୋଦ ପ୍ରମୋଦ ପାଇଁ ମଧ୍ୟ ଉଦ୍ୟାନ ନିର୍ମାଣ କରାଯାଇଥିଲା। ସନ୍ଧ୍ୟା ସମୟରେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଏ ସରକାରଙ୍କର ସମୟରେ ସବୁ ଭାଙ୍ଗି ରୁଜି ଚୁରମାର୍ ହୋଇଯାଇଛି । ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଚୋରଦା ବାଇପାସ୍‌ରେ ସଂଯୋଗ କରାଯାଇ ଥିବା ବିଦ୍ୟୁତ୍ ଉପକରଣରେ ପାଣି ବାହାରି କେଟିଲିରେ ବାହାରିଯାଏ। ବିଦ୍ୟୁତ୍ ଲାଇଟ୍ ଓ ଜହ୍ନ ଆଲୁଅରେ ସୌନ୍ଦର୍ଯ୍ୟ ଦେଖାଯାଏ। ଏବେ ତାହା ଭାଙ୍ଗିରୁଜି ଯାଇଛି । ଏ ସମ୍ପର୍କରେ ପୌରପରିଷଦର ନିଘା ନାହିଁ। ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ଗଲା। ସହରବାସୀ କହୁଛନ୍ତି ସରକାର କା ମାଲ୍ .... ଦରିଆ ମେ ଡାଲ୍ ସଦୃଶ ସୌନ୍ଦର୍ଯ୍ୟକରଣ ।

# ପୁରୁଷୋତ୍ତମ ଏକାଦଶୀ:ଗୀତା ଓ ବିଷ୍ଣୁ ସହସ୍ର ନାମ ପାଠ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପ୍ରତି ୩ ବର୍ଷରେ ଥରେ ଆସୁଥିବା ମଳ ମାସ ବା ଅଧି ମାସ (ପୁରୁଷୋତ୍ତମ ମାସ) ଶୁକ୍ଲ ପକ୍ଷରେ ପଡ଼ିଥାଏ । ହିନ୍ଦୁ ଧର୍ମରେ ଏକ ଅତ୍ୟନ୍ତ ପବିତ୍ର ଓ ଦୁର୍ଲଭ ଏକାଦଶୀ ବ୍ରତ ଅଟେ। ଏହି ଅବସରରେ ବ୍ରାହ୍ମଣ ସମାଜ ପକ୍ଷରୁ ଶ୍ରୀ ଚନ୍ଦ୍ରଚୁଡ ମନ୍ଦିର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶ ସମ୍ପାଦକ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ମନ୍ଦିରରେ ନିତିକାନ୍ତି ଅନୁଯାୟୀ ପୂଜା ପାଠ ହୋଇଥଲା । ପରେ ଅଠର ଅଧ୍ୟାୟ ଗୀତା ପାଠ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ଦ୍ୱାରା ହୋଇଥିଲା। ବିଷ୍ଣୁ ସହସ୍ର ନାମ ପାଠ ଓ ହନୁମାନ ଚାଳିଶା ସାମୁହିକ ଭାବେ ପାଠ ହୋଇଥିଲା । ପଣ୍ଡିତ ପ୍ରଦ୍ୟୁମ୍ନ ମିଶ୍ର, ମାନସ ପୁରୋହିତ, ବାଜୀ ହୋତା, ସଞ୍ଜୟ ଶଙ୍କର ପୁରୋହିତ, ମିନୁପ୍ରସାଦ ମିଶ୍ର, ସୁର୍ଯ୍ୟେନ୍ଦ୍ର ଶତପଥି, ଆଶୁତୋଷ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆସନ୍ତା ଦିନରେ ବ୍ରାହ୍ମଣ ସମାଜ ପକ୍ଷରୁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା ସହିତ ଭାଗବତ ପାଠ ଓ ଗୀତା ଆବୃତ୍ତି ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଜିଲ୍ଲାରେ କର୍ମକାଣ୍ଡ ବିଦ୍ୟାଳୟ ଖୋଲିବାକୁ ସରକାରଙ୍କ ନିକଟରେ ହୋଇଥିବା ଆବେଦନକୁ କାର୍ଯ୍ୟକାରୀ କରିବାକୁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଯୋଗଦେଇ ସମାଜରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ ।

### ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ


# ଆଗରେ ଛାତ୍ରୀ, ୧୩ ବିଭାଗରେ ଟପ୍ପର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ୨୦୨୩-୨୬ ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇଛି। କୁଳପତି ପ୍ରଫେସର ଅସୀମା ସାହୁ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ, ପରୀକ୍ଷା ନିୟନ୍ତ୍ରକ ଡ଼. ମନୋଜ କୁମାର ପଟ୍ଟନାୟକ, ପରୀକ୍ଷା ଉପନିୟନ୍ତ୍ରକ ଡ଼. ପ୍ରଶାନ୍ତ କୁମାର ନରେନ୍ଦ୍ର ଓ ଛାତ୍ର କଲ୍ୟାଣ ଡ଼ିନ୍ ଡ଼. ଉଷାରାଣୀ ରଥ ପରୀକ୍ଷା ଫଳ ପୁସ୍ତକ ଉନ୍ମୋଚନ କରିଛନ୍ତି । କଳାରେ ପାସ୍ ହାର ୯୬ ପ୍ରତିଶତ, ବାଣିଜ୍ୟରେ ୯୭ ପ୍ରତିଶତ ଓ ବିଜ୍ଞାନରେ ପାସ୍ ହାର ୯୪ ପ୍ରତିଶତ ରହିଛି । ସାତଟି ବିଭାଗର ପାସ୍ ହାର ଶହେ ପ୍ରତିଶତ ରହିଛି । ଭୂତତ୍ତ୍ୱ ବିଭାଗର ହୃଷିକେଶ ନାହାକ ଶ୍ରେଷ୍ଠ ଗ୍ରାଜୁଏଟ୍ ହୋଇଛନ୍ତି । ଏହା ସହିତ ହୃଷିକେଶ ସ୍ନାତକୋତର ଶିକ୍ଷା ପାଇଁ ଅନୁଷ୍ଠିତ ସର୍ବ ଭାରତୀୟ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଆଇଆଇଟି ବମ୍ବେରେ ନାମଲେଖାର ସୁଯୋଗ ପାଇଛନ୍ତି। ସ୍ନାତକ କଳା ସ୍ରୋତରେ ମୋଟ୍ ୪୨୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪୦୩ ଜଣ ପାସ୍ ହୋଇଛନ୍ତି । ସେହିପରି ବିଜ୍ଞାନରେ ୩୧୪ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୨୯୫ ଏବଂ ବାଣିଜ୍ୟରେ ୩୫୯ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩୫୭ ଜଣ କୃତକାର୍ଯ୍ୟ ହୋଇଛନ୍ତି । କୃତୀ ଛାତ୍ରଛାତ୍ରୀଙ୍କୁ କୁଳପତିଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଶୁଭେଚ୍ଛା ଜଣାଇଛନ୍ତି । ପରୀକ୍ଷା ଫଳ ପ୍ରକାଶ ସହ ବେଷ୍ଟ ଗ୍ରାଜୁଏଟ୍ ଓ ବିଭାଗ ଟପ୍ପରଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି । କଳା, ବାଣିଜ୍ୟ ଓ ବିଜ୍ଞାନ ସ୍ରୋତରେ ମୋଟ୍ ୧୭ଟି ବିଭାଗ ମଧ୍ୟରୁ ୧୩ଟି ବିଭାଗର ଛାତ୍ରୀ ଟପ୍ପର ହୋଇଛନ୍ତି ଏବଂ ୪ଟି ବିଭାଗରେ ଛାତ୍ର ଟପ୍ପର ହୋଇଛନ୍ତି । ତିନୋଟି ବିଭାଗର ପାସ୍ ହାର ଶହେ ପ୍ରତିଶତ ରହିଛି । ନୂତନ ବିଭାଗ କଳା ଓ ବିଜ୍ଞାନ, ଶିକ୍ଷା, ଦର୍ଶନଶାସ୍ତ୍ର, ଭୂତତ୍ତ୍ୱ, ଗଣିତ ଓ ପ୍ରାଣୀବିଜ୍ଞାନ ବିଭାଗରେ ପରୀକ୍ଷାରେ ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ବଢ଼ୁଛି ତାଳସଜର ଚାହିଦା:ଅସହ୍ୟ ଗ୍ରୀଷ୍ମରେ ଦେଉଛି ଥଣ୍ଡାର ଆଶ୍ୱସ୍ତି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଗ୍ରୀଷ୍ମ ଋତୁର ଅସହ୍ୟ ତାତି ମଧ୍ୟରେ ବୌଦ୍ଧ ଜିଲ୍ଲାରେ ଏବେ ତାଳସଜର ଚାହିଦା ବେଶ୍ ବଢ଼ିଯାଇଛି। ବୌଦ୍ଧ ବ୍ଲକର ଜହ୍ନାପଙ୍କ, ସାହାଜପାଲ, ତେଲିବନ୍ଧ, ଖୁବନ୍ଧ, ବହିରା, ବଢ଼ିଗାଁ, ଗିରାସିଙ୍ଗା ଓ ବାଉଁଶୁଣୀ ସହ ବିଭିନ୍ନ ଗ୍ରାମାଳରେ ଥିବା ତାଳଗଛ ଗୁଡିକ ଏହି ସମୟରେ ଲୋକଙ୍କ ପାଇଁ ବଡ ଚାହିଦା ପାଲଟିଛି। ପ୍ରତିଦିନ ବଢୁଥିବା ତାପମାତ୍ରା ଓ ଅସହ୍ୟ ଗରମରୁ ମୁକ୍ତି ପାଇବା ପାଇଁ ଲୋକମାନେ ଏବେ ପ୍ରାକୃତିକ ଓ ଜଳୀୟ ଖାଦ୍ୟ ଉପରେ ଅଧିକ ନିର୍ଭର କରୁଥିବାବେଳେ ତାଳସଜ ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଛି । ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମରେ ଦେଖାଯାଉଥିବା ତାଳଗଛ ଗୁଡିକରୁ ମିଳୁଥିବା କଅଁଳ ତାଳସଜ ଏବେ ହାଟବଜାର ଓ ରାସ୍ତାକଡରେ ବିକ୍ରି ହେଉଛି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଛୋଟ ଛୋଟ ବ୍ୟବସାୟୀମାନେ ରାସ୍ତାକଡରେ ତାଳସଜ ବିକ୍ରି କରୁଥିବାବେଳେ ଲୋକମାନେ ମଧ୍ୟ ଏହାକୁ କିଣି ବହୁ ଆନନ୍ଦର ସହ ଖାଉଛନ୍ତି । ଗ୍ରୀଷ୍ମ ଦିନରେ ଥଣ୍ଡା ଓ ସ୍ୱାଦିଷ୍ଟ ଲାଗୁଥିବାରୁ ପିଲା ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଏହାର ଆକର୍ଷଣ ଦେଖିବାକୁ ମିଳୁଛି । ତାଳସଜରେ ପ୍ରଚୁର ପରିମାଣରେ ଜଳୀୟ ଅଂଶ ରହିଥିବାରୁ ଏହା ଶରୀରରେ ପାଣିର ଅଭାବକୁ ପୂରଣ କରିବା ସହ ଶରୀରକୁ ଥଣ୍ଡା ରଖିଥାଏ। ତିବ୍ର ଗରମ ସମୟରେ ଏହା ଖାଇଲେ ଶରୀରର କ୍ଲାନ୍ତି କମିବା ସହ ପେଟ ପାଇଁ ମଧ୍ୟ ଉପକାରୀ ହୋଇଥାଏ । ଡାକ୍ତରମାନଙ୍କ ମତରେ ମଧ୍ୟ ତାଳସଜ ଏକ ପ୍ରାକୃତିକ ଓ ପୌଷ୍ଟିକ ଖାଦ୍ୟ ହୋଇଥିବାରୁ ଗ୍ରୀଷ୍ମ ଋତୁରେ ଏହାର ଚାହିଦା ସ୍ୱାଭାବିକ ଭାବେ ବଢିଥାଏ। ଅନ୍ୟପଟେ ଗ୍ରାମାଞ୍ଚଳର କିଛି ଗରିବ ପରିବାର ଏହି ତାଳସଜ ବିକ୍ରି କରି ରୋଜଗାର ମଧ୍ୟ କରୁଛନ୍ତି । ତାଳଗଛରୁ ତାଳସଜ ସଂଗ୍ରହ କରି ବଜାରରେ ବିକ୍ରି କରିବା ଦ୍ୱାରା ଅନେକ ଲୋକଙ୍କୁ ଋତୁକାଳୀନ ଆୟର ମାର୍ଗ ମିଳୁଛି । ତେବେ ଦିନକୁ ଦିନ ତାଳଗଛ କଟାଯାଉଥିବାରୁ ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ଆବଶ୍ୟକ ବୋଲି ପରିବେଶପ୍ରେମୀମାନେ ମତ ପ୍ରକାଶ କରିଛନ୍ତି । ଗ୍ରୀଷ୍ମ ଦିନରେ ପ୍ରକୃତିର ଏହି ଅମୂଲ୍ୟ ଦାନ ଏବେ ବୌଦ୍ଧ ଜିଲ୍ଲାବାସୀଙ୍କ ପାଇଁ ଗରମରୁ ମୁକ୍ତିର ଏକ ବଡ ଆଶ୍ୱସ୍ତି ପାଲଟିଛି ।

### ////////////// ଓଏଏସ୍ ଛାତ୍ରୀ ଶୀତଲ କୁଶଳଙ୍କ ପ୍ରତିଶ୍ରୁତି //////////////

# ସମାଜର ସବୁ ବର୍ଗର ଜନତାଙ୍କ ସେବା କରିବି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**




୧୩୪ ନମ୍ବର ରେଙ୍କରେ କୃତକାର୍ଯ୍ୟ ହୋଇଥିବା ଓ ପ୍ରଥମ ଥର ପରୀକ୍ଷାରେ ବିନା କୋଚିଂରେ ସଫଳତା ପାଇଥିବା ସୋନପୁର ସହରର ସୁଶ୍ରୀ ଶୀତଲ କୁଶଳଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ହୋଟେଲ ମୁନ୍ କନ୍‌ଫରେନ୍ସ ହଲ୍ ଠାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଓଏଏସ୍ ଅଫିସର ଶରତ ସେଠି, ସମ୍ମାନିତ ଅତିଥି ଭାବରେ ଡ଼ଃ ସନ୍ତୋଷ ପାଢ଼ୀ, ଡଃ ଆର୍ତ୍ତ ତ୍ରାଣ ବାବୁ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସମାଜସେବୀ ଶ୍ରୀବସ୍ତ ମଲ୍ଲିକ, ସମାଜସେବୀ ଗୋବିନ୍ଦ ମହାରଣା ଯୋଗଦେଇ ଓଏଏସ୍ କୃତି ଛାତ୍ରୀ ଶୀତଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ସଫଳତା କାମନା କରିଥିଲେ । ଓଏଏସ୍ କେବଳ ଗୋଟିଏ ପରୀକ୍ଷା ନୁହେଁ ଜୀବନରେ ଅନେକ ପରୀକ୍ଷାର ସମ୍ମୁଖିନ ହେବାକୁ ପଡିବ ବୋଲି ଅତିଥିମାନେ କହିଥିଲେ । ସମ୍ବର୍ଦ୍ଧନା ତୁମକୁ ନିଷ୍ଠା, ଧୈର୍ଯ୍ୟ ଓ ପାରାକାଷ୍ଠ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସହାୟକ ହେବ ବୋଲି କହିଥିଲେ । ଯେତେ ଉଚ୍ଚ ପଦବୀରେ ରହିଲେ ମଧ୍ୟ ପିତା ମାତା ନିଜର ମାଟି ମାତୃଭୂମିକୁ କେବେବି ଅଣଦେଖା ନକରିବାକୁ ଅତିଥିମାନେ ପରାମର୍ଶ କରିଥିଲେ । ଓଏସ୍ ଶୀତଲ ନିଜର ଅଭିଜ୍ଞତା ପ୍ରକାଶ କରି ତଳସ୍ତରର ଲୋକ ଓ ସମାଜର ସବୁବର୍ଗର ଲୋକଙ୍କ ପାଇଁ ଉତ୍ତମ ସେବା ପ୍ରଦାନ କରିବି ଓ ସୋନପୁର ମାଟିର ତଥା ଓଡ଼ିଶାର ସୁନାମ ଅର୍ଜନ କରିବିବୋଲି କହିଥିଲେ। ଶୀତଲ ଭୁବନେଶ୍ୱରରୁ ସୋନପୁର ଫେରିବା ପରେ ବସ୍‌ଷ୍ଟାଣ୍ଡରୁ ସୁରେଶ୍ୱରୀ ମନ୍ଦିର ଯାଏ ଓ ପରେ ନିଜ ବାସ ଭବନ ଯାଏଁ ଏକ ଭବ୍ୟ ସ୍ୱାଗତ କରି ଶୀତଲକୁ ଶହ ଶହ ଶୁଭେଚ୍ଛୁ ପାଛୋଟି ନେଇଥିଲେ । ଶୀତଲ ସୋନପୁର ପହଞ୍ଚିଲା ପରେ ପ୍ରଥମେ ମା' ସୁରେଶ୍ୱରୀଙ୍କ ଦର୍ଶନ ଲାଭ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଶୀତଲର ପିତା ଅଭିମନ୍ୟୁ କୁଶଳ ଓ ଭଉଣୀ କାଜଲ କୁଶଳ ଏ ସଫଳତା ଉପରେ ନିଜ ନିଜର ଅନୁଭୂତି ପ୍ରକାଶ କରି ମା' ସୁରେଶ୍ୱରୀଙ୍କ ଠାରେ ସୋନପୁରବାସୀଙ୍କ ଠାରେ କୃତଜ୍ଞ ବୋଲି କହିଥିଲେ। ସମ୍ବର୍ଦ୍ଧନା ସଭାକୁ ପ୍ରାଧାପକ ମଦନ ସୁନ୍ଦର ଖେତି ଓ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠି ସଂଯୋଜନା କରିଥିବା ବେଳେ ଅଧାପକ କ୍ଷୀରୋଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶୀତଲ ସୋନପୁର ପହଞ୍ଚିଲା ପରେ ସୁବର୍ଣ୍ଣପୁର ସହରର ଶହ ଶହ ଶୁଭେଚ୍ଛୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଶୀତଲର ବାସଭବନରେ ଭିଡ଼ ଲଗାଇଥିଲେ । ଜିଲ୍ଲା ଓକିଲ ସଂଘ, ଶ୍ରୀ ଗୋପାଳ ଜି ଯୋଗାଳୟ, ଭାରତ ବିକାଶ ପରିଷଦ, ବରିଷ୍ଠ ନାଗରିକ ସଂଘ, ସ୍ୱଚ୍ଛ ଭାରତ ସଙ୍ଗଠନ, ଓଡ଼ିଶା ସାମ୍ବାଦିକ ସଂଘ, ବିଗୁଲ ଟି ଭି, ପର୍ଏଁରୀ, ହୋଟେଲ ମୁନ, ମହାନଦୀ ସାହିତ୍ୟ ସଂସଦ, ଏମ୍ପ୍ଲୋଇଜ ଆସୋସିଏସନ୍, ଏସ୍‌ସିଏସ୍‌ଟି ସେଲ, ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା କଲେଜ, ମହାନଦୀ ଧାରା, କୋଶଳ ଆବାସିକ ବିଦ୍ୟାଳୟ, ଦିବ୍ୟ ଉର୍ଯ୍ୟେକ୍ଷ ଯୋଗ ସେବା ସମିତି, ରାମ ଧୂନ୍ କ୍ଲବ୍, ଜିଲ୍ଲା କ୍ରୀଡା ସଂଘ, ଇଶାନି ଇନ୍‌ଷ୍ଟିଚ୍ୟୁୟୁଟ୍ ଅଫ୍ ଲର୍ନିଙ୍ଗ, ଶ୍ରମିକ ସଂଗଠନ, ୧୯୯୪ ସୋନପୁର କଲେଜ୍ ବ୍ୟାଚ, ତେନ୍ତୁଳି ଘାଟ ଭାଗବତ ପାଠାଗାର, ବିଡିଓ ଶରତ ସେଠି, ବୁଢୀମା' କ୍ଲବ୍, ଠିକାଦାର ସଂଘ, ଡ୍ରାଇଭର ସଂଘ, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ସଙ୍ଗଠନ ଓ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଓଏଏସ୍ ସୁଶ୍ରୀ କୁଶଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଦକ୍ଷିଣାଞ୍ଚଳ ଆରଡ଼ିସିଙ୍କୁ ଏକାଧିକ ଦାୟିତ୍ୱ:ବାରମ୍ବାର ସ୍ଥଗିତ ହେଉଛି ଗୁରୁତ୍ୱପୂର୍ଣ୍ଣ ବୈଠକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଲୋକଙ୍କ ସରକାରରେ ଅଧିକାରୀଙ୍କ ଘୋର ଅଭାବ। ଏପରିକି ୧୦ଟି ଜିଲ୍ଲାର ଦାୟିତ୍ୱ ସମ୍ଭାଳୁଥିବା ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ନାହାନ୍ତି ଅଧିକାରୀ। ଏଠାରେ ଅବସ୍ଥାପିତ ବରିଷ୍ଠ ପ୍ରଶାସକ ସଂଗ୍ରମ କେଶରୀ ମହାପାତ୍ରଙ୍କୁ ଗତ ଫେବୃୟାରୀରୁ ମିଳିଛି ପଶ୍ଚିମାଞ୍ଚଳର ରାଜସ୍ୱ କମିଶନର ସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ । ଫଳରେ ଜଣେ ଅଧିକାରୀଙ୍କ ମୁଣ୍ଡରେ ରାଜ୍ୟର ପ୍ରାୟ ୨୦ଟି ଜିଲ୍ଲାର ଦାୟିତ୍ୱ ରହିଛି । ଯାହାଫଳରେ ସେ ନିଜ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିବାରେ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ଏସବୁ ଦାୟିତ୍ୱକୁ ବାଦ୍ ଦେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ସେ ରାଜ୍ୟସ୍ତରୀୟ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟିର ଅଧ୍ୟକ୍ଷ ଅଛନ୍ତି । ୨୦୧୦ ମସିହାରୁ ମୋଟ୍ ୧୪୬୬ଟି ଜାଲ୍ ଜାତିଗତ ପ୍ରମାଣପତ୍ର ଅଭିଯୋଗ ରହିଥିବା ବେଳେ ସେଥିମଧ୍ୟରୁ ଦୀର୍ଘ ୧୬ ବର୍ଷ ମଧ୍ୟରେ ଅର୍ଥାତ୍ ବର୍ତ୍ତମାନ ସୁଦ୍ଧା ମାତ୍ର ୬୮୭ଟି ମାମଲା ସମାଧାନ ହୋଇପାରିଛି । ଅବଶିଷ୍ଟ ୭୭୯ଟି ମାମଲାର ଶୁଣାଣି ନହୋଇ ପଡ଼ିରହିଛି । ଇତି ମଧ୍ୟରେ ବହୁ ଅଭିଯୋଗକାରୀ ଓ ଯେଉଁମାନଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ସେମାନଙ୍କର ଦେହାନ୍ତ ଅଥବା ଅବସର ଗ୍ରହଣ ହୋଇସାରିଥିବା ଜଣାପଡ଼ିଛି । ଗତ ଫେବୃୟାରୀ ଓ ମାର୍ଚ୍ଚ ମାସରେ ନିୟମିତ ଭାବେ ଏହି ଜାଲ୍ ଜାତିଗତ ପ୍ରମାଣ ଯାଞ୍ଚ କମିଟି ବୈଠକ ବସି ଅନେକ ମାମଲାର ସମାଧାନ ହୋଇଥିଲା । ତେବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଏକାଧିକ ବା ଅତିରିକ୍ତ ଦାୟିତ୍ୱ ପ୍ରଦାନ ପରେ ସମସ୍ୟା ବଢ଼ିଯାଇଛି । ଏଥିପାଇଁ ଚଳିତ ମାସ ୬ ତାରିଖରେ ହେବାକୁ ଥିବା ଯାଞ୍ଚ କମିଟି ବୈଠକକୁ ଶେଷ ସମୟରେ ସ୍ଥଗିତ କରିବାକୁ ପଡ଼ିଥିବା ବେଳେ ବର୍ତ୍ତମାନ ୨୯ ତାରିଖରେ ହେବାକୁ ଥିବା ବୈଠକକୁ ମଧ୍ୟ ସ୍ଥଗିତ ରଖିବାକୁ ପଡୁଛି । ଗତ ୬ ତାରିଖରେ ଆଭାସିରେ ରାଜସ୍ୱମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଯୋଗୁ ଏବଂ ଆସନ୍ତା ୨୯ ତାରିଖରେ ଜିଲ୍ଲା ଉନ୍ନୟନ ସମନ୍ୱୟ ତଥା ପରିଚାଳନା ବୈଠକ ଏବଂ ମହିଳା ଦକ୍ଷତା ବିକାଶ ସମ୍ପର୍କିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବୈଠକ ହେବାକୁ ଥିବାରୁ ବ୍ରହ୍ମପୁର ଠାରେ ପ୍ରସ୍ତାବିତ ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟି ବୈଠକକୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ସ୍ଥଗିତ ରଖିବାକୁ ପଡ଼ିଛି । ତେବେ ଆଗାମୀ ବୈଠକ କେବେ ହେବ ସେନେଇ କୌଣସି ଦିନ ଧାର୍ଯ୍ୟ ହୋଇନଥିବା ସୂଚନା ମିଳିଛି । ବର୍ତ୍ତମାନ ଯାଞ୍ଚ କମିଟିରେ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ମୋଟ୍ ୩୩ ଜଣଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗର ଶୁଣାଣି କରାଯାଇ ଅନ୍ୟୁନ ୧୭ଟି ମାମଲାରେ ଚୂଡ଼ାନ୍ତ ରାୟ ଆସିଥାନ୍ତି। ଅଭିଯୋଗକାରୀ ଓ ଯାହାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ଉଭୟ ପକ୍ଷଙ୍କୁ ଯାଞ୍ଚ କମିଟି ଆଗରେ ହାଜର ହେବାକୁ ପଡୁଛି। ବାରମ୍ବାର ବୈଠକ ସ୍ଥଗିତ ରହିବା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହେବା ସହିତ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ଏସବୁ ଦୃଷ୍ଟିରୁ ଲୋକଙ୍କ ସରକାର ଲୋକଙ୍କ ସମସ୍ୟାକୁ ତଥା ସରକାରୀ ବ୍ୟବସ୍ଥାରେ ସୁଧାର ଆଣିବାକୁ ଯାଇ ତୁରନ୍ତ ଅଧିକାରୀଙ୍କ ନିଯୁକ୍ତି ଦେଇ ଅଭାବ ଜନିତ ସମସ୍ୟା ଉପରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

# କେନ୍ଦୁଝରରେ ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ୍ କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍**

ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ କେନ୍ଦୁଝର ସଦର ବ୍ଲକ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲ୍‌ଓ ପର୍ଯ୍ୟବେକ୍ଷକ ମାନଙ୍କୁ ବିସ୍ତୃତ ତାଲିମ୍ ପ୍ରଦାନ କରିଛନ୍ତି। ମତଦାତା ତାଲିକାର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସ୍ୱଚ୍ଛ, ସେବାମୂଳକ ଓ ତ୍ରୁଟିଶୂନ୍ୟ କରାଯାଇପାରିବ, ସେ ନେଇ ଉପଜିଲ୍ଲାପାଳ ସମସ୍ତ କର୍ମଚାରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ତ୍ରୁଟିପୂର୍ଣ୍ଣ କାର୍ଡର ସଂଶୋଧନ ଭଳି ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋଚନା କରାଯାଇଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ବିଏଲଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକର ସମସ୍ତ ବିଏଲଓ, ପର୍ଯ୍ୟବେକ୍ଷକ ଏବଂ ନିର୍ବାଚନ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଇପିଏଲ୍ ନିୟମରେ ପରିବର୍ତ୍ତନ କରିବାକୁ ତେନ୍ଦୁଲକରଙ୍କ ବଡ଼ ପ୍ରସ୍ତାବ



**ମୁମ୍ବାଇ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଚଳିତ ଇମ୍ପାକ୍ଟ ପ୍ଲେୟାର ନିୟମକୁ ହଟାଇବାକୁ ଚାହୁଁଛନ୍ତି ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ଏଥିସହିତ ସେ ଲିଗ୍‌ରେ ବଲ ଓ ବ୍ୟାଟ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ପାଇଁ କିଛି ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ୨୦୨୩ରେ ଲାଗୁ ହୋଇଥିବା ଇମ୍ପାକ୍ଟ ପ୍ଲେୟାର ନିୟମ ଦଳଗୁଡ଼ିକୁ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇଥିବା ଯେକୌଣସି ଖେଳାଳିଙ୍କ ବଦଳରେ ପୂର୍ବରୁ ଦିଆଯାଇଥିବା ୫ ଖେଳାଳିଙ୍କ ତାଲିକାରୁ ଯେକୌଣସି ସମୟରେ ସବ୍‌ଷ୍ଟିଚ୍ୟୁଟ କରିବାକୁ ଅନୁମତି ପ୍ରଦାନ କରୁଛି। ଆଇପିଏଲ୍ ନିୟମରେ କିଛି ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଛି। ଇମ୍ପାକ୍ଟ ପ୍ଲେୟାର ନିୟମକୁ ବାଦ୍ ଦିଆଯିବା ଦରକାର। ଟି୨୦ ଫର୍ମାଟରେ କେବଳ ୨୦ ଓଭର ଖେଳିବାକୁ ମିଳୁଥିବା ବେଳେ ବ୍ୟାଟିଂ ଲାଇନ-ଅପରେ ଆଉ ଜଣେ ବ୍ୟାଟରଙ୍କୁ ସାମିଲ କରିବା ବୋଲରଙ୍କ ଲାଗି ଅନ୍ୟାୟ। ଏହି ଫର୍ମାଟରେ ବୋଲରଙ୍କୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଏହା ସେମାନଙ୍କ ସମସ୍ୟାକୁ ବଢ଼ାଇ ଦେଉଛି। ଏହା ଅସନ୍ତୁଳନ ବୋଲି ସଚିନ ଇଏସ୍‌ପିଏନ୍ କ୍ରିକଇନ୍‌ଫୋ ଆୱାର୍ଡସରେ କହିଛନ୍ତି। ଏପରିକି ପାୱାରପ୍ଲେ ଢାଞ୍ଚାରେ ପରିବର୍ତ୍ତନ ସମ୍ପର୍କରେ ମଧ୍ୟ ସଚିନ କହିଛନ୍ତି।

# ଇଂଲଣ୍ଡଠୁ ୨୬ ରନ୍‌ରେ ହାରିଲା ଭାରତ

**ନୂଆଦିଲ୍ଲୀ**

ଘରୋଇ ଇଂଲଣ୍ଡ ଓ ଭାରତୀୟ ମହିଳ ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଟି-ଟ୍ୱେଣ୍ଟି ମୁକାବିଲାରେ ଇଂଲଣ୍ଡ ୨୬ ରନରେ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୫ ୱିକେଟ୍ ହରାଇ ୧୬୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଡାନି ୱାଟ ୨୯, ଆମି ଜୋନ୍ସ ୨୮, ଆଲିସ କ୍ୟାପସି ୨୮ ଓ ଫ୍ରେୟା କେମ୍ପ ଅପରାଜିତ ୩୯ ରନ କରିଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ୯ ୱିକେଟ ହରାଇ ୧୪୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଯଷ୍ଟିକା ଭାଟିଆ ୩୩, ସ୍ମୃତି ମନ୍ଧନା ୩୨, ଶେଫାଲି ବର୍ମା ୨୨ ଓ ହର୍ମନପ୍ରୀତ କୌର ୨୮ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଲାଉରେନ ବେଲ୍, ଚାର୍ଲି ଡିନ ଓ କେମ୍ପ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଏକ ବଡ଼ ବିଜୟ ସହିତ ଟିମ୍ ଇଣ୍ଡିଆ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ସମାନ ଫଳାଫଳ ଆଶା କରାଯାଉଥିଲା। ବୋଲର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ, ୧୮ତମ ଓଭର ପର୍ଯ୍ୟନ୍ତ ଇଂଲଣ୍ଡକୁ ନିୟନ୍ତ୍ରଣରେ ରଖିଥିଲେ। ବିଶେଷ କରି ସ୍ପିନର ଶ୍ରୀଚରଣୀ ଏବଂ ଶ୍ରୀୟଙ୍କା ପାଟିଲ, ଇଂଲିଶ୍ ବ୍ୟାଟରଙ୍କୁ ସ୍କୋର କରିବାକୁ ଦେଇ ନଥିଲେ। ଚରଣୀ ୪ ଓଭରରେ ୨୫ ରନ ଦେଇ ୩ ୱିକେଟ୍ ନେଇଥିଲେ ଏବଂ ପାଟିଲ ୪ ଓଭରରେ ୨୯ ରନ ଦେଇ ୧ ୱିକେଟ୍ ନେଇଥିଲେ। ଫ୍ରେୟା କେମ୍ପଙ୍କ ଧମାକାଦାର ଇନିଂସ ସହିତ ଟିମ୍ ଇଣ୍ଡିଆର ୨୦ତମ ଓଭର ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଶେଷ ୬ ବଲରେ ପ୍ରହାର ଭାରତ ଉପରେ ଭାରି ପଡ଼ିଗଲା।



୧୮ତମ ଓଭର ସୁଦ୍ଧା ଇଂଲଣ୍ଡ ୬ ୱିକେଟରେ ୧୨୯ ରନ କରିଥିଲା ଏବଂ ୧୫୦ ରନରେ ପହଞ୍ଚିବା ଅସମ୍ଭବ ମନେ ହେଉଥିଲା। ୧୯ତମ ଓଭରରେ ୩ଟି ଚୌକା ସହିତ ୧୫ ରନ ଆସିଥିଲା। କିନ୍ତୁ ୨୦ତମ ଓଭରରେ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପେସର ଅରୁନ୍ଧତୀ ରେଡ୍ଡୀଙ୍କ ଏହି ଓଭରରେ, ଫ୍ରେୟା କେମ୍ପ ଏକାକୀ ସମସ୍ତ ୬ଟି ବଲ୍ ଖେଳି ୨୪ ରନ ପାଇଁ ଦୁଇଟି ଛକା ଏବଂ ଦୁଇଟି ଚୌକା ମାରିଥିଲେ। କ୍ୟାମ୍ପ ସର୍ବାଧିକ ୧୩ ବଲ୍‌ରୁ ଅପରାଜିତ ୩୯ ରନ କରିଥିଲେ।

ଟିମ୍ ଇଣ୍ଡିଆ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ବ୍ୟାଟ୍‌ରୁ ବଡ଼ ଇନିଂସ ଆଶା କରୁଥିଲା। କିଛି ସମୟ ଧୀର ବ୍ୟାଟିଂ ପରେ, ମନ୍ଧାନା ତାଙ୍କର ହାତ ଖୋଲିବା ପରି ମନେ ହେଉଥିଲା ଏବଂ ଟିମ୍ ଇଣ୍ଡିଆ ୯ମ ଓଭର ସୁଦ୍ଧା ୭୦ ରନ କରିଥିଲା। ଏହି ସମୟରେ ମନ୍ଧାନା ଆଉଟ ହୋଇଥିଲେ ଏବଂ ରନ ହାର ହ୍ରାସ ପାଇଥିଲା। ମନ୍ଧାନା ୨୫ ବଲରେ ୩୨ ରନ୍ କରିଥିଲେ। ପରବର୍ତ୍ତୀ ୬ ଓଭରରେ କେବଳ ୩୯ ରନ ହୋଇଥିଲା, ଏବଂ ଯଷ୍ଟିକା ଭାଟିଆଙ୍କୁ ୧୫ତମ ଓଭରରେ ଅବସର ନେବାକୁ ପଡ଼ିଥିଲା। ଯାଷ୍ଟିକା ଭାଟିଆ ୩୩ରନ୍ କରିଥିଲେ।

ଶେଷ ୫ ଓଭରରେ ୬୦ ରନ୍ ଆବଶ୍ୟକ କରୁଥିବା ବେଳେ ଟିମ୍ ଇଣ୍ଡିଆ ମାତ୍ର ୩୩ ରନ୍ କରିପାରିଥିଲା ଏବଂ ୫ଟି ୱିକେଟ ହରାଇଥିଲା। ଫଳସ୍ୱରୂପ, ଦଳ ୨୦ ଓଭରରେ ମାତ୍ର ୧୪୨ ରନ୍ କରିପାରିଥିଲା। ଅଧିନାୟକ ହରମନପ୍ରୀତ୍ କୌର ପ୍ରଥମ ମ୍ୟାଚ୍ ଖେଳିନଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ୨୨ ବଲରେ ୨୮ ରନ୍ କରିଥିଲେ। ଏହି ସ୍କୋର ସହିତ ହରମନପ୍ରୀତ ୨ ଦ୍ୱିତୀୟ ଭାରତୀୟ ଏବଂ ତୃତୀୟ ପ୍ଲେୟାର ଭାବେ ଟି-ଟ୍ୱେଣ୍ଟିରେ ୪ ହଜାର ରନ୍ ପୂରଣ କରିଛନ୍ତି।

# ନରୱେ ଚେସ୍ : ପ୍ରଜ୍ଞାନନ୍ଦଙ୍କୁ ହରାଇଲେ ଗୁକେଶ, ମହିଳାରେ ଦିବ୍ୟା ଶୀର୍ଷରେ

**ଓସ୍‌ଲୋ**

ନରୱେ ଚେସ୍‌ର ପଞ୍ଚମ ଦିନରେ ଖେଳାଯାଇଥିବା ରାଉଣ୍ଡ୍ ୫ରେ ବିଶ୍ୱ ବିଜେତା ଭାରତୀୟ ତାରକା ଡି ଗୁକେଶ ନିଜ ଦେଶର ଆର ପ୍ରଜ୍ଞାନନ୍ଦଙ୍କୁ ପରାସ୍ତ କରିଛନ୍ତି। ଏହି ରାଉଣ୍ଡରେ ପ୍ରଜ୍ଞାନନ୍ଦ ଆରମ୍ଭରୁ ମ୍ୟାଚ୍ ନିଜ ନିୟନ୍ତ୍ରଣରେ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ଗୁକେଶ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ଜିତି ନେଇଥିଲେ। ଏହି ବିଜୟ ସହ ଗୁକେଶ (୬.୫) ତୃତୀୟ ସ୍ଥାନକୁ ଉଠିଥିଲା ବେଳେ ପ୍ରଜ୍ଞାନନ୍ଦ ଚତୁର୍ଥରେ ରହିଛନ୍ତି।

ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ବିଶ୍ୱର ୧ନମ୍ବର ମାଗନସ କାର୍ଲସନ୍‌ଙ୍କୁ ୱେସ୍‌ଲେ ସୋ ପରାସ୍ତ କରିଥିଲା ବେଳେ ଭିନ୍‌ସେଣ୍ଟ କିମରଙ୍କ ସହ ଡ୍ର’ ରଖିଛନ୍ତି ଏହି ପ୍ରତିଯୋଗିତା ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ଅଲୀରେଜା ଫିରେଜା। ମହିଳାରେ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଦିବ୍ୟା ଦେଶମୁଖ ଏକା ଶୀର୍ଷ ସ୍ଥାନରେ ରହିଛନ୍ତି। ସେ ଝୁ ଜିନରଙ୍କୁ ପରାସ୍ତ କରିଛନ୍ତି। ବିବିସାରା ଆସାଉବାୟେଭା ଓ ଆନ୍ନା ମୁଜଚ୍ୟୁକ୍‌ଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର’ରେ ଶେଷ ହୋଇଥିଲା। ସେହିପରି ବିଶ୍ୱ ବିଜୟିନୀ ଜୁ ୱେନ୍‌ଜୁଁ ଓ ଭାରତୀୟ ତାରକା କୁନେରୁ ହମ୍ପି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ଡ୍ର’ରେ ଶେଷ ହୋଇଛି।

## ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ୍

# ବାଳକ ବିଭାଗରେ ଏନଓ୍ୱାଇକେ, ବହଳଦା ଓ ବାଳିକା ବିଭାଗରେ ସାତକୋଶିଆ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଫୁଟବଲ ଏସୋସିଏସନ ଅଫ ଓଡ଼ିଶା, ଜିଲ୍ଲା ପ୍ରଶାସନ ଓ ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ୧୪ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗରେ ଏନଓ୍ୱାୟକେ, ବହଳଦା ଦଳ ଟାଇବ୍ରେକର ଜରିଆରେ ୩-୦ ଗୋଲରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ପୂର୍ବରୁ ବାଳିକା ବିଭାଗରେ ସାତକୋଶିଆ, ଚଢେଇଗାଁ ଦଳ ୯-୦ ଗୋଲରେ




ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଉଭୟ ବିଭାଗର ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦରା ସୋରେନ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ପ୍ରସନ୍ନଜିତ ମହାନ୍ତି, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ୍ ବିଜୟ କୁମାର ଦାସ (ମଣ୍ଟୁ ଦା) ଓ ମନୋରଞ୍ଜନ ଜୀଉ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଏହି ଚମ୍ପିଅନସିପ୍ ମାଧ୍ୟମରେ ଉଭୟ ବିଭାଗରୁ ମୟୂରଭଞ୍ଜ ଜିଲ୍ଲା ପାଇଁ ୨୦ ଜଣିଆ ଦଳ ଚୟନ କରାଯାଇଛି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଏବଂ ଉଭୟ ଦଳ ସୁନ୍ଦରଗଡ଼ ଠାରେ ଜୁନ ମାସ ୧ ତାରିଖରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବେ।

# ବ୍ରହ୍ମପୁର ଷ୍ଟାଡ଼ିୟମ ଅନୁମତି ପାଇଁ ଯିବାକୁ ପଡୁଛି ଭୁବନେଶ୍ୱର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ କ୍ରୀଡ଼ା ବିଭାଗର ଅଜବ ନୀତି। ଖେଳପଡ଼ିଆ ବ୍ରହ୍ମପୁରରେ। କିନ୍ତୁ ଅନୁମତି ପାଇଁ ଆୟୋଜକଙ୍କୁ ଧାଇଁବାକୁ ପଡୁଛି ଭୁବନେଶ୍ୱର। ଏହି ଅଜବ ବ୍ୟବସ୍ଥାକୁ ନେଇ ବ୍ରହ୍ମପୁରର ଖେଳାଳି, କ୍ରୀଡ଼ା ସଙ୍ଗଠନ ଓ କ୍ଲବ୍‌ମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ବ୍ରହ୍ମପୁର ଷ୍ଟାଡ଼ିୟମରେ ଛୋଟ ବଡ଼ କୌଣସି କ୍ରୀଡ଼ା ପ୍ରତିଯୋଗିତା କିମ୍ବା ସମର କୋଚିଂ କ୍ୟାମ୍ପ୍ ଆୟୋଜନ କରିବାକୁ ହେଲେ ଏବେ କଳିଙ୍ଗ ଷ୍ଟାଡ଼ିୟମସ୍ଥିତ କ୍ରୀଡ଼ା ନିର୍ଦ୍ଦେଶାଳୟରୁ ଅନୁମତି ଆଣିବାକୁ ପଡୁଛି। ଫଳରେ ଆୟୋଜକମାନେ ଅଯଥା ହଇରାଣ ହେଉଥିବା ବେଳେ ଅନେକ କ୍ରୀଡ଼ା କାର୍ଯ୍ୟକ୍ରମ ମଧ୍ୟ ଅନିଶ୍ଚିତତାରେ ରହିଛି। ଦକ୍ଷିଣ ଓଡ଼ିଶାର କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ବ୍ରହ୍ମପୁର ସହରର ମଧ୍ୟଭାଗରେ ପ୍ରାୟ ୨୭ ଏକର ପରିସରରେ ରହିଛି ଆଧୁନିକ ବ୍ରହ୍ମପୁର ଷ୍ଟାଡ଼ିୟମ। ଖେଳାଳିଙ୍କ ଅଭ୍ୟାସ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ଏହା ସବୁ ଦୃଷ୍ଟିରୁ ସୁବିଧାଜନକ। ମାତ୍ର ଉନ୍ନତିକରଣ କାମ ପାଇଁ ୨୦୧୭ ରୁ ୨୦୨୪ ପର୍ଯ୍ୟନ୍ତ ଷ୍ଟାଡ଼ିୟମ ପ୍ରାୟ ସାତ ବର୍ଷ ବନ୍ଦ ରହିଥିଲା। ୨୦୨୦ରେ କାମ ସମାପ୍ତ ହେବାକୁ ଥିବା ଚାରି ବର୍ଷ ବିଳମ୍ବ ହୋଇଥିଲା। ଫଳରେ ଦୀର୍ଘ ସାତ ବର୍ଷ ଧରି ବ୍ରହ୍ମପୁରରେ ବୃହତ୍ କ୍ରୀଡ଼ା ପ୍ରତିଯୋଗିତା ପ୍ରାୟ ବନ୍ଦ ରହିଥିଲା। ୨୦୨୪ରେ ଷ୍ଟାଡ଼ିୟମର ଉଦ୍‌ଘାଟନ ପରେ ଖେଳାଳି ଓ କ୍ରୀଡ଼ା ସଙ୍ଗଠନମାନଙ୍କ ମଧ୍ୟରେ ନୂଆ ଆଶା ସଂଚାର ହୋଇଥିଲା। ବର୍ଷ ସାରା ବିଭିନ୍ନ ଟୁର୍ଣ୍ଣାମେଣ୍ଟ ଓ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ଯୋଜନା ମଧ୍ୟ ହୋଇଥିଲା। କିନ୍ତୁ ଏହି ସମୟରୁ ନୂଆ ସମସ୍ୟା ଆରମ୍ଭ ହେଲା। ପୂର୍ବରୁ ବ୍ରହ୍ମପୁର କିମ୍ବା ଛତ୍ରପୁର ସ୍ତରରେ ମିଳୁଥିବା ଷ୍ଟାଡ଼ିୟମ ବ୍ୟବହାର ଅନୁମତି ଏବେ ସ୍ଥାନୀୟ କ୍ରୀଡ଼ା ବିଭାଗ ଦେଇପାରୁନାହିଁ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ, ଅନୁମତି ଦେବାର କ୍ଷମତା ସେମାନଙ୍କ ହାତରେ ନାହିଁ। ସମସ୍ତ ଆବେଦନ ଏବେ ଭୁବନେଶ୍ୱରସ୍ଥିତ କ୍ରୀଡ଼ା ନିର୍ଦ୍ଦେଶାଳୟକୁ ପଠାଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ନୂଆ ବ୍ୟବସ୍ଥା କେବେ ଏବଂ କାହାର ନିଷ୍ପତ୍ତିରେ ଲାଗୁ ହେଲା, ସେନେଇ ସ୍ପଷ୍ଟ ତଥ୍ୟ ମିଳୁନାହିଁ। ୨୦୨୪ରୁ ଆକସ୍ମିକ ଭାବେ ଆୟୋଜକଙ୍କୁ ଭୁବନେଶ୍ୱରରୁ ଅନୁମତି ଆଣିବାକୁ କୁହାଯାଉଛି। ସାତ କିମ୍ବା ଦଶ ଦିନ ପୂର୍ବରୁ ଆବେଦନ କଲେ ଅନୁମତି ମିଳିବା ଦୁର୍ଲଭ ହୋଇପଡୁଛି। ଅନେକ ମାମଲାରେ ମାସେ ପୂର୍ବରୁ ଆବେଦନ କରିବା ସତ୍ତ୍ୱେ ମଧ୍ୟ ସ୍ପଷ୍ଟ ଅନୁମୋଦନ ମିଳୁନାହିଁ। ଫଳରେ ଆୟୋଜକମାନେ ଅତିରିକ୍ତ ଖର୍ଚ୍ଚ କରି ଭୁବନେଶ୍ୱର ଦୌଡୁଥିବା ବେଳେ ଶେଷରେ ନିରାଶ ହୋଇ ଫେରୁଛନ୍ତି। ପ୍ରାୟ ୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ କ୍ରୀଡ଼ା ପରିସରରେ କ୍ରିକେଟ୍ ମଇଦାନ, ଭଲିବଲ୍ ଓ ବାସ୍କେଟବଲ୍ କୋର୍ଟ, ସୁଇମିଂ ପୁଲ୍, ଭାରୋତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ର ସହ ଅନେକ ସୁବିଧା ରହିଛି। କ୍ରିକେଟ୍ ଅଭ୍ୟାସ ପାଇଁ ନେଟ୍ସ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତେ ସୁବିଧା ଥିବା ସତ୍ତ୍ୱେ ଷ୍ଟାଡ଼ିୟମର ପୂର୍ଣ୍ଣ ବ୍ୟବହାର ହୋଇପାରୁ ନ ଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏବେ ସମର କୋଚିଂ କ୍ୟାମ୍ପ୍ ଆୟୋଜନ ପାଇଁ ସହରର ବିଭିନ୍ନ କ୍ରିକେଟ୍ କ୍ଲବ୍ ଆବେଦନ କରିଥିବା ସତ୍ତ୍ୱେ ଅନୁମତି ମିଳିବାରେ ଅସୁବିଧା ହେଉଛି। ଏଭଳି ବ୍ୟବସ୍ଥା ଯୋଗୁଁ ସହର ମଝିରେ ଥିବା ୨୭ ଏକରର ଏହି ଷ୍ଟାଡ଼ିୟମ କେବଳ ହଷ୍ଟେଲ୍‌ରେ ରହୁଥିବା କେତେକ ପିଲାଙ୍କ ପାଇଁ ସୀମିତ ରହିବ କି ବୋଲି ପ୍ରଶ୍ନ ଉଠିଛି। କ୍ରୀଡ଼ା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁସାରେ ୨୦୨୪ରେ ସରକାର ଜାରି କରିଥିବା ଏକ ନିର୍ଦ୍ଦେଶନାମା ଅନୁଯାୟୀ ଷ୍ଟାଡ଼ିୟମ ବ୍ୟବହାର ପାଇଁ କ୍ରୀଡ଼ା ନିର୍ଦ୍ଦେଶାଳୟର ଅନୁମତି ଅନିବାର୍ଯ୍ୟ କରାଯାଇଛି। ତେବେ ଏହି ନିୟମ ଖେଳର ବିକାଶକୁ ସହଜ କରୁଛି କି ବାଧା ସୃଷ୍ଟି କରୁଛି ସେନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

# ସର୍ପ ଦଂଶନରେ ୨ ଜଣଙ୍କ ମୃତ୍ୟୁ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବିଷଧର ସାପ କାମୁଡ଼ାରେ ଗୁରୁତର ଜନୈକ ଯୁବତୀଙ୍କ ବୌଦ୍ଧ ଡାକ୍ତର ଖାନାରେ ମୃତ୍ୟୁ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧଜିଲ୍ଲା ପୁରୁଣା କଟକ ଥାନା ଲଇଗାଁ ଗ୍ରାମର ଜନୈକ ୧୮ ବର୍ଷୀୟ ଯୁବତୀ ପଦ୍ମିନୀ ସୁନା ନିଜ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କୌଣସି ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ଫଳରେ ଯୁବତୀ ଜଣକ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଆଣି ବୌଦ୍ଧ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇ ଯାଇଛି। ଖବରପାଇ ପୁରୁଣାକଟକ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସେହିପରି ବୌଦ୍ଧ ବ୍ଲକ୍ ବଘିଆପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଝୀସାହି ଗ୍ରାମରେ ସାପ କାମୁଡ଼ାରେ ଜଣେ



ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତଦେହ ଗ୍ରାମକୁ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ନାବାଳିକା ହେଲେ ଗ୍ରାମର ବୈକୁଣ୍ଠନାଥ ସାହୁଙ୍କ ୧୭ ବର୍ଷୀୟା ଝିଅ ବର୍ଷାରାଣୀ ସାହୁ। ମିଳିଥିବା ସୂଚନା ଅନୁଯାୟୀ, ବର୍ଷାରାଣୀ ଘରେ କାମ କରୁଥିବା ବେଳେ ଏକ ନାଗ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ବୌଦ୍ଧ ମେଡିକାଲକୁ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଡାକ୍ତରମାନେ ତାଙ୍କୁ ରାତିରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ଣରେ ମୃତଦେହ ମାଝୀସାହି ଗ୍ରାମରେ ପହଞ୍ଚିବା ପରେ ପରିବାର ସହ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା। ଏତେ କମ୍ ବୟସରେ ଜଣେ ଝିଅର ଅକାଳ ମୃତ୍ୟୁକୁ ନେଇ ଗ୍ରାମରେ ଦୁଃଖର ପରିବେଶ ଦେଖିବାକୁ ମିଳିଥିଲା।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବୁଥ୍ ଏଜେଣ୍ଟଙ୍କ ବୈଠକ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ନିମନ୍ତେ ୬୫-ସୋନପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ତଥା ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ନେଇ ଏକ ବୈଠକ ସୋନପୁର ଉପ-ଜିଲ୍ଲାପାଳ ତଥା ଇଲେକ୍ଟ୍ରୋରାଲ ରେଜିଷ୍ଟ୍ରେସନ ଅଫିସର ଡଃ ସୌମ୍ୟରୂପା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୋନପୁର ନିର୍ବାଚନ ମଣ୍ଡଳୀରେ ମୋଟ ୩୧୯ ଗୋଟି ବୁଥ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିନିମନ୍ତେ ୩୧୯ ଜଣ ବୁଥ୍‌ସ୍ତରୀୟ ଅଧିକାରୀ, ୩୨ ଜଣ ବୁଥ୍ ସ୍ତରୀୟ ଅଧିକାରୀ ନିରୀକ୍ଷକ, ୩୧୯ ଜଣ ସ୍ୱେଚ୍ଛାସେବୀଙ୍କ ସହ ବିଭିନ୍ନ ରାଜନୀତିକ ଦଳର ୯୫୭ ଜଣ ବୁଥ୍‌ସ୍ତରୀୟ ଏଜେଣ୍ଟ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳତା ସହ ପରିଚାଳନା ଓ ନିର୍ଭୁଲ ଭୋଟର ତାଲିକାର ପ୍ରସ୍ତୁତି ନିମନ୍ତେ ସମସ୍ତ ଜନସାଧାରଣ, ରାଜନୀତିକ ଦଳର ସହଯୋଗ କାମନା କରାଯାଇଥିଲା।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସୋନପୁର ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨,୫୩,୭୨୪ ରୁ ୨,୩୯,୭୫୨ ଜଣ ଭୋଟରଙ୍କୁ ୨୦୦୨ ଭୋଟର ତାଲିକା ଅନୁସାରେ ମ୍ୟାପ୍ କରାଯାଇଛି ଯାହାକି ୯୪.୫ ପ୍ରତିଶତ ଅଟେ ଅବଶିଷ୍ଟ ୧୩,୯୭୨ ଭୋଟରଙ୍କୁ ବର୍ତ୍ତମାନ ଭୋଟର ତାଲିକାରେ ନାମ ରହିବା ନିମନ୍ତେ ଜରୁରୀ ୧୧ ଗୋଟି ବିଭିନ୍ନ ଦସ୍ତାବିଜ୍ ଦାଖଲ କରିବାକୁହେବ ଓ ଏଥିନିମନ୍ତେ ଏଇଆର୍‌ଓ ସ୍ତରରେ ଆବଶ୍ୟକ ଶୁଣାଣି ହେବ। ଏହି ବୈଠକରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀର ବିଶଦ୍ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସିଦ୍ଧାର୍ଥ ଶେଖର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ରାମଶଙ୍କର ମିଶ୍ର, ଅଜିତ୍ କୁମାର ତ୍ରିପାଠୀ, ସୋନପୁର ବିଡ଼ିଓ ପ୍ରତୀକ କର, ନିର୍ବାଚନ ବିଭାଗ କର୍ମଚାରୀ ନୀଳାମ୍ବର ଶତପଥୀ, ଦେୱାନ ପୁଟୁଲିଆ, ରାଧାକାନ୍ତ ପଧାନ, ବିକାଶ ଛନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍ ଟ୍ରଫି ଫୁଟବଲ ପ୍ରତିଯୋଗିତା ପାଇଁ ସୁନ୍ଦରଗଡ଼ ଯାତ୍ରା କଲେ କେନ୍ଦୁଝର ଦଳ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ସିଏମ୍ ଟ୍ରଫି ଫୁଟବଲ ପ୍ରତିଯୋଗିତା ହେବାକୁ ଯାଉଛି। ସୋମବାରଠାରୁ ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁଥିବା ୧୪ ବର୍ଷରୁ କମ୍ ବାଳକ ଏବଂ ବାଳିକା ବିଭାଗ ସିଏମ୍ ଟ୍ରଫି ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତା ପାଇଁ ଶନିବାର ରାତିରେ କେନ୍ଦୁଝର ଜିଲ୍ଲା ଦଳ ସୁନ୍ଦରଗଡ଼ ଯାତ୍ରା କରିଥିବାର ଜଣାପଡ଼ିଛି। ଅଙ୍କିତ ବେହେରାଙ୍କ ନେତୃତ୍ୱରେ ୨୦ ଜଣିଆ କେନ୍ଦୁଝର ବାଳକ ବିଭାଗରେ ସ୍ଥାନ ପାଇଥିବା ଅନ୍ୟ



ଖେଳାଳୀମାନେ ହେଲେ ଆୟୁଷ ମହାକୁଡ଼, ଗୁମନ ଭୁଞ୍ଜି, ସୁବ୍ରତ ବେହେରା, କିଷାନ ସିଦୁ, ଆଶିଷ ନାଏକ, ରୋଶନ ନାଏକ, ସିଦୁ ମୁଣ୍ଡା, ଟିକେଶ୍ୱର ଗୋପ, ରୋଶନ ନାଏକ, ଓମପ୍ରକାଶ ମୁଣ୍ଡା, ଓମପ୍ରକାଶ ମାଝୀ, ଶୁଭମ ପ୍ରଧାନ, ମନୋଜ ଗାଗରାଇ, ସନିଆ ମୁଣ୍ଡା, କ୍ରିଷ୍ଣା ମୁଣ୍ଡା, ଡାକ୍ତର ମୁଣ୍ଡା, କ୍ରିଷ୍ଣା ମୁଣ୍ଡା, ପିଣ୍ଟୁ ନାଏକ ଏବଂ ଆକାଶ ଓଡିୟା। ଦଳ ସହ ମ୍ୟାନେଜର ଭାବେ ଜିନ୍ଦଲ ଫାଉଣ୍ଡେସନର ସୀତାରାମ ମୁଣ୍ଡା ଏବଂ କୋଚ୍ ଭାବେ ଶଙ୍ଖ ମାରାଣ୍ଡି ଦଳ ସହ ଯାତ୍ରା କରିଛନ୍ତି। ସେହିପରି ପୂଜା ଓରାମଙ୍କ ନେତୃତ୍ୱରେ ୨୦ ଜଣିଆ କେନ୍ଦୁଝର ଜିଲ୍ଲା ବାଳିକା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଅନନ୍ୟା ଟୋପ୍ପ, ଇତିଶ୍ରୀ ନାଏକ, ପୂର୍ଣ୍ଣିମା ଲୋହାର, ସ୍ୱପ୍ନା ଭୂୟାଁ, ସୋନାଲି ଓରାମ, ସୁବର୍ଣ୍ଣିକା ଚମ୍ପିୟା, ଆୟୁଷ୍ମା ମାଝୀ, ନିହାରିକା ମୁଣ୍ଡା, ଗୀତା ମୁଣ୍ଡା, ଶୀତଲ ମୁଣ୍ଡା, ପାର୍ବତୀ ମୁଣ୍ଡା, ସୁପ୍ରିୟା ମହାନ୍ତ, ଶ୍ରାବଣୀ ମହାନ୍ତ, ନିହାରିକା ମହାକୁଡ଼, ପ୍ରୀତି ମୁଣ୍ଡା, ଅର୍ଚ୍ଚିତା ବେହେରା, ସୋନାଲି ମହାନ୍ତ ଏବଂ ସଜନୀ ଲୋହାର।

ଦଳ ସହ ମ୍ୟାନେଜର ଭାବେ ବଳରାମ ସିଦୁ ଓ କୋଚ୍ ଭାବେ ଟାଟା ଷ୍ଟିଲ ଫାଉଣ୍ଡେସନର ରାନୀ କଲା ଦଳ ସହ ଯାତ୍ରା କରିଛନ୍ତି। କେନ୍ଦୁଝର ଦଳ ସୋମବାର ସକାଳେ ଉଦ୍‌ଘାଟନୀ ଖେଳରେ ସୁନ୍ଦରଗଡ଼ ଷ୍ଟାଡିୟମ ଠାରେ ବାଲେଶ୍ୱର ଜିଲ୍ଲାକୁ ଭେଟିବ ବୋଲି କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଦାଦନ ଖଟିବାକୁ ଯାଇଥିବା ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଗୁଣୁପୁର, ନ୍ୟୁଜ୍‌ବ୍ୟୁରୋ**

ଆନ୍ଧ୍ରକୁ ଦାଦନ ଖଟିବାକୁ ଯାଇଥିବା ଗୁଣପୁର ବ୍ଲକ୍ ଶଗଡ଼ା ଗ୍ରାମର ଜୈନକ ଯୁବତୀ ବିଲମା ଗମାଙ୍ଗ (୨୬)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଆନ୍ଧ୍ରର ପଶ୍ଚିମ ଗୋଦାବରୀ ଜିଲା ଭିମାବରମ୍ ଗ୍ରାମରେ ଚିଙ୍ଗୁଡି ଫ୍ୟାକ୍ଟ୍ରି ନିକଟ ଏକ ଗଛରେ ସନ୍ଦେହ ଜନକ ଅବସ୍ଥାରେ ବିଲମାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ସେ ଦୁଇବର୍ଷ ପୂର୍ବେ ଦାଦନ ଭାବେ କାମ କରିବାକୁ ଯାଇ ଥିଲେ। ଶନିବାର ଘଟଣା ସମ୍ପର୍କରେ ଜାଣିବା ପରେ ମୃତ ଯୁବତୀଙ୍କ ପରିବାର ଏବଂ ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଥିଲେ। ଯୁବତୀଙ୍କ ମୃତଦେହକୁ ସେଠାରୁ ଫେରାଇ ଆଣିବା ପାଇଁ ଡେପୁଟି କଲେକ୍ଟର ଜହନ ବଡ଼ ଭୂୟାଁଙ୍କ ନିକଟରେ ନିବେଦନ କରି ଲିଖିତ ଜଣାଇଥିଲେ। ପ୍ରଶାସନ ପକ୍ଷରୁ



ସହାୟତା ପ୍ରଦାନ କରିବା ନେଇ ପ୍ରତିଶ୍ରୁତି ମିଳିଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

# ଆଜିଠୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ନିଯୁକ୍ତି ବର୍ଷ ୨୦୨୬-୨୦୨୭ ପାଇଁ ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ୧ଜୁନ୍, ୨୦୨୬ ରୁ ୧୨ ଜୁନ୍, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଲକାତାର ନିଯୁକ୍ତି ଜୋନ୍‌ରେ, ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ୧୭ଟି ସହରର ୨୬ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟ ପାଇଁ, ଏହି ପରୀକ୍ଷା ସାତଟି ସହରରେ ଅନୁଷ୍ଠିତ ହେବ। କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର (ଗଞ୍ଜାମ)।

ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ କରିବା ପାଇଁ ପଞ୍ଜିକରଣ ସମୟ ୧୦ ଅପ୍ରେଲ, ୨୦୨୬ରେ ବନ୍ଦ ହୋଇଗଲା। ପ୍ରାର୍ଥୀମାନେ ୧୫ ମଇ, ୨୦୨୬ ଠାରୁ www.joinindianarmy.nic.inରୁ ସେମାନଙ୍କର ପ୍ରବେଶ ପତ୍ର ଦେଖିପାରିବେ ଏବଂ ଡାଉନଲୋଡ୍ କରିପାରିବେ। ସଫଳତାର ସହ ପଞ୍ଜୀକୃତ ପ୍ରାର୍ଥୀ ଯେଉଁମାନେ



ସେମାନଙ୍କର ପ୍ରବେଶ ପତ୍ର ପାଇ ନାହାଁନ୍ତି ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ (ଏଆରଓ) ସହିତ ଯୋଗାଯୋଗ କରିପାରିବେ।

କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ଏବଂ ନିଯୁକ୍ତି ରାଲିର କାର୍ଯ୍ୟସୂଚୀ ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀମାନଙ୍କୁ କୌଣସି ମଧ୍ୟସ୍ଥି (ଦାଉଟ)ଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି। ଯେକୌଣସି ପ୍ରଶ୍ନ ଥିବା ପ୍ରାର୍ଥୀମାନେ ସେମାନଙ୍କର ନିକଟତମ / ପ୍ରାସଙ୍ଗିକ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ।

# କୁଚିଣ୍ଡା ପ୍ରଶାସନର ଗଣତନ୍ତ୍ର ବିରୋଧୀ କାର୍ଯ୍ୟ : ଜନତାଙ୍କ ସମସ୍ୟା ଓ ସାମ୍ବାଦିକଙ୍କୁ ଉପେକ୍ଷା ନେଇ ଅସନ୍ତୋଷ

**କୁଚିଣ୍ଡା, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଦପ୍ତରରେ ଜନ ସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ପରିବର୍ତ୍ତେ, ଏବେ ସତ୍ୟକୁ ଚାପିବାକୁ ଉଦ୍ୟମ ଆରମ୍ଭ ହୋଇଛି। କୁଚିଣ୍ଡା ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ସମିତି ସଭାରେ ଯେଉଁଭଳି ଭାବେ ଗଣମାଧ୍ୟମକୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଛି, ତାହା କେବଳ ସାମ୍ବାଦିକଙ୍କ ପ୍ରତି ଅପମାନ ନୁହେଁ, ବରଂ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ କଳଙ୍କ।

ବ୍ଲକ୍ ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମିତି ସଭାରେ ପାନୀୟ ଜଳ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ଜନହିତକର ବିଷୟ ଉପରେ ଆଲୋଚନା ଚାଲିଥିଲା। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ନିଜର ବିଫଳତାକୁ ଲୁଚାଇବା ପାଇଁ ଅତ୍ୟନ୍ତ ଅସଭ୍ୟ ଭାବରେ ସାମ୍ବାଦିକମାନଙ୍କୁ ସଭାସ୍ଥଳରୁ ବାହାରି ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ଏଭଳି ଦୃଷ୍ଟତା ସହ ଅପମାନିତ କରିବା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ଏହି ଅତ୍ୟାଚାର ଓ ଅପମାନ ବିରୋଧରେ କୁଚିଣ୍ଡା ସାମ୍ବାଦିକ ସଂଘ ଏକ ଜରୁରୀକାଳୀନ ବୈଠକ ଡକାଇ ପ୍ରଶାସନକୁ ଚେତାବନୀ ଦେଇଛି। ସଭାପତି ଦୀନେଶ ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ଯେଉଁ ଅଧିକାରୀମାନେ ଗଣମାଧ୍ୟମକୁ ବାରଣ କରିଥିଲେ, ସେମାନଙ୍କର କୌଣସି ବି ସରକାରୀ କାର୍ଯ୍ୟକ୍ରମକୁ ଆଉ ସାମ୍ବାଦିକମାନେ କଭରେଜ୍ କରିବେ ନାହିଁ। ଏହି ଘଟଣାକୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଉଠାଇବା ପାଇଁ ସଂଘ ଦୃଢ ପ୍ରତିଜ୍ଞ। ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଯେ, ଏଭଳି ଜନବିରୋଧୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସଂଘର ସଦସ୍ୟମାନେ ସାମିଲ ହୋଇ ପ୍ରଶାସନିକ ମନମାନି ବିରୋଧରେ ଏକଜୁଟ ହୋଇଛନ୍ତି। ବୈଠକରେ ସଂଘ ସଭାପତି ଦୀନେଶ ନନ୍ଦ, ସମ୍ପାଦକ ତପନ ଦାସ, କୋଷାଧ୍ୟକ୍ଷ ସୁଧୀର ମହାନ୍ତି, ସମ୍ବଲପୁର ଜିଲ୍ଲା ସଂଘ ସଭାପତି ପ୍ରଭାତ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ସୁଶୀଲ କର, ଦେବେନ୍ଦ୍ର ବେହେରା, ପ୍ରଶାନ୍ତ ଶର୍ମା, ତନ୍ମୟ ମହାପାତ୍ର, ସୌମ୍ୟରଞ୍ଜନ ଥଲ, ମନିଷ ତିୱାରୀ ଏବଂ ରିଙ୍କୁ କୁସୁମ ପ୍ରମୁଖ ଉପସ୍ଥିତ ରହି ଏହି ଘଟଣାକୁ ଘୋର ନିନ୍ଦା କରିଛନ୍ତି।







ଭୁବନେଶ୍ୱର : 'ଅଦମ୍ୟ'ର ନିର୍ଦ୍ଦେଶକ ଏବଂ ନିର୍ମାତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଅନେକ ପ୍ରଶଂସା ସାଉଁଟୁଥିବା ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ'ର ନିର୍ଦ୍ଦେଶକ ଏବଂ ନିର୍ମାତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଲି। ଆଗାମୀ ଦିନରେ ଏପରି ପ୍ରୟାସ ଆହୁରି ବଳିଷ୍ଠ ହେଉ। ସଭିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି। (ଫଟୋ : ସମ୍ବାଦ କଳିକା)

# ମହାପ୍ରସାଦ ଜବତ କଲା ଶ୍ରୀମନ୍ଦିର ପ୍ରଶାସନ : ସ୍ୱତ୍ୱଲିପି ନିୟମ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ

**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରୁ ମହାପ୍ରସାଦ ଜବତ ହୋଇଛି । ଶ୍ରୀମନ୍ଦିର ପ୍ରଶାସନ ଜବତ କରିଛି ମହାପ୍ରସାଦ। ସକାଳ ଧୂପ ସମୟରେ ନିୟମ ଠାରୁ ଅଧିକ ମହାପ୍ରସାଦ ପ୍ରସ୍ତୁତ କରିଥିବା ଯୋଗୁଁ ଶ୍ରୀମନ୍ଦିର ପ୍ରଶାସନ ଏଭଳି ପଦକ୍ଷେପ ନେଇଛି । ତେବେ ଜବତ ହୋଇଥିବା ମହାପ୍ରସାଦକୁ ସମ୍ପୃକ୍ତ ପ୍ରସ୍ତୁତକାରୀ ତଥା ମହାସୁଆର ସେବକଙ୍କୁ ଦିଆଯାଇନାହିଁ । ଜବତ ହୋଇଥିବା ମହାପ୍ରସାଦକୁ ଶ୍ରୀମନ୍ଦିର ପ୍ରଶାସନ ବାଳାଶ୍ରମକୁ ପଠାଇ ଦେଇଛି । ଅନ୍ନ, ଖେଚେଡ଼ି, କାନିକା ଓ ଡାଲେମାକୁ ଜବତ କରାଯାଇ ବାଳାଶ୍ରମକୁ ପଠାଯାଇଛି ।ସେପଟେ ଏ ନେଇ ସୁଆର ମହାସୁଆର ନିଯୋଗ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ସକାଳ ଧୂପ ସମୟରେ କେତେ ଅଭଡ଼ା ଲାଗିବ ସେ ସମ୍ପର୍କରେ ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି । ସ୍ୱତ୍ୱଲିପିର ନିୟମକୁ ଉଲ୍ଲଂଘନ କରାଯାଇ ଅଧିକ ମାତ୍ରାରେ ଅଭଡ଼ା ଭୋଗ ଲାଗି କରାଯାଇଥିବା ଅଭିଯୋଗ ହୋଇଥିଲା । ଶ୍ରୀମନ୍ଦିର କମାଣ୍ଡର ଏହାକୁ ଜବତ କରି ବାଳାଶ୍ରମକୁ ପଠାଇ ଦେଇଛନ୍ତି । ପୂର୍ବରୁ ମଧ୍ୟ ଏଭଳି ଘଟଣା ଶ୍ରୀମନ୍ଦିରରେ ଘଟିଥିବା ନଜରକୁ ଆସିଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗୁଜରାଟକୁ ହରାଇ...

ବ୍ୟାଟିଂ କ୍ଷେତ୍ରରେ ପ୍ରଶଂସନୀୟ ପ୍ରଦର୍ଶନ କରି ଫାଇନାଲ ମ୍ୟାଚ୍ ଜିତିବା ସହିତ ଚାମ୍ପିଅନ ହୋଇଛି। ଏଥି ସହିତ ବେଙ୍ଗାଲୁରୁ କ୍ରମାଗତ ଦ୍ୱିତୀୟ ଥର ଆଇପିଏଲ୍ ଟ୍ରଫି ହାତେଇବାର ସୌଭାଗ୍ୟ ଅର୍ଜନ କରିଛି। ବେଙ୍ଗାଲୁରୁ ଟିମ୍ ୨୦୨୫ରେ ମଧ୍ୟ ଚାମ୍ପିଅନ ହୋଇଥିଲା। ବେଙ୍ଗାଲୁରୁ ଟିମ୍ ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୮ଓଭରରେ ୫ ୱିକେଟ୍ ହରାଇ ୧୬୧ ରନ୍ କରିଛି। ବେଙ୍ଗାଲୁରୁ ପାଇଁ ବିରାଟ କୋହଲି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୫ଟି ବଲ୍ ଖେଳି ଅପରାଜିତ ୭୫ ରନ୍ କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା। ଜିତେଶ ଶର୍ମା ଅପରାଜିତ ୧୧ ରନ୍ କରିଥିଲେ। ପ୍ରାରମ୍ଭିକ ବ୍ୟାଟର ଭେଙ୍କଟେଶ ଆୟରଙ୍କ ସହିତ ବିରାଟ କୋହଲି ପ୍ରଥମ ୱିକେଟ୍ ପାଇଁ ୬୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ଆୟରଙ୍କ ବ୍ୟକ୍ତିଗତ ସ୍କୋର ୩୨ ରନ୍ ଥିଲା। ସେ ୪ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଅଧିନାୟକ ରଜତ ପାଟିଦାର ୧୩ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଦେବଦୂତ୍ତ ପାଡ୍ଡିକଲ ଏବଂ କୃଣାଳ ପାଣ୍ଡ୍ୟା ୧-୧ ରନ୍ କରି ଆଉଟ୍ ହୋଇଥିଲେ। ଦଳର ଅନ୍ୟ ଖେଳାଳି ଟିମ୍ ଡେଭିଡ (୨୦ ରନ୍) ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିଣି ବେଙ୍ଗାଲୁରୁ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଗୁଜରାଟ ବ୍ୟାଟିଂ କରିଥିଲା। ଘରୋଇ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଗୁଜୁରାଟର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ସ୍କୋର ୨୨ ରନ୍‌ରେ ଦଳ ଶୁଭମନ ଗିଲ ଏବଂ ୨୬ ରନ୍‌ରେ ସାଇ ସୁଦର୍ଶନଙ୍କୁ ହରାଇଥିଲା। ଗିଲ ବ୍ୟକ୍ତିଗତ ଭାବେ ୧୦ ରନ୍ ଏବଂ ସୁଦର୍ଶନ ୧୨ ରନ୍ କରିଥିଲେ। ନିଶାନ୍ତ ସିନ୍ଧୁଙ୍କ ବ୍ୟାଟରୁ ୨୦ ରନ୍ ଏବଂ ଜୋସ ବଟଲରଙ୍କ ବ୍ୟାଟରୁ ୧୯ ରନ୍ ଅମଳ ହୋଇଥିଲା। ଅର୍ଶଦ ଖାନ ୧୫ ରନ୍ କରିଥିଲେ। ରାହୁଲ ତେୱେତିଆ, ଜେସନ ହୋଲ୍ଡର ଏବଂ ରସିଦ ଖାନ ପ୍ରତ୍ୟେକ ୭ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଗୁଜରାଟ ପାଇଁ ଏକମାତ୍ର ଖେଳାଳି ୱାସିଂଟନ ସୁନ୍ଦର ଦୀର୍ଘ ସମୟ ପର୍ଯ୍ୟନ୍ତ ପଡ଼ିଆରେ ରହିପାରିଥିଲେ। ଜଣେ ପରେ ଜଣେ ଖେଳାଳି ପାଭିଲିଅନ ଫେରିଯାଉଥିବା ବେଳେ ୱାସିଂଟନ ସୁନ୍ଦର ବରଗଛ ଭଳି ଛିଡ଼ା ହୋଇଥିଲେ। ସେ ନିଜର ଧୈର୍ଯ୍ୟ ପାଇଁ ଅର୍ଦ୍ଧଶତକ ହାସଲ କରିଥିଲେ। ୱାସିଂଟନ ସୁନ୍ଦର ୩୭ଟି ବଲ୍ ଖେଳି ୫ଟି ଚୌକା ସହାୟତାରେ ୫୦ ରନ୍ କରିଥିଲେ। ବେଙ୍ଗାଲୁରୁ ପାଇଁ ରସିକ ସାଲମ ଡାର ସର୍ବଶ୍ରେଷ୍ଠ ବୋଲିଂ କରିଥିଲେ। ୪ ଓଭର ବୋଲିଂ କରି ୨୭ ରନ୍ ଖର୍ଚ୍ଚ କରିଥିଲା ବେଳେ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଭୁବନେଶ୍ୱର କୁମାର ଏବଂ ଜୋସ ହେଜଲଉଡ ୨-୨ ୱିକେଟ୍ ନେଇଥିଲେ। କ୍ରୁଣାଳ ପାଣ୍ଡ୍ୟାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ଓଡ଼ିଶାର ବେଲପଣା...

ଶରୀରକୁ ଶୀତଳ ରଖିବା ସହ ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରିଥାଏ ବୋଲି ସେ ଉଲ୍ଲେଖ କରିଥିଲେ।

ଏହାସହ ଓଡ଼ିଶାର ଆମ୍ବର ସ୍ୱାଦ ଓ ଗୁଣବତ୍ତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଉତ୍ପାଦିତ ଆମ୍ବ ଦେଶର ବିଭିନ୍ନ ସ୍ଥାନରେ ଲୋକପ୍ରିୟ ହୋଇଥିବାବେଳେ ଏହା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରୁଛି ବୋଲି କହିଥିଲେ ।'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଦେଶବାସୀଙ୍କୁ ବର୍ତ୍ତମାନର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଅଧିକ ପରିମାଣରେ ପାଣି ପିଇବା, ପାରମ୍ପରିକ ପାନୀୟର ବ୍ୟବହାର ବଢ଼ାଇବା ଓ ଖରାର ପ୍ରଭାବରୁ ନିଜକୁ ସୁରକ୍ଷିତ ରଖିବାକୁ ସେ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ମୁଖରୁ ଓଡ଼ିଶାର ବେଲପଣା ଓ ଆମ୍ବର ପ୍ରଶଂସା ଶୁଣି ରାଜ୍ୟବାସୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ଏହା ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତି ଓ କୃଷିଜାତ ଉତ୍ପାଦକୁ ଜାତୀୟ ସ୍ତରରେ ଆହୁରି ପରିଚିତ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଉଛି । ଏହା ସହ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଆଥଲେଟ୍‌ଙ୍କୁ ପ୍ରଶଂସା କରିଛନ୍ତି ମୋଦୀ। ସଫଳ ଆଥଲେଟ୍‌ଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି ମୋଦୀ । ଦେଶର ଯୁବବର୍ଗଙ୍କ ମଧ୍ୟରେ ରହିଛି ଅଦ୍ଭୁତ ପ୍ରତିଭା । ଏହା ସହ ଖେଳୁଆଡ଼ ମନୋଭାବ ଉଜ୍ଜୀବିତ ରଖିବାକୁ ମୋଦୀ ପରାମର୍ଶ ଦେଇଛନ୍ତି । ସେହିପରି ଭାରତକୁ ଫେରିଥିବା ଚୋଳ ସାମ୍ରାଜ୍ୟ ସମୟର ଏକ ସୁନ୍ଦର ଓ ପ୍ରାଚୀନ କଳାକୃତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାକୁ ସେ ସମଗ୍ର ଦେଶ ପାଇଁ ଏକ 'ଜାତୀୟ ଗୌରବ' ବୋଲି ଅଭିହିତ କରିଛନ୍ତି। ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିଦେଶରୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ଚୋଳ ସାମ୍ରାଜ୍ୟର ଏହି ପ୍ରାଚୀନ ମୂର୍ତ୍ତି ବା କଳାକୃତି ଭାରତକୁ ଫେରିବା ଆମର ଐତିହାସିକ ଏବଂ ସାଂସ୍କୃତିକ ସନ୍ତୁଳନକୁ ଅଧିକ ମଜଭୁତ କରିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

## ଲୋକଭବନରେ...

ଜଳ ସଂରକ୍ଷଣ, ଭାରତର କ୍ରୀଡା ସଫଳତା, ସାଂସ୍କୃତିକ ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ତଥା ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟର ରାଜନୈତିକ ନେତୃତ୍ୱ, ପ୍ରଶାସକ ଏବଂ ଶିକ୍ଷାବିତଙ୍କୁ ଏକାଠି କରିଥିଲା ଓ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଏବଂ ପଦକ୍ଷେପକୁ ପ୍ରତିଫଳିତ କରିଥିଲା।

## ଦେଶର ତୃତୀୟ...

ନୂତନ ସି. ଡି. ଏସ୍. ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ କହିଥିଲେ ଯେ ସଶସ୍ତ୍ର ବାହିନୀରେ ପରିବର୍ତ୍ତନ ପାଇଁ ସାଂଗଠନିକ ସଂସ୍କାର ଉପରେ ଗୁରୁତ୍ୱ ଦିଆଯିବ। ଆତ୍ମନିର୍ଭରଶୀଳତା ହେଉଛି ଆମ ଜାତୀୟ ସୁରକ୍ଷାର କେନ୍ଦ୍ରୀୟ ସ୍ତମ୍ଭ। ଆମର ସଶସ୍ତ୍ର ବାହିନୀ ପାଇଁ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ବିକଶିତ କରି ଆମେ ସେମାନଙ୍କୁ ଶୀଘ୍ର ସେବାରେ ସାମିଲ କରିବୁ। ସି. ଡି. ଏସ୍. ଜେନେରାଲ ଏନ୍. ଏସ୍. ରାଜା ସୁବ୍ରମଣ୍ୟମ୍ କହିଛନ୍ତି, 'ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ଗ୍ରହଣ କରି ମୁଁ ଗର୍ବିତ। ସଶସ୍ତ୍ର ବାହିନୀ ଉପରେ ବିଶ୍ୱାସ ଦେଖାଇବା ପାଇଁ ଆମେ ଦେଶ ନିକଟରେ କୃତଜ୍ଞ। ଚିନ୍ତାଧାରା ଏବଂ କାର୍ଯ୍ୟରେ ନବସୃଜନ ଆମର ସାମର୍ଥ୍ୟକୁ ବୃଦ୍ଧି କରିବ। ସାମରିକ, ଶିଳ୍ପ, ଶିକ୍ଷା, ଷ୍ଟାର୍ଟଅପ୍ ଏବଂ ଗବେଷଣା ଇକୋସିଷ୍ଟମ ମଧ୍ୟରେ ଅଧିକ ସହଯୋଗ ଆଧୁନିକୀକରଣର ଚାବିକାଠି ହେବ। ଆମ ଦେଶର ସ୍ୱାର୍ଥର ସୁରକ୍ଷା ପାଇଁ ଆମର ସଶସ୍ତ୍ର ବାହିନୀ ନିରନ୍ତର ଭାବେ ବୃତ୍ତିଗତ ମନୋଭାବ ଏବଂ କାର୍ଯ୍ୟକ୍ଷମ ନିଷ୍ପତ୍ତି ନେବାର ପ୍ରଦର୍ଶନ କରିଆସିଛନ୍ତି। ଆମେ ଆମ ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ରକ୍ଷା କରିବାକୁ ପ୍ରତିଶ୍ରୁତିବଦ୍ଧ ।

## ସାମାଜିକ ଗୃହ...

ବୋର୍ଡ ପକ୍ଷରୁ ଏପର୍ଯ୍ୟନ୍ତ ୨୧ଟି ଜିଲ୍ଲାରେ ୩୨,୩୪୩ଟି ଗୃହ, ଦୋକାନ ଗୃହ ଏବଂ ପ୍ଲଟ୍ ବିକଶିତ କରାଯାଇଛି। ଏହା ଆର୍ଥିକ ଅନଗ୍ରସର , ନିମ୍ନ ଆୟ , ମଧ୍ୟମ ଆୟ ଏବଂ ଉଚ୍ଚ ଆୟ ଶ୍ରେଣୀର ଲୋକଙ୍କ ଆବଶ୍ୟକତା ପୂରଣ କରୁଛି। କେବଳ ଖୋର୍ଦ୍ଧା ଜିଲ୍ଲାରେ ୨୦,୦୦୦ରୁ ଅଧିକ ୟୁନିଟ୍ ବିକଶିତ କରାଯାଇଛି। ସମୀକ୍ଷା ଅନୁସାରେ, ବର୍ତ୍ତମାନ ୫୧୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୧୪୮୪ଟି ଆବାସିକ ୟୁନିଟ୍ ସମ୍ବଳିତ ୫ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ଏହି ପ୍ରସ୍ତାବର ସମୀକ୍ଷା କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଜମି ଚିହ୍ନଟ, ପ୍ରକଳ୍ପ ମଡେଲ ଏବଂ ହିତାଧିକାରୀଙ୍କୁ ସ୍ପଷ୍ଟ ଭାବେ ଦର୍ଶାଇ ଏକ ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଓଏସଏଚବିକୁ ନିର୍ଦ୍ଦେଶ ଦେଇଛନ୍ତି।

## ନୌସେନା ମୁଖ୍ୟ ...

ରକ୍ଷା କରିପାରିବ। ସେ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ସାଉଥ୍ ବ୍ଲକ୍ ଲନ୍ ଠାରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ କହିଛନ୍ତି ଯେ ଭାରତୀୟ ନୌସେନା ମିଳିତତା, ଆତ୍ମନିର୍ଭରଶୀଳତା ଏବଂ ସ୍ୱଦେଶୀକରଣ ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ, ଯାହା ମୋର ମୁଖ୍ୟ ଧ୍ୟାନ ହେବ। ଭାରତୀୟ ନୌସେନା ବିଶ୍ୱର ସର୍ବଶ୍ରେଷ୍ଠ ପେସାଦାର ବୋଲି ବିବେଚନା କରାଯାଏ, ତେଣୁ ସମସ୍ତ କର୍ମଚାରୀଙ୍କ କଲ୍ୟାଣ, ପେସାଦାର ପ୍ରଦର୍ଶନ ଏବଂ ବ୍ୟକ୍ତିଗତ ବିକାଶ ମୋ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେବ। ବିଦାୟୀ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ ତ୍ରିପାଠୀଙ୍କୁ କୃତଜ୍ଞତା ଜଣାଇ ସେ କହିଛନ୍ତି ଯେ ସେ ଦେଶ ପାଇଁ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଉଲ୍ଲେଖନୀୟ ସେବା କରିଛନ୍ତି ଏବଂ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ସି. ଏନ୍. ଏସ୍. ଅଟନ୍ତି। ସେ ତାଙ୍କ ନେତୃତ୍ୱରେ ପ୍ରତ୍ୟେକ ମୁହୂର୍ତ୍ତରେ ନୌସେନାକୁ ତାଙ୍କ ମାର୍ଗଦର୍ଶନ ଏବଂ ଦୂରଦୃଷ୍ଟିର ଲାଭ ଦେଇଛନ୍ତି।

## ବ୍ୟବସାୟିକ ଯୌନ...

ଭାବରେ ବ୍ୟବହାର କରାଯାଇପାରିବ ନାହିଁ। ଚାଲାଣର ଶିକାର ହୋଇଥିବା ଶିଶୁଙ୍କ ସମ୍ମତି ଅପ୍ରାସଙ୍ଗିକ ବୋଲି କୋର୍ଟ କହିଛନ୍ତି। ବେଞ୍ଚ କହିଛନ୍ତି ଯେ, ଯଦି ଚାଲାଣକାରୀମାନେ ଶୋଷଣକୁ ସୁଗମ କରିବା ପାଇଁ ଧମକ, ବଳପ୍ରୟୋଗ, ଅପହରଣ, ଠକେଇ, ପ୍ରତାରଣା, କ୍ଷମତାର ଅପବ୍ୟବହାର କିମ୍ବା ପ୍ରଲୋଭନ ବ୍ୟବହାର କରିଥାନ୍ତି ତେବେ ସମ୍ମତି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଖଣ୍ଡପୀଠ କହିଛନ୍ତି ଯେ, ଯେତେବେଳେ ଚାଲାଣର ଶିକାର ହୋଇଥିବା ବ୍ୟକ୍ତି ନାବାଳିକା ହୋଇଥାନ୍ତି, ପୋକ୍ସୋ ଆଇନର ବ୍ୟବସ୍ଥା ଅନୁଯାୟୀ ମାମଲା ରୁଜୁ ହୋଇପାରେ। ଭାରତୀୟ ଆଇନ ଶିଶୁଙ୍କ ସହ ଜଡିତ ଯୌନ ଶୋଷଣର ପ୍ରତ୍ୟେକ କାର୍ଯ୍ୟକୁ ସହମତି ବିହୀନ ଭାବରେ ବିବେଚନା କରେ।

## ଏନ୍‌କାଉଣ୍ଟର...

ପଡିଗଲା ପରେ ଚନ୍ଦନ ପୋଲିସ ଉପରକୁ ଫାୟାରିଂ କରିଥିଲା । ପୋଲିସ ସେମାନଙ୍କ ସୁରକ୍ଷା ପାଇଁ ବନ୍ଧୁକରୁ ଗୁଳି ଫୁଟାଇଥିଲା, ତାହା ଚନ୍ଦନର ଡାହାଣ ଗୋଡରେ ବାଜିଥିଲା ଓ ସେ ଆହତ ହୋଇଥିଲା। ପୋଲିସ ଚନ୍ଦନକୁ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛି । ଚନ୍ଦନ ନାମରେ କୋଣାର୍କ ସମେତ ବିଭିନ୍ନ ଥାନାରେ ମାମଲା ରହିଛି । ଏନକାଉଣ୍ଟର ଘଟଣା ପରେ ପୁରୀରେ ଅପରାଧୀମାନଙ୍କ ଭିତରେ ଭାଳେଣି ପଡିଯାଇଥିବା ଶୁଣିବାକୁ ମିଳୁଛି । ପୁରୀ ଜିଲ୍ଲାକୁ ଅପରାଧ ଶୂନ୍ୟ କରିବା ପାଇଁ ଯୁବ ଏସ୍‌ପି ପ୍ରତୀକ ସିଂ ଯୋଜନା ଜାରି ରଖିଛନ୍ତି ।

# ରଥଯାତ୍ରା ପାଇଁ ରେଳବାଇ ପରିଚାଳନା ଓ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ସମୀକ୍ଷା ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗାମୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୬ ପରିପ୍ରେକ୍ଷୀରେ ରେଳବାଇ ପରିଚାଳନା ଓ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ, ପୁରୀଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଡିଜିପି (ରେଳବାଇ), ଅତିରିକ୍ତ ଡିଜିପି (ଆଧୁନିକୀକରଣ), ଆଇଜି ରେଳବାଇ ପୋଲିସ ଫୋର୍ସ, ପୁରୀ ଜିଲ୍ଲାପାଳ, ଏସପି, ମହାନଗର ନିଗମ କମିଶନର ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇ ରେଳ ଷ୍ଟେସନରେ ଭିଡ଼ ପରିଚାଳନା, ସୁରକ୍ଷା ବ୍ୟବସ୍ଥା, ଯାତ୍ରୀ ସୁବିଧା, ଟ୍ରାଫିକ ସମନ୍ୱୟ ଏବଂ ଆନ୍ତଃବିଭାଗୀୟ ସହଯୋଗ ସମ୍ପର୍କରେ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ନିରାପଦ ଓ ସୁବ୍ୟବସ୍ଥିତ ଯାତାୟାତ ସୁନିଶ୍ଚିତ କରିବା ନିମନ୍ତେ ଚାଲିଥିବା କାର୍ଯ୍ୟଗୁଡ଼ିକର ଅଗ୍ରଗତି ସମୀକ୍ଷା କରାଯିବା ସହ ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା।

# ଥାନାରେ ହାଜରା ଦେଲେ ୩୦ରୁ ଊର୍ଦ୍ଧ୍ୱ ଅପରାଧୀ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଅପରାଧ ନିୟନ୍ତ୍ରଣ ପାଇଁ ଏବେ ପୋଲିସ ଜେଲ୍ ଫେରନ୍ତା ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଉପରେ କଡ଼ା ନଜର ରଖିଛି । ଏପରିକି ନିକଟରେ ୫ ଅପରାଧିଙ୍କୁ ପୋଲିସ ଏନ୍‌କାଉଣ୍ଟର କରିସାରିଛି । ଏହା ସତ୍ତ୍ୱେ ମଧ୍ୟ ପୋଲିସ ଏବେ ଜେଲ୍ ଫେରନ୍ତା ଓ ପୁରୁଣା ଅପରାଧୀଙ୍କୁ ଡ଼ାକି ସତର୍କ କରାଉଛି । କୌଣସି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିବା ଖବର ମିଳିଲେ ଗିରଫ ହେବା ସହ ଏନ୍‌କାଉଣ୍ଟର ହେବା ମଧ୍ୟ ସମ୍ଭାବନା ରହିଛି । ସମସ୍ତ ଥାନା ଅଧିକାରୀ ନିଜ ନିଜ ଅଚଂଳର ଅପରାଧୀମାନଙ୍କୁ ଡ଼ାକି ସତର୍କ କରାଇଛନ୍ତି । ପ୍ରଥମ ଦିନରେ ସହର ଓ ଉପକଣ୍ଠ ଥାନାରେ ୩୦ ଜଣ ଅପରାଧି ହାଜିରା ଦେଇଥିବା ଜଣାପଡ଼ିଛି । ଅପରାଧୀମାନେ ନିଜର ପରିବାର ସଦସ୍ୟଙ୍କୁ ଥାନାରେ ନେଇ ପହଞ୍ଚୁଛନ୍ତି । ସେଠାରେ ପୋଲିସ ଅଧିକାରୀମାନେ ଅପରାଧୀଙ୍କ ଗତିବିଧି ଉପରେ ତାଙ୍କ ପରିବାର ଲୋକଙ୍କୁ ପଚାରିବା ସହ ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ କୁହାଯାଉଛି । ସପ୍ତାହକୁ ଥରେ ବାଧ୍ୟତାମୂଳକ ଥାନାରେ ହାଜିରା ଦେବେ ଅପରାଧୀ । ଏକାଧିକ ଜେଲ୍ ଫେରନ୍ତାକୁ ଥାନାରେ ବିଭିନ୍ନ ମାମଲା ବିଷୟରେ ପଚରାଉଚରା କରିଛି ପୋଲିସ । ପୋଲିସ ବଛାବଛା ଅପରାଧୀଙ୍କୁ ସପ୍ତାହରେ ଦୁଇ ଦିନ ଶନିବାର ଓ ରବିବାର ଥାନାରେ ହାଜିରା ଦେବାକୁ କହିଛି । ଯଦି ହାଜିରା ଦେବାକୁ ନ ଆସନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି । ଥାନାକୁ ଡ଼କାଯାଉଥିବା ଖବର ପାଇ କିଛି ଅପରାଧି ବ୍ରହ୍ମପୁର ଛାଡ଼ି ବାହାରକୁ ଚାଲିଯାଇଥିବା ଜଣାପଡ଼ିଛି ।

## ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜୟନ୍ତୀ ଉତ୍ସବ

# ରବିବାବୁଙ୍କ ସଂଗ୍ରାମ ଓ ସଂଘର୍ଷମୟ ଜୀବନ ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ : ସୌମ୍ୟରଞ୍ଜନ



**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ରବି ଲାବଣ୍ୟଙ୍କ ପରି ରାଜନେତା ବିରଳ। ସେ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ ତଥା ବିପ୍ଳବୀ ରାଜନେତା । ତାଙ୍କ ନିସ୍ୱାର୍ଥପର ସେବା, ପରୋପକାର ଏବଂ ମୂଲ୍ୟବୋଧ ରାଜନୀତି ପାଇଁ ସେ ସବୁଦିନ ମନେ ରହିବେ । ରବି ଲାବଣ୍ୟଙ୍କ ସଂଗ୍ରାମ ଓ ସଂଘର୍ଷମୟ ଜୀବନ ଆଗାମୀ ପିଢ଼ୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ତମ ଜୟନ୍ତୀ ଉତ୍ସବରେ ଯୋଗ ଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଧର୍ମଶାଳା ବ୍ଲକ କାଏମା କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ 'ବନ୍ଦେ ଉତ୍କଳ ଜନନୀ' ପକ୍ଷରୁ ଆୟୋଜିତ ଜୟନ୍ତୀ ଉତ୍ସବକୁ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରଦୀପ ପ୍ରଜ୍ଜଳନ କରି ଉଦ୍‌ଘାଟନ କରିଥିଲେ। ରବି ବାବୁ ଏକା ଧାରାରେ ଜଣେ ଛାତ୍ରନେତା, ଶିକ୍ଷକ, ନାଟ୍ୟକାର ଓ ବିଧାୟକ ଥିଲେ। ସେ ବିଧାୟକ ଥିବା ବେଳେ ସରକାରୀ ଜମିକୁ ଗ୍ରହଣ କରିନଥିଲେ। ମୋ ଜୀବନ କାଳରେ ପ୍ରିୟ ଦଶଜଣ ବ୍ୟକ୍ତିଙ୍କ ମଧ୍ୟରେ ରବି ଲାବଣ୍ୟ ଅନ୍ୟତମ ଥିଲେ ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବନ୍ଦେ ଉତ୍କଳ ଜନନୀର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ଅତିଥି ଭାବେ ଯୋଗ ଦେଇ ରବିବାବୁ ବିଜୁବାବୁଙ୍କ ଶିଷ୍ୟ ଥିଲେ ଏବଂ ଦଳୀୟ କାର୍ଯ୍ୟାଳୟରେ ରହୁଥିଲା ବେଳେ ସେ ତଳେ ଶୋଉଥିଲେ। ସେ ଦୁର୍ନିତୀ, ଭ୍ରଷ୍ଟାଚାର ଓ ବ୍ୟଭିଚାର ଠାରୁ ଦୂରରେ ଥିଲେ ଏବଂ ସେ ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ଜାତୀୟତାବାଦର କର୍ଣ୍ଣଧାର ଥିଲେ ବୋଲି କହିଥିଲେ। ଅନ୍ୟତମ ଅତିଥି ଓଡ଼ିଶା ବିଧାନସଭାର ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲ୍ ରବି ମୋର ସାଙ୍ଗ ଥିଲା ବୋଲି କହିବା ସହିତ ସେ ଯେଉଁ ଦଳ ପାଇଁ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇଥିଲା ତାକୁ ସେହି ଦଳ ଉପଯୁକ୍ତ ସମ୍ମାନ ଦେଇନଥିଲା ବୋଲି କ୍ଷୋଭ ଭରା କଣ୍ଠରେ ପ୍ରକାଶ କରିଥିଲେ । ମୋ ରାଜନୈତିକ ଜୀବନରେ ରବିବାବୁ ମୋତେ ବହୁତ ସାହାଯ୍ୟ ସହଯୋଗ କରିଥିଲେ । ସେ ବ୍ୟକ୍ତଗତ ସ୍ୱାର୍ଥ ଅପେକ୍ଷା ସମାଜର ସାମୁହିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ ବୋଲି ଅନ୍ୟତମ ଅତିଥି ପୂର୍ବତନ ସାଂସଦ ତଥା ଓଡ଼ିଶା ବିଧାନସଭାର ମୁଖ୍ୟ ସଚେତକ ରବି ନାରାୟଣ ପାଣି ପ୍ରକାଶ କରିଥିଲେ । ଉତ୍ସବରେ ଅନ୍ୟତମ ଅତିଥିଭାବେ ଯୋଗ ଦେଇ କଲିକତା ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର୍ ବୈଷ୍ଣବ ସାମଲ ନିଜର ମାଆଙ୍କ ସ୍ମୃତି ରକ୍ଷା ତଥା ମାତୃଭକ୍ତି ପରାକାଷ୍ଠା ସ୍ୱରୂପ ରବିଲାବଣ୍ୟ ନିଜ ନାମକୁ ବଦଳାଇ ଦେଇଥିଲେ ବୋଲି ସେ ତାଙ୍କ ଭାଷଣରେ ଉଚ୍ଚ ପ୍ରଂଶସା କରିଥିଲେ। ଉତ୍ସବରେ ସମାଜସେବୀ ମିନତୀ ସାହୁ, ଅଭ୍ୟର୍ଥନା କମିଟି ସଦସ୍ୟ କାହ୍ନୁଚରଣ ଦାଶ, ଡ଼. ରାଜକିଶୋର ପାଢ଼ୀ ସ୍ୱର୍ଗତ ଲାବଣ୍ୟଙ୍କ ଆର୍ଦଶ ଓ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କଟକ ନବକଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଂଙ୍ଗୀତ ଗାନ କରାଯାଇଥିଲା। ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ମରଣିକା "ସ୍ୱାଭିମାନ'ର ଚତୁର୍ଥ ଭାଗକୁ ଅତିଥିମାନେ ଲୋର୍କାପଣ କରିଥିଲେ।

# ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇ ମତଦାତା ଅଧିକାର ସୁନିଶ୍ଚିତ କଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇ ମତଦାତା ଅଧିକାର ସୁନିଶ୍ଚିତ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଅବସରରେ ସେ କହିଛନ୍ତି ଯେ, ଗଣତନ୍ତ୍ରରେ ମତଦାତାଙ୍କ ଅଧିକାର ସୁରକ୍ଷା ହେଉଛି ସର୍ବୋପରି। ଓଡ଼ିଶାରେ ଆରମ୍ଭ ହୋଇଥିବା ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇ ନିଜର ମତଦାତା ଅଧିକାର ସୁନିଶ୍ଚିତ କଲି। ଅନ୍ୟ କେହି ଭୋଟର ତାଲିକାରୁ ଆପଣଙ୍କ ନାଁ କାଟିଦେବା ପୂର୍ବରୁ ସମସ୍ତେ ନିଜର ମତଦାତା ଅଧିକାର ଯାଂଚ କରନ୍ତୁ। ଗଣତନ୍ତ୍ରରେ ପ୍ରତିଟି ନାଗରିକଙ୍କ ଅଧିକାର ଅକ୍ଷୁର୍ଣ୍ଣ ରହୁ ବୋଲି ନବୀନ କହିଛନ୍ତି ।



## ବିଜେଡି ପରିତ୍ୟାଗ କରି ସମର୍ଥକଙ୍କ ସହ ବିଜେପିରେ ଯୋଗଦେଲେ ରୁଦ୍ର ନାରାୟଣ ସାମନ୍ତରାୟ

# ବିଜେପି ସକାରାତ୍ମକ ରାଜନୀତିରେ ବିଶ୍ୱାସ କରି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ: ଅପରାଜିତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ ବିଜେଡି ଛାଡ଼ି ସମର୍ଥକଙ୍କ ସହ ରବିବାର ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲା ଯୁବ ସମ୍ପାଦକ ଅଶୋକ ପଲେଇ, ଲୋପାମୁଦ୍ରା ନାୟକ, ଦେବଶିଷ ରଣା, ମିଳନ ପାଇକରାଏ, ସୌରଭ ମହାନ୍ତି, ବିଶ୍ୱଜିତ୍ ଦାସ, ଶୈଳେନ୍ଦ୍ର ପ୍ରସାଦ ରାଏ, ରାଜା ନିର୍ମାୟା ପ୍ରସାଦ, ସନ୍ଦୀପ କୁମାର ବଳ, ସୁମନ କୁମାରୀ, ସ୍ୱୀକୃତି ପଟ୍ଟନାୟକ, ବିବେକାନନ୍ଦ କର, ଶୈଳେନ୍ଦ୍ର ରାଏ ପ୍ରମୁଖ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି । ଏହି ଅବସରରେ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି ଯେ, ଆଜିର ମିଶ୍ରଣ ପର୍ବ ପରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେପି ସଂଗଠନ ଆହୁରି ସୁଦୃଢ଼ ହୋଇଛି । ରାଷ୍ଟ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ବିଜେପି ଦଳ ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ । ଏହି ଦଳରେ ୧୪ କୋଟିରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଥିଲାବେଳେ ଦେଶର ୨୨ ରାଜ୍ୟରେ ବିଜେପି ଓ ଏନ୍‌ଡିଏ ସରକାର ରହିଛି । ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ଆମର ସରକାର ରହିଛି । ଭାରତୀୟ ଜନତା ପାର୍ଟିର କାର୍ଯ୍ୟ ଶୈଳୀ ଓ ବିଚାରଧାରା ଉପରେ ବିଶ୍ୱାସ କରି କାର୍ଯ୍ୟକର୍ତାମାନେ ଅନ୍ୟାନ୍ୟ ରାଜନୈତିକ ଦଳ ଛାଡି ବିଜେପିରେ ଯୋଗଦେଉଛନ୍ତି । କାରଣ ବିଜେପି ସକାରାତ୍ମକ ରାଜନୀତିରେ ବିଶ୍ୱାସ କରି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ। ଆଗାମୀ ଦିନରେ ଆମ ସମସ୍ତଙ୍କୁ ନିସ୍ୱାର୍ଥଭାବେ ଅନେକ କାର୍ଯ୍ୟ କରିବାର ଅଛି । ପ୍ରତ୍ୟେକ ଘରେ ପହଞ୍ଚିବାର ଅଛି। ସମାଜରେ ରହୁଥିବା ବିଭିନ୍ନ ବର୍ଗର ଲୋକଙ୍କ କଥା ବୁଝିବାର ଅଛି । ଏନେଇ ରାଷ୍ଟ୍ର ନିର୍ମାଣର ଭାବନା ନେଇ ସମସ୍ତେ ଗୋଟିଏ ଦିଶାରେ କାର୍ଯ୍ୟକରି ଦଳକୁ ଅଧିକ ସୁଦୃଢ଼ କରିବାକୁ ଶ୍ରୀମତୀ ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଜନ ସେବାକୁ ସଂକଳ୍ପ ନେଇ ସେ ଏକ ନୂଆଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ, ରାଜ୍ୟସଭାପତି ଶ୍ରୀ ମନମୋହନ ସାମଲଙ୍କ ଆର୍ଶୀବାଦ, ସାସଂଦ ଷଡ଼ଙ୍ଗୀଙ୍କ କାର୍ଯ୍ୟ ଶୈଳୀ, ଓ ଚିନ୍ତାଧାରାରେ ଅନୁପାଣିତ ହୋଇ ସେ ବିଜେପିରେ ଯୋଗଦେଇଛନ୍ତି । ୨୦ ବର୍ଷ ହେବ ବିଭିନ୍ନ ସାମାଜିକ ସଂଗଠନ ମାଧ୍ୟମରେ ସେ ଲୋକଙ୍କ ସେବା କରି ଆସୁଥିଲେ । ଲୋକଙ୍କ ଅଧିକ ସେବା କରିବା ପାଇଁ ୨୦୧୯ରେ ବିଜେଡିରେ ଯୋଗଦେଇଥିଲେ । ମାତ୍ର ସେଠାରେ ଲୋକଙ୍କୁ ଠିକ୍ ଭାବେ ସେବା କରିବାକୁ ସୁଯୋଗ ମିଳୁ ନଥିଲା । ଉଚିତ୍ ନେତୃତ୍ୱ, ପ୍ରେରଣା ଓ ସକ୍ରିୟ ମାର୍ଗଦର୍ଶନ ମିଳିପାରୁ ନଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ଭାରତ ଆଗକୁ ବଢୁଥିବା ଦେଖି ବିଜେପିରେ ଯୋଗ ଦେବାକୁ ସ୍ଥିର କରିଥିଲେ । ବିଜେପି ଏକ ଦଳ ନୁହେଁ ରାଷ୍ଟ୍ର ନିର୍ମାଣର ଏକ ପରିବାର । ଏହି ପରିବାରରେ ଯୋଗଦେଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିବା କହି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗ୍‌ଦ୍ଦେବ, ରାଜ୍ୟ ସମ୍ପାଦକ ପିଙ୍କି ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜୀବନ ପ୍ରଦୀପ ଦାସ, ନିକୁଞ୍ଜ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ସଭାପତି ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

13001/707/2627

**OFFICE OF THE PARADEEP MUNICIPALITY, PARADEEP**

**Quotation Call Notice no. 2309 / dt. 30.05.2026**

The Executive Officer, Paradeep Municipality, Paradeep invites sealed quotation from the intending contractor/ firm having update GSTN/ PAN card holder for "**Clearing & Maintaining of Water Hyacinth and Shrub Jungales of Kapil Jori Creek from Jagannath Mandir to Mausi Maa Mandir, Paradeep Municipality**". DTCN alongwith specification, terms & conditions can be obtained in the office of the Paradeep Municipality, Paradeep on payment of paper cost **₹6,000.00** (Rupees- Six Thousand) only (not refundable) from **dt.01.06.2026 to dt.11.06.2026** during office hours. The quotation will be available on office website www.paradeepmunicipality.in. Paper cost shall be paid as per the same method noted in DTCN downloaded online. Quotation without payment of paper cost and EMD shall not be accepted in any case and will be rejected summarily. The quotation will be reached the undersigned on or before **dt.12.06.2026 upto 11.00 AM**. The same will be opened on the same day at 1.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Sd/- Executive Officer
Paradeep Municipality

OIPR-13001/13120/1/26-27/0004

ଭୁବନେଶ୍ୱର, ୧ ଜୁନ୍, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ଅନାସ୍ଥା ପ୍ରସ୍ତାବ ଜିତିବା ପରେ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ବୀରରାମଚନ୍ଦ୍ରପୁରର ଜିପି ସଦସ୍ୟମାନେ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ରଥଖଳା ହାଲଚାଲ : ତିନିରଥ ଦଣ୍ଡା ଫ୍ରେମର ନମ୍ବରିଂ କାର୍ଯ୍ୟ ଶେଷ

**ପୁରୀ, ୩୧/୦୫ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ଯେତେ ପାଖେଇ ଆସୁଛି ରଥଖଳା ସେତେ ଚଳଚଞ୍ଚଳ ହୋଇ ପଡିଛି । ରଥ କାମରେ ଲାଗିଥିବା ବିଭିନ୍ନ ସେବକମାନ ତତ୍ପର ହୋଇ ଉଠିଛନ୍ତି। ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଇତି ମଧ୍ୟରେ ତିନିରଥ ଦଣ୍ଡା ଫ୍ରେମର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଂ କାର୍ଯ୍ୟ ସମ୍ପନ୍ନ ହୋଇଛି। ତିନିରଥର ମୁଖ୍ୟ ମହାରଣାମାନଙ୍କ ତତ୍ତ୍ୱାବଧାନରେ ଦଣ୍ଡା ଫ୍ରେମର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଂ ହୋଇ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ରବିବାର ଦଣ୍ଡା ଫ୍ରେମ୍ ଖୋଲା ଯାଇ ଦଣ୍ଡା ଫ୍ରେମରେ ଲାଗି ଥିବା ଅଂଶ ଗୁଡ଼ିକର କାପ, କଳଶା ଏବଂ ବାକି ବିନ୍ଧାକାର୍ଯ୍ୟ ପରେ ଦଣ୍ଡା ଫ୍ରେମ୍ ସାଇତା କାର୍ଯ୍ୟ ହେବ। ଏଥିସହ ତିନିରଥର ୧୨ ଲେଖାଏଁ ପୋଲ ଗୟଳରୁ ଦୁଇଟି ଲେଖାଏଁ ବଡ଼ ପୋଲ ଗୟଳ କରତୀ ସେବକ ଚିରଟ କରି ଚଉପଟ ପାଇଁ ରଥ ଚାଳିକୁ ଯୋଗାଇ ଥିଲେ। ବାକି ପୋଲ ଗୟଳଗୁଡ଼ିକ ମଧ୍ୟରୁ ଦୁଇଟି ଲେଖାଏଁ ପୋଲ ଗୟଳର ଚଉପଟ କାର୍ଯ୍ୟ ତିନିରଥର ମହାରଣା ସେବକମାନେ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜ ଏବଂ ୮ଟି ଲେଖାଏଁ ତୀଖ ଗୁଜରେ



ସିଂହ ବିରଳ ରୂପ ଖୋଦେଇ ଶେଷ କରି ସାରିଛନ୍ତି । ଏହା ପରେ ସେମାନେ ତିନିରଥର 'ବେଦୀ ସିଂହାସନ ମୁହାଁଟ'ରେ କୁମ୍ଭ, ମତ୍ସ୍ୟ, ଡାଳି ଲତା ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ମହାରଣା ସେବକମାନେ ତିନିରଥର ୮ ଟି ଲେଖାଏ 'ନାଟ ଗୋଡ଼' ପଟାରେ ମୁଖ ସାଲ ଶେଷ କରି ରୂପ ଖୋଦେଇ ପାଇଁ ରୂପକାର ସେବକଙ୍କୁ ଯୋଗାଇ ଦେଇଛନ୍ତି। ସେହିପରି କରତୀ ସେବକମାନେ ଚିତା କାର୍ଯ୍ୟ ପରେ ଦେବଦଳନ ରଥର ୪୦ ଫୁଟିଆ ପୋଲ ଗୟଳର ଚିରଟ କାର୍ଯ୍ୟ ଶେଷ କରିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ତିନିରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ଶେଷ କରି ତିନିରଥର ପୋଟଳ ପାଇଁ ଜଙ୍ଘାକଣ୍ଟା ଏବଂ ପୋଟଳ ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ତଥା ରଥ ଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ଯଥା ଅବକାଶ ଖଟୁଲି, ଠାକୁରଙ୍କ ରୁନ୍ଧା କାର୍ଯ୍ୟ ପାଇଁ ଅଞ୍ଜନା ଖୁଣ୍ଟି, ବେଶ ଘୋଡିଆ, ପାଟ ଡୋରି ବୋଳିବା ପାଇଁ କାଠି ନିର୍ମାଣ ଆଦି କାମ ଜାରି ରଖିଛନ୍ତି ।

# ଆଇପିଏସ୍ ଅନନ୍ୟା ଅଓ୍ୱସ୍ତିଙ୍କୁ ଦାୟିତ୍ୱ : ରାଜ୍ୟପାଳଙ୍କ ପ୍ରଥମ ମହିଳା ଏଡିସି ଭାବେ ନିଯୁକ୍ତ



**ଭୁବନେଶ୍ୱର, ୩୧/୦୫ ନ୍ୟୁଜ ବ୍ୟୁରୋ**

ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ଓଡ଼ିଶାର ରାଜ୍ୟପାଳଙ୍କ ପୋଲିସ ସହାୟକ-ଡି-କ୍ୟାମ୍ପ (ଏଡିସି) ଭାବରେ ନିଯୁକ୍ତ କରାଯାଇଛି । ଓଡ଼ିଶା ଇତିହାସରେ ଏହି ସମ୍ମାନଜନକ ପଦବୀରେ ଅଧିଷ୍ଠିତ ହୋଇଥିବା ପ୍ରଥମ ମହିଳା ଅଧିକାରୀ ହୋଇଛନ୍ତି ଅନନ୍ୟା ଅଓ୍ୱସ୍ତି। ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳା ପ୍ରତିନିଧିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଓଡ଼ିଶାର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ରବିବାର ଲୋକଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ, ଓଡ଼ିଶା କ୍ୟାଡରର ୨୦୨୨ ବ୍ୟାଚର ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ତାଙ୍କ ନୂତନ ଦାୟିତ୍ୱରେ ସ୍ୱାଗତ କରିଥିଲେ। ତାଙ୍କର ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ପୋଲିସ ଏଡିସି ଭାବରେ ନିଯୁକ୍ତି ପାଇବା ପୂର୍ବରୁ କଟକର ଯୁପିଡି (ସହରାଞ୍ଚଳ ପୋଲିସ ଜିଲ୍ଲା)ର ଆସିଷ୍ଟାଣ୍ଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ। ଅନନ୍ୟା ଅଓ୍ୱସ୍ତି ୨୦୨୧ ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି, ଯିଏକି ବୌଦ୍ଧ ଜିଲ୍ଲାର ପୋଲିସ ଅଧିକ୍ଷକ ଭାବରେ ବଦଳି ହୋଇଛନ୍ତି । ରାଜ୍ୟପାଳଙ୍କ ପୋଲିସ ସହାୟକ ପଦବୀକୁ ଏକ ସମ୍ମାନଜନକ ଏବଂ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଭାବରେ ବିବେଚନା କରାଯାଏ । ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ସମୟରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ, ସରକାରୀ ବିଭାଗ, ପୋଲିସ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ସଂସ୍ଥା ସହିତ ଘନିଷ୍ଠ ସମନ୍ୱୟ ରଖିବା ପାଇଁ ଏହି ଭୂମିକା ଆବଶ୍ୟକ । ଓଡ଼ିଶାର ରାଜ୍ୟପାଳଙ୍କୁ ଦୁଇଜଣ ସହାୟକ-ଡି-କ୍ୟାମ୍ପ ସହାୟତା କରନ୍ତି, ଯେଉଁଥିରେ ଜଣେ ପୋଲିସ ଏଡିସି ଏବଂ ଜଣେ ନୌସେନା ଏଡିସି ସାମିଲ ଅଛନ୍ତି। ଅନନ୍ୟା ଅଓ୍ୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫ୍ଟନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି । ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ତାଙ୍କ ଏକ୍ସରେ ଲେଖିଛନ୍ତି, 'ଆଇପିଏସ୍ ଅଧିକାରୀ ସୁଶ୍ରୀ ଅନନ୍ୟା ଅଓ୍ୱସ୍ତିଙ୍କୁ ଓଡ଼ିଶାର ରାଜ୍ୟପାଳଙ୍କ ପୋଲିସ ସହାୟକ (ଏଡିସି) ଭାବରେ ନିଯୁକ୍ତ କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା ରାଜ୍ୟପାଳଙ୍କ ଏଡିସି ଭାବରେ, ତାଙ୍କର ନିଯୁକ୍ତି ମହିଳା ନେତୃତ୍ୱ ଏବଂ ସଶକ୍ତିକରଣରେ ଏକ ଐତିହାସିକ ମାଇଲଖୁଣ୍ଟ। ରାଜ୍ୟପାଳ ତାଙ୍କ ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।'

## ଖାଦ୍ୟ ଅପମିଶ୍ରଣ ରୋକିବାକୁ ବଡ଼ ପଦକ୍ଷେପ

# କେନ୍ଦ୍ର ସରକାର ଏବଂ ଏଫ୍ଏସ୍ଏସ୍ଏଆଇକୁ ନୋଟିସ୍ ଜାରି କଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୩୧/୦୫**

ଆମେ ଖାଉଥିବା ଖାଦ୍ୟ କେତେ ସୁରକ୍ଷିତ ? ମିଳିତ ଖାଦ୍ୟ ବା ଭେଜାଲ୍ ଖାଦ୍ୟ ବିକୁଥିବା ବଡ଼ ବଡ଼ କମ୍ପାନିଙ୍କ ଉପରେ କାହିଁକି କୋହଳ ମନୋଭାବ ଦେଖାଯାଉଛି ? ଏହାକୁ ନେଇ କେନ୍ଦ୍ର ସରକାର ଏବଂ ଏଫ୍ଏସ୍ଏସ୍ଏଆଇକୁ ଜବାବ ମାଗିଛନ୍ତି ସୁପ୍ରିମକୋର୍ଟ। ଦେଶରେ ଅସୁରକ୍ଷିତ ଏବଂ ଭେଜାଲ ଖାଦ୍ୟ ବିକ୍ରିକୁ ରୋକିବାରେ ବର୍ତ୍ତମାନର ଆଇନ ଫେଲ୍ ମାରିଛି। ଏହିଭଳି ଏକ ସମ୍ବେଦନଶୀଳ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧୀକରଣ (ଏଫ୍ଏସ୍ଏସ୍ଏଆଇ)କୁ ନୋଟିସ୍ ଜାରି କରିଛନ୍ତି। ଜଣାଶୁଣା ଆଇଭିଏଫ୍ ବିଶେଷଜ୍ଞ ଡାକ୍ତର ଅନିରୁଦ୍ଧ ମାଲପାନୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନରେ ଦର୍ଶାଯାଇଛି ଯେ, ବଡ଼ ବଡ଼ କର୍ପୋରେଟ୍ ଏବଂ ବହୁରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ପାଇଁ ବର୍ତ୍ତମାନର ଜରିମାନା ଅତି ନଗଣ୍ୟ।

ଖାଦ୍ୟ ସୁରକ୍ଷା ଆଇନ ୨୦୦୬ ଅନୁଯାୟୀ, ନିମ୍ନମାନ ଖାଦ୍ୟ ପାଇଁ ସର୍ବାଧିକ ୫ ଲକ୍ଷ ଏବଂ ଅପମିଶ୍ରିତ ପାଇଁ ମାତ୍ର ୩ ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି। କୋଟି କୋଟି ଟଙ୍କାର ବ୍ୟବସାୟ କରୁଥିବା ବଡ଼ କମ୍ପାନିଗୁଡ଼ିକ ପାଇଁ ଏହି ଜରିମାନା କେବଳ ଏକ ମାମୁଲି 'ଖର୍ଚ୍ଚ' ସଦୃଶ ହୋଇଯାଇଛି, ଯାହା ସେମାନଙ୍କ ମନରେ କୌଣସି ଭୟ ସୃଷ୍ଟି କରୁନାହିଁ। ତେଣୁ କମ୍ପାନିଗୁଡ଼ିକର ବାର୍ଷିକ କାରବାର ବା 'ଟର୍ଣ୍ଣଓଭର' ଭିତ୍ତିରେ ଜରିମାନା ଧାର୍ଯ୍ୟ କରିବାକୁ ଦାବି କରାଯାଇଛି। ଏହି ଆବେଦନରେ



ସିଏଜିର ପରଫରମାନ୍ସ ଅଡିଟ୍ ରିପୋର୍ଟକୁ ମଧ୍ୟ ଉପସ୍ଥାପନ କରାଯାଇଛି। ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ କହିଥିବା ୪୭ ପ୍ରତିଶତ ଜରିମାନା ଆଦାୟ ହୋଇପାରୁ ନାହିଁ। ଏଥିସହିତ ସମଗ୍ର ଦେଶରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଘୋର ଅଭାବ ରହିଛି।

ଚଳିତ ବର୍ଷ ମାର୍ଚ୍ଚ ୧୩ ତାରିଖରେ ରାଜ୍ୟସଭାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଦେଶରେ ୪,୨୦୮ ସାଂସ୍କୃତିକ ପଦବୀ ମଧ୍ୟରୁ ମାତ୍ର ୨,୯୯୭ ଜଣ ଅଧିକାରୀ କାର୍ଯ୍ୟ କରୁଛନ୍ତି। ମଧ୍ୟାହ୍ନ ଭୋଜନରେ ବିଷାକ୍ତ ଖାଦ୍ୟ, କ୍ଷୀରରେ ଭେଜାଲ ଏବଂ ପ୍ୟାକେଜ୍ଡ ଫୁଡ୍‌ରେ କେମିକାଲ୍ ମିଶ୍ରଣ ନାଗରିକଙ୍କ ସମ୍ବିଧାନର ଅନୁଚ୍ଛେଦ ୨୧ ଅନ୍ତର୍ଗତ 'ଜୀବନ ଜିଇଁବାର ଅଧିକାର' ଏବଂ ସ୍ୱାସ୍ଥ୍ୟ ସୁରକ୍ଷାକୁ ଉଲ୍ଲଂଘନ କରୁଛି। ଏଣୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଓଡ଼ିଶାରେ ବି ବାରମ୍ବାର ସାମନାକୁ ଆସୁଛି ଖାଦ୍ୟ ଅପମିଶ୍ରଣ ମାମଲା। ଅତି କମ୍ ଟଙ୍କାର ଜରିମାନା ପାଇଁ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନିଙ୍କ ଭିତରେ ରହୁନି ଡର। ଟର୍ଣ୍ଣଓଭର ଭିତ୍ତିକ ଜରିମାନା ହେଲେ ରାଜ୍ୟର ଅସାଧୁ ବ୍ୟବସାୟୀଙ୍କ ଉପରେ ଲାଗିବ ଲଗାମ।

# ବାଘ ସହ ଲଢ଼ି ପୁଅର ଜୀବନ ବଞ୍ଚାଇଲେ ବାପ-ମା

**ରାଇଘର, ୩୧/୦୫ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁରଜିଲ୍ଲା ରାଇଘର ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲା ଦୁଧାୱା ଅଞ୍ଚଳରେ ବାଘ ଆତଙ୍କ ଦେଖିବାକୁ ମିଳିଛି। ଦୁଧାୱା ନିକଟସ୍ଥ ନୟାପାରା ଅଞ୍ଚଳରେ ଉମଙ୍ଗ ମାଣ୍ଡଭୀ (୭) ଅଙ୍ଗନବାଡ଼ି ଯାଉଥିବା ସମୟରେ ତାକୁ କଲରାପତରିଆ ବାଘ ଆକ୍ରମଣ କରି ଜଙ୍ଗଲକୁ ଟାଣି ନେବାକୁ ଚେଷ୍ଟା କରିଥିଲା। ବାଘଟି ବାଳକର ବାମ ଜଙ୍ଘକୁ କାମୁଡ଼ି ଧରିବାରୁ ସେ ଚିତ୍କାର କରିଥିଲା। ପୁଅର ଚିତ୍କାର ଶୁଣି ଘର ଭିତରୁ ମାଆ ଓ ବାପା ଦୌଡ଼ି ଆସିଥିଲେ। ସେହି ସମୟରେ ମା' ସାହସ ଦେଖାଇ ପାଣି ବୋତଲ ଫିଙ୍ଗିବା ସହ ପାଟି କରିଥିଲେ। ଏମିତିକି ବାଘ ସହ ଲଢ଼ି ପୁଅକୁ ବଞ୍ଚାଇଥିଲେ। ଗୁରୁତର ଅବସ୍ଥାରେ ପୁଅକୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ କାଙ୍କେର ମାତୃ ଓ ଶିଶୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଛତିଶଗଡ଼ର କାଙ୍କେର ଏବଂ ଧମତରୀ ସୀମାନ୍ତ ଅଞ୍ଚଳରେ କଲରାପତରିଆ ବାଘ ବାରମ୍ବାର ଗୋରୁଗାଈ ଓ ମଣିଷଙ୍କ ଉପରେ ଆକ୍ରମଣ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବାଘକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପଞ୍ଜୁରୀ ଓ ଟ୍ରାପ୍ କ୍ୟାମେରା ଲଗାଯାଇଛି ବୋଲି ସୂଚନା ମିଳିଛି

## ନ୍ୟୁ ସିଟି ମାଷ୍ଟର ପ୍ଲାନ୍ ପାଇଁ ପରାମର୍ଶ ବୈଠକ

# ବଜାର ସର୍ଭେ ଶେଷ : ୯ ମାସରେ ଡିପିଆର




**ଭୁବନେଶ୍ୱର, ୩୧/୫ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ପ୍ରସ୍ତାବିତ ନ୍ୟୁ ସିଟି ପ୍ରକଳ୍ପର ବଜାର ସର୍ଭେ ଶେଷ ହୋଇଛି । ଅନ୍ତର୍ଜାତୀୟ କମ୍ପାନି ସିଙ୍ଗାପୁରର ସୁରବନ ଜ୍ୟୁରୋଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଜେଆଇ) ଜେଏଲ୍ଏଲ୍ ସହାୟତାରେ ଏହି ସର୍ଭେ କରିଛି । ଏଣୁ ନ୍ୟୁ ସିଟି ସଂପର୍କିତ ପରବର୍ତ୍ତୀ ପଦକ୍ଷେପ ଉପରେ ଷ୍ଟେକ୍‌ହୋଲ୍‌ଡରଙ୍କ ସହ ଏକ ପରାମର୍ଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳଭବନଠାରେ ଅନୁଷ୍ଠିତ ଏହି ବୈଠକରେ ନ୍ୟୁ ସିଟିର ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଷ୍ଟେକ୍‌ହୋଲ୍ଡରଙ୍କ ସହ ଆବଶ୍ୟକ ବିଚାରବିମର୍ଶ କରାଯାଇଥିଲା। ନ୍ୟୁ ସିଟିକୁ ଏକ ଟ୍ରାନ୍‌ଜିଟ୍-ଓରିଏଣ୍ଟେଡ୍ ସହର ଭାବରେ ଗଢ଼ାଯିବ। ଏଥିରେ ସବୁ ଆୟବର୍ଗର ଲୋକଙ୍କ ପାଇଁ ଘର, ଭଲ ପରିବହନ, କମ୍ ଯାତାୟାତ ଦୂରତ୍ୱ ଓ ସମନ୍ୱିତ ଜମି ବ୍ୟବହାର ବ୍ୟବସ୍ଥା ରହିବ। ଏହି ନୂଆ ସହରରେ ଏମ୍ଆଇସିଇ (ମିଟିଂ, ଇନ୍‌ସେଣ୍ଟିଭ୍‌ସ, ଏକ୍‌ଜିବିସନ୍ ଆଦି) ସୁବିଧା, ଇନୋଭେସନ୍ ହବ୍, ଡାଟା ମ୍ୟାନେଜମେଣ୍ଟ ସେଣ୍ଟର, କେନ୍ଦ୍ରୀୟ ବନ ଉଦ୍ୟାନ, ଗେଟ୍‌ୱେ ପ୍ଲାଜା ସହ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ବିସ୍ତୃତ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ବିଶ୍ୱସ୍ତରୀୟ ସହରର ରୂପରେଖ ପ୍ରସ୍ତୁତ କରାଯିବ ଯାହା ଲୋକଙ୍କ ମଧ୍ୟରେ ସମ୍ପର୍କକୁ ନିବିଡ଼ କରିବା ସହ ଉନ୍ନତ ଭିତ୍ତିଭୂମି ଯୋଗାଇଦେବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି, ଆଗକୁ ସ୍ଥାନୀୟ ପ୍ରତିନିଧି, ହୋଟେଲ, ରିୟଲ୍ ଇଷ୍ଟେଟ୍ ଓ ପରିବହନ କ୍ଷେତ୍ରର ଷ୍ଟେକ୍‌ହୋଲ୍ଡରଙ୍କ ବୈଠକ କରାଯିବ। ଆଉ ୯ ମାସ ଭିତରେ ଏହି ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇଯିବ। ଏହି ବୈଠକରେ ଏସ୍‌ଜେଆଇ ଓ ଜେଏଲ୍ଏଲ୍ ପ୍ରତିନିଧିଙ୍କ ସହ ବନବିଭାଗ, ପୂର୍ତ୍ତବିଭାଗ, ଆଇଟି, ଶିଳ୍ପ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟ କ୍ୟାବିନେଟ୍ ୨୦୨୫ ସେପ୍ଟେମ୍ବରରେ ଏହି 'ନ୍ୟୁ ସିଟି' ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଭୁବନେଶ୍ୱର ଉନ୍ନୟନ ଯୋଜନା ଅଞ୍ଚଳ (ବିଡିପିଏ) ଭିତରେ ଗୋଠପାଟଣା, ମଳିପଡ଼ା ଓ ଦାସପୁର ମୌଜାର ପ୍ରାୟ ୮୦୦ ଏକର ଜମିରେ ଏହି ଆଧୁନିକ ସହର ଗଢ଼ାଯିବ।

# ସ୍ତ୍ରୀକୁ ମାରି ବସ୍ତାରେ ଭର୍ତ୍ତି କରି ନଦୀ କୂଳରେ ପୋତିଦେଲା ଜହ୍ଲାଦ ସ୍ୱାମୀ

**ଚୌଦ୍ୱାର ୩୧ ।୫ ନ୍ୟୁଜ ବ୍ୟୁରୋ**



ପ୍ରେମ କରି ବିବାହ କରିଥିଲେ, କିନ୍ତୁ ପ୍ରେମ ବେଶୀ ଦିନ ତିଷ୍ଠି ରହିଲାନି । ଶେଷରେ ତଣ୍ଟିଚିପି ମାରି ପୋତିଦେଲା ସ୍ୱାମୀ। ଏଭଳି ଘଟଣା ଘଟିଛି କଟକ ଜିଲ୍ଲା ଟାଙ୍ଗୀ ଥାନା ଭଟିମୁଣ୍ଡା ସାରଗାଁ ଗ୍ରାମରେ। ସୂଚନାଯୋଗ୍ୟ ଯେ, ଭଟିମୁଣ୍ଡା ଗ୍ରାମର ମଳୟ ସାମଲ ୨୦୧୯ ମସିହାରେ ଜଗତସିଂହପୁର ବାଲିକୁଦା ଥାନା ଅଞ୍ଚଳ ଗରାମ ଗ୍ରାମରେ ବନିତା ସେଠୀଙ୍କୁ ଭଲ ପାଇ ବିବାହ କରିଥିଲେ। ଦୁହେଁ ବାଲିକୁଦା ଅଞ୍ଚଳରେ ରହୁଥିବା ବେଳେ ଗତ ଦୁଇ ବର୍ଷ ହେବ ସେମାନେ ଗାଁକୁ ଆସିଥିଲେ । ବନିତା ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ମଳୟ ରାଜମିସ୍ତ୍ରୀ କାମ କରନ୍ତି । ମାତ୍ର ପାରିବାରିକ କଳହରୁ ଦୁହିଁଙ୍କ ମଧ୍ୟରେ କଳି ଝଗଡା ଲାଗି ରହିଥିଲା। ଗତ ୩-୪ ଦିନ ହେବ ବନିତା ରହୁଥିବା ଘରକୁ ନ ଫେରିବାରୁ ବନିତାଙ୍କ ସମ୍ପର୍କୀୟ ବନିତାର ବାପଘର ଲୋକଙ୍କୁ ଜଣାଇଥିଲେ। ଏନେଇ ବାପଘର ଲୋକେ ଟାଙ୍ଗୀ ଥାନାରେ ଅଭିଯୋଗ କଲା ପରେ ଟାଙ୍ଗୀ ପୋଲିସ ବନିତାଙ୍କ ସ୍ୱାମୀ ମଳୟକୁ ଧରି ପଚରା ଉଚରା କରିବା ପରେ ସେ ସତ ମାନିଥିଲା । ମଳୟ ପୋଲିସକୁ କହିଥିଲା ବନିତାକୁ ମାରି ବସ୍ତାରେ ଭର୍ତ୍ତି କରି ମେଣ୍ଟାଖାଇ ନଦୀ କୂଳରେ ପୋତି ଦେଇଛି । ଯାହାକୁ ନେଇ ପୋଲିସ ତାକୁ ଘଟଣାସ୍ଥଳକୁ ଆଣି ଜାଗା ଚିହ୍ନଟ କରିବା ପରେ ପରିବାର ଲୋକ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମହିଳାଙ୍କ ଶବ ଖୋଳି ଉଦ୍ଧାର କରିବା ସହିତ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି। ପୋଲିସ ହତ୍ୟାରେ ବ୍ୟବହୃତ ଏକ ଫାଉଡା ଓ ମହିଳାଙ୍କ ଓଢ଼ଣୀ ଜବତ କରିବା ସହିତ ଏନେଇ ମଳୟକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି ପୋଲିସ।





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ପରହେଲା ଜଙ୍ଗଲ : ପେଟ ପାଟଣା ପାଇଁ ସଂଘର୍ଷ କରୁଛନ୍ତି ମାଙ୍କଡିଆ

**ନୀଳଗିରି,୩୧/୦୫ ନ୍ୟୁଜ ବ୍ୟୁରୋ**

ଶିମିଳିପାଳ, କୁଲଡିହା ଜଙ୍ଗଲରେ ଶହ ଶହ ବର୍ଷ ଧରି ରହିଆସୁଥିବା ଅତି ଅସୁରକ୍ଷିତ ଆଦିବାସୀ ଗୋଷ୍ଠୀ ମାଙ୍କିଡ଼ିଆଙ୍କ ପାଇଁ ଜଙ୍ଗଲ ଏବେ ପର ହୋଇଗଲାଣି । ବ୍ୟାଘ୍ର ପ୍ରକଳ୍ପ ଓ ଅଭୟାରଣ୍ୟ ଆଇନ୍ କଟକଣା ଯୋଗୁଁ ନୀଳଗିରି ତହସିଲର ଛତ୍ରପୁର ଗାଁରେ ଥଇଥାନ ହୋଇଛନ୍ତି ଏହି ଯାଯାବର ଗୋଷ୍ଠୀ । ମାଙ୍କଡ଼ ଧରିବା ଓ ଶିଆଳିଲତାରୁ ଦଉଡ଼ି ତିଆରି ଏମାନଙ୍କ ପାରମ୍ପରିକ ଜୀବିକା। "ତଣ୍ଡା' ନାମକ ଛୋଟ ଗୋଷ୍ଠୀରେ ରହି ପତ୍ରର "କୁମ୍ଭା' ଘରେ ଏମାନେ ଦିନ କାଟୁଥିଲେ । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ମାତ୍ର ୨୨୨୨ ଥିଲା। ହେଲେ ଏବେ ଏହା ୧୦ ହଜାରକୁ ଛୁଇଁଲାଣି ।

ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ଲାଗୁ ହେବା ପରେ ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସେମାନଙ୍କ ପାଇଁ ସଂଗ୍ରହ ବନ୍ଦ ହୋଇଗଲା । ଶିଆଳିଲତା, ମହୁ, ସବାଇ ଘାସ ସଂଗ୍ରହ ଉପରେ କଟକଣା ଲାଗିଲା। ଛତ୍ରପୁର ଗାଁର ସାଇବୁ ମାଙ୍କିଡ଼ିଆ କୁହନ୍ତି, "ଜଙ୍ଗଲ ଆମ ମା' । ଶିଆଳି ନ ପାଇଲେ ଦଉଡ଼ି ତିଆରି କରିବୁ କେମିତି ? ପିଲାଙ୍କୁ ଖୁଆଇବୁ କ'ଣ ? ତାଙ୍କର କହିବା ଅନୁସାରେ ବନ ଦେବତା ତାଙ୍କୁ ସୁନାଥଳି ବଦଳରେ ଯାଦୁକରୀ ଦଉଡ଼ି ଦେଇଥିଲେ। ସେହି ଦଉଡ଼ିରେ ଶକ୍ତି ଥିଲା ମାଙ୍କଡ଼ ଧରିବା, ଆହତ ପଶୁଙ୍କୁ ଭଲ କରିବା, ଖରାପ ଆତ୍ମାକୁ ଘଉଡ଼ାଇବା । ଆଜିବି ଶିଆଳି ଦଉଡ଼ି ସେମାନଙ୍କର ପରିଚୟ ହୋଇ ରହିଛି। ସୂଚନାରୁ ପ୍ରକାଶ, ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁରସ୍ଥିତ ମାଙ୍କଡିଆ ବସ୍ତିରେ ପୂର୍ବରୁ ୩୦ଟି ମାଙ୍କଡିଆ ପରିବାର ରହୁଥିବା ବେଳେ ଏବେ ୬୦ରୁ ଊର୍ଦ୍ଧ୍ୱ ହେଲେଣି । ଏଠାରେ ରହୁଥିବା ମାଙ୍କିଡ଼ିଆ କୁହନ୍ତି ଜଙ୍ଗଲ ଆଇନ ଓ କଟକଣା ଆମ ରୋଜଗାର ଛଡ଼ାଇ ନେଇଛି । ଦିନେ ଆମେ ଜଙ୍ଗଲରେ ରାଜା ଥିଲୁ । ଆମର ବାପା ଦାଦା ଜଙ୍ଗଲରେ ରହୁଥିଲେ। ଜଙ୍ଗଲରେ ପତ୍ରର କୁମ୍ଭା



ଘର ଥିଲା। ମାଙ୍କଡ଼ ଶିକାର କରି ମଧ ଖାଉଥିଲୁ। ଜଙ୍ଗଲରୁ ଶିଆଳି ଲତା ଆଣି ସେଥିରୁ ଦଉଡ଼ି ବୋଳିବା ସହ ଶିକା, ପଘା, ବିଭିନ୍ନ ସରଞ୍ଜାମ କରୁଥିଲୁ । ଶିଆଳିରେ ନିର୍ମିତ ସାମଗ୍ରୀର ଚାହିଦା ବହୁତ ଅଧିକ ଥିଲା। ହେଲେ ବନ ବିଭାଗ କଟକଣା ପାଇଁ ଜଙ୍ଗଲକୁ ଯାଇ ନହେବାରୁ ସିମେଣ୍ଟ ବୁରାକୁ ଆଣି ସେଥିରୁ ଏହି ସାମଗ୍ରୀ କରି ଚଳି ଆସୁଛୁ। ପରିବାର ପେଟ ପୋଷିବା ପାଇଁ କିଏ ଶ୍ରମିକ ଭାବେ କାମ କରୁଛି ତ ଆଉ କିଏ ମହୁ ସଂଗ୍ରହକୁ ଆପଣାଇ ନେଇଛନ୍ତି । ଛତ୍ରପୁର ଠାରେ ମାଙ୍କିଡ଼ିଆ ସାହି ରହିଛି, ହେଲେ ସରକାରଙ୍କ ଶୁଭ ଦୃଷ୍ଟି ପଡ଼ିନାହିଁ। ଗାଁରେ ଗୋଟିଏ ବି ନଳକୂପ ନାହିଁ । ପାଇପ୍ ପାଣି ସଠିକ୍ ସମୟରେ ଆସୁନାହିଁ। ଗାଁରେ ଥିବା କୂଅ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି । ଅନେକ ସମୟରେ ଏହି ପାଣି ପିଇ ଝାଡ଼ାବାନ୍ତି ମଧ୍ୟ ହେଉଛି। ପାହାଡ଼ ମୂଳରେ ମାଙ୍କିଡିଆ ବସ୍ତି ଥିବାବେଳେ ବର୍ଷା ହେଲେ ପାଣି ଗାଁରେ ଥିବା ଘର ଭିତରକୁ ପଶିଯିବାରୁ ନାହିଁଥିବା ହଇରାଣ ହୁଅନ୍ତି । ଥଣ୍ଡା ଜ୍ୱରରେ ପୀଡ଼ିତ ହୋଇ ଅନେକଙ୍କ ଅକାଳରେ ଜୀବନ ହାନି ହୋଇଥିବା ଅଭିଯୋଗ ଉଠିଛି । ଏବେ ପେଟ ପୋଷିବା ପାଇଁ ଅନେକ ଯୁବକ ଗାଁ ଗାଁରେ ବୁଲି ମହୁଫେଣା ଭାଙ୍ଗି ମହୁ ସଂଗ୍ରହ କରି ବିକିଥାନ୍ତି । ମାଙ୍କଡ଼କୁ ବଶକରି ଜାଲ ବିଛାଇ ଧରିବା କୌଶଳ ପାଇଁ କେଉଁଠି ମାଙ୍କଡ଼ ଉପଦ୍ରବ କରିଲେ ତାଙ୍କୁ ଡାକରା ହେଉଥିଲା । ହେଲେ ଆଉ ତାହା ମଧ ହେଉନାହିଁ । ତେବେ ଜଙ୍ଗଲ କଟକଣା କୋହଳ କରି ଶିଆଳିଲତା ସଂଗ୍ରହ କରିବାକୁ ଅନୁମତି ଦେଲେ ହୁଏତ ପୁରୁଣା କୌଳିକ ବୃତ୍ତି ଫେରି ଆସିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେହି ମାଙ୍କିଡିଆ ସାହିର ଗୌର ଖେରଓ୍ୱାଳ, ଟୁକୁଲୁ ମାଙ୍କିଡିଆ, ଗୁଡ଼ଲି ଖେରଓ୍ୱାଳ, ପାଣିଗିରି ଖେରଓ୍ୱାଳ, ସନ୍ତୋଷ ଖେରଓ୍ୱାଳ ପ୍ରମୁଖ କହିଛନ୍ତି । କେବଳ ସେତିକି ନୁହଁ ପକ୍କାଘର ସହ ପାହାଡ଼ ମୂଳରେ ବଡ଼ ଡ୍ରେନ ନିର୍ମାଣ କଲେ ଗାଁର ଦୁରବସ୍ଥା ସ୍ୱାଭାବିକ ହୋଇପାରିବ । ବିଶେଷଜ୍ଞଙ୍କ ମତରେ ପରମ୍ପରା ଓ ଆଧୁନିକତା ଭିତରେ ସନ୍ତୁଳନ ହିଁ ମାଙ୍କିଡିଆଙ୍କୁ ବଞ୍ଚେଇ ପାରିବ । ନଚେତ ୨ ହଜାର ବର୍ଷର ସଂସ୍କୃତି ୨୦ ହଜାର ମାଙ୍କିଡିଆ ଲୋକଙ୍କ ସହ ହଜିଯିବ । ସରକାରଙ୍କ ଶୁଭଦୃଷ୍ଟି ନପଡ଼ିଲେ ଏହି ବିରଳ ଜାତି ଓ ତାଙ୍କର କୌଳିକ ବୃତ୍ତି ଦିନେ ବିଲୁପ୍ତ ହୋଇଯିବ । ତେବେ ଏହି ସମସ୍ୟା ନେଇ ସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ ନିଜେ ଏହି ଗାଁକୁ ଯାଇ ସ୍ଥିତି ପରଖିବା ସହିତ ସେମାନେ ସରକାରୀ ଯୋଜନା କିଭଳି ପାଇ ପାରିବେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି ।